

RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ବାସ୍ତବତାର୍ ପରିପ୍ରକାଶ
ପ୍ରାଚୀ
PRACHEE
ଅଗଷ୍ଟ ୨୦୧୯
ମୂଲ୍ୟ : ୨୫ ଟଙ୍କା



**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୂର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ପଞ୍ଚମ ବର୍ଷର ପଞ୍ଚମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-5, August 2019, Issue No. V
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର
ପ୍ରସନଜିତ୍ ସାହୁ
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...


ପ୍ରାରବ୍ଧ କର୍ମରୁ ବ୍ୟକ୍ତିତ୍ୱ
- ଇଂ. ହରିହର ସେଠୀ ୭

କଲମ
- ଅଙ୍କିତା ପାଢ଼ୀ ୧୦

ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ
- ଅଶ୍ୱିନୀ କୁମାର ସେଠୀ ୧୧

ଧାର୍ମିକ ପୃଷ୍ଠଭୂମିରେ ଭାଇଜିଉଁନ୍ତିଆ ଓଷା
- ଶ୍ରୀ କୁଞ୍ଜ ବିହାରୀ ସାହୁ ୧୪

ପାଲି ସାହିତ୍ୟର ଗୀତା ; ଧମ୍ମପଦ, ଏକ ଆଲୋଚନା
- ଶ୍ରୀଯୁକ୍ତ ଲଳିତ କୁମାର ସୁନାରୀ ୧୭

ଅଗ୍ନିପଥ
- ଗୀତାଞ୍ଜଳି ନାୟକ ୨୨

ସେ ଦିନ
- ସୁଜାତା ସାହୁ ୨୫

ଅମଣିଷ
- ସୁଧାଂଶୁ ଶେଖର ଦ୍ୱିବେଦୀ ୨୭

ଅଭିଶପ୍ତ ଜୀବନ
- ଶାସ୍ୱତୀ ସାମଲ ୨୯

ଗାଁ ମାଷ୍ଟର
- ଲିଳାମତୀ ମହାପାତ୍ର ୩୧

ଏମିତି ଏକ ବିବାହ
- ଦେବାଶିଷ ମିଶ୍ର ୩୩

ଓଡିଆ କାବ୍ୟ, କବିତାରେ ପାନ
- ଅଧ୍ୟାପକ ପବିତ୍ର ମୋହନ ବାରିକ ୩୬

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ................................................................................................
ଠିକଣା ........................................................ ପିନ୍‌କୋର୍ଡ଼ ..................................
ମୋବାଇଲ୍ ନମ୍ବର ....................................... ଇ-ମେଲ୍ .........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................... ତାରିଖ.......................................
ବ୍ୟାଙ୍କ୍.......................................... ସ୍ଥାନ..................................................
ତାରିଖ........................................ ଦସ୍ତଖତ..............................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ପ୍ରାରବ୍ଧ କର୍ମରୁ ବ୍ୟକ୍ତିତ୍ୱ

- ଇଂ. ହରିହର ସେଠୀ

ଅଧିକାଂଶ ଧର୍ମଶାସ୍ତ୍ର ପୁନର୍ଜନ୍ମରେ ବିଶ୍ୱାସ କରନ୍ତି । ଜନ୍ମଲାଭ ପରେ ମନୁଷ୍ୟ ଆଂଶିକ ଲୀଳା ଅଥବା ସମ୍ପୂର୍ଣ୍ଣଲୀଳା ଶେଷ କରି ଭବଲୀଳା ସାଙ୍ଗ କରୁଛନ୍ତି । ଏହା ନିତ୍ୟ ନିୟତ ଚାଲିଛି । କାଳର ମହାସ୍ରୋତରେ ଏହି ପ୍ରବାହ ଅନବରତ ଚାଲିଛି ।

ସୃଷ୍ଟିରେ ମଣିଷ ଅନନ୍ତ ଯାତ୍ରା ପଥର ପଥିକ, ମାତ୍ର ଏହି ନିରବଚ୍ଛିନ୍ନ ଗତିର ଶେଷ କେଉଁଠି ? କର୍ମମୟ ଜୀବନ ଏକ ଅଖଣ୍ଡ ଧନୁରୁତ୍ସବ । ମଣିଷ ସେଥିରେ ଅନବରତ ତୀର ଚଳାଇ ଚାଲିଛି । ଫଳାଫଳ ତା' ହାତରେ ନାହିଁ । ବର୍ତ୍ତମାନର କର୍ମଫଳ ଇହଜନ୍ମରେ ନିଶ୍ଚୟ ଭୋଗ ହୋଇପାରେ ବା ନ ପାରେ । ମାତ୍ର ଗତଜନ୍ମର କର୍ମଫଳ ଇହଜନ୍ମରେ ନିଶ୍ଚୟ ଭୋଗ କରିବାକୁ ପଡିବ । ତାହା ହିଁ ପ୍ରାରବ୍ଧ । ଗତ ଜନ୍ମରେ ତୁମେ ଯେଉଁ ଫସଲ ଉତ୍ପାଦନ କରିଛ, ଏ ଜନ୍ମରେ ତାକୁ ଭୋଗ କରିବ । ତାହା ତୁମର ବିଧି ନିର୍ଦ୍ଦିଷ୍ଟ । ସତ୍ କର୍ମ କରିଥିଲେ ଫଳ ନିଶ୍ଚୟ ଶୁଭଙ୍କର । ମାତ୍ର ଅସତ୍ କର୍ମର ଫଳ ଅତ୍ୟନ୍ତ ମର୍ମନ୍ତୁଦ । ତାହା ତୁମକୁ ଭୋଗ କରିବାକୁ ହେବ ହିଁ ହେବ ।

**ସଂଚିତ କର୍ମ–** ଆମେ ଯେଉଁ ସବୁ କର୍ମ କରୁ, ତହିଁରୁ ଫଳ ଯାହା ଯେତିକି ଏଇ ଜନ୍ମରେ ଭୋଗ ହେବାର ହୋଇଯାଏ । ଯୋଉତକ ଭୋଗ ହୋଇନପାରି ରହିଯାଏ । ତାହା 'ସଂଚିତ କର୍ମ' ଭଣ୍ଡାରକୁ ଚାଲିଯାଏ ଓ ଭବିଷ୍ୟତ ଜନ୍ମରେ ଭୋଗ ହେବା ପାଇଁ ଗଛିତ ହୋଇ ରହେ । ଏହି ଗଛିତ କର୍ମକୁ କୁହାଯାଏ 'ସଂଚିତ କର୍ମ' । ଏହା ସତ୍‌କର୍ମ ହୋଇପାରେ ଅଥବା ଅସତ୍‌କର୍ମ ବି ହୋଇପାରେ । ଧରାପୃଷ୍ଠରେ ଆମେ ଜନ୍ମ ହେବା ସମୟରେ ପଞ୍ଜିକାରଗଣ ବା କର୍ମଦେବଗଣ (ଲିପିକାର) ପ୍ରାରବ୍ଧ କର୍ମକୁ ଆମ ସହିତ ଯୋଡି ଦେଇଥାନ୍ତି । ବ୍ୟକ୍ତିର ଜୀବନକାଳ ମଧ୍ୟରେ ସେ ଯେଉଁ କର୍ମ କରେ ତାହା ସତ୍ ହେଉ ବା ଅସତ୍ ହେଉ ଈଶ୍ୱର ତା' ଉପରେ ଛାଡି ଦେଇଛନ୍ତି । ତଦନୁଯାୟୀ ବ୍ୟକ୍ତି ଚରିତ୍ରରେ ସଂଚିତ ସତ୍‌କର୍ମ ବୃଦ୍ଧି ହୋଇଥାଏ କିମ୍ବା ଅସତ୍‌କର୍ମ ବୃଦ୍ଧି ଘଟିଥାଏ । ଯାହାକି ସେ ପରଜନ୍ମରେ ଭୋଗ କରେ । ଏହିପରି ଭାବରେ କ୍ରିୟମାଣ, ସଂଚିତ ଓ ପ୍ରାରବ୍ଧ ପ୍ରତ୍ୟେକ ପରସ୍ପର ସହିତ ଏକ ଶିକୁଳିରେ ବନ୍ଧା । ସେ ଦୃଷ୍ଟିରୁ ବିଚାର କରି ଦେଖାଯାଇଛି ପ୍ରାରବ୍ଧରୁ ମୁଖ୍ୟତଃ ଚାରି ପ୍ରକାର ମନୁଷ୍ୟଙ୍କ ସୃଷ୍ଟି । ଈଶ୍ୱରଙ୍କ ସୃଷ୍ଟ ଜୀବଜଗତରେ ମନୁଷ୍ୟ ଶ୍ରେଷ୍ଠ ଜୀବ ଈଶ୍ୱର ଦତ୍ତ ତାହାର ବୁଦ୍ଧି ବିବେକ ଜ୍ଞାନ ପାଇଁ । ପୂର୍ବାର୍ଜିତ କର୍ମଫଳ ହେତୁ ମନୁଷ୍ୟର ଚରିତ୍ର ବିଚାର ତାଙ୍କୁ ଶ୍ରେଣୀଜଗତରେ ବିଭକ୍ତ କରାଇଥାଏ ।

ଯଜନ୍ତେ ସାତ୍ତ୍ୱିକା ଦେବାନ୍ ଯକ୍ଷରକ୍ଷାଂସି ରାଜସାଃ
ପ୍ରେତାନ୍ ଭୂତଗଣାଂଶ୍ଚାନ୍ୟେ ଯଜନ୍ତେ ତାମସା ଜନାଃ ।

(୪/୧୭-ଗୀତା)

ଅର୍ଥାତ୍ ସାତ୍ତ୍ୱିକ ପ୍ରକୃତିର ଲୋକମାନେ ଦେବତାମାନଙ୍କୁ ପୂଜା କରନ୍ତି; ରାଜସିକ ପ୍ରକୃତିର ଲୋକମାନେ ଯକ୍ଷ ଓ ରାକ୍ଷସମାନଙ୍କୁ ପୂଜା କରନ୍ତି ଏବଂ ତାମସିକ ଲୋକମାନେ ପ୍ରକୃତିର ଲୋକେ ଭୂତପ୍ରେତଙ୍କୁ ପୂଜା କରନ୍ତି । ଏତଦ୍‌ବ୍ୟତୀତ ଅଧମ ଶ୍ରେଣୀର ବ୍ୟକ୍ତିମାନେ କାହାକୁ ପୂଜା କରନ୍ତି ନାହିଁ ।

**ପ୍ରଥମ ଶ୍ରେଣୀ–** ଏ ଶ୍ରେଣୀୟ ବ୍ୟକ୍ତିମାନେ ସଂସାରରେ ଜନ୍ମ ଲାଭ କଲାପରେ ସମସ୍ତ ସୁଖ ଭୋଗ କରିଥାନ୍ତି । ଏହି ସୁଖ ଭୋଗ ପ୍ରାରବ୍ଧଜନିତ ପୁଣ୍ୟରୁ ମିଳିଥାଏ । ଇହଲୋକରେ ତାଙ୍କର ସମସ୍ତ ପୁଣ୍ୟ ଶେଷ ହୋଇଯାଇଥାଏ । ସେମାନେ ନୂତନ ପୁଣ୍ୟ ଅର୍ଜନ କରିନଥାନ୍ତି । ତେଣୁ ପରଲୋକରେ ସୁଖଭୋଗ ତାଙ୍କ ଭାଗ୍ୟରେ ଆସିନଥାଏ ।

**ଦ୍ୱିତୀୟ ଶ୍ରେଣୀ–** ପୂର୍ବଜନ୍ମରେ କୌଣସି ପୁଣ୍ୟ ନଥିବାରୁ ଏ ଜନ୍ମରେ ଏହି ଶ୍ରେଣୀୟ ବ୍ୟକ୍ତିମାନେ ବହୁ ଦୁଃଖ-କଷ୍ଟ, ବାଧା-ବିଘ୍ନର ସମ୍ମୁଖୀନ ହୋଇ ଗତି କରୁଥିଲେ ମଧ୍ୟ ଧର୍ମ ମାର୍ଗରେ ପରିଚାଳିତ ହୋଇ ପରୋପକାର, ସେବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରିଥାନ୍ତି । ଫଳତଃ ସଂଚିତ ପୁଣ୍ୟ ବଳରେ ପର ଜନ୍ମରେ ସୁଖଭୋଗ ତାଙ୍କ ପାଇଁ ସୁଲଭ ହୋଇଥାଏ ।

**ତୃତୀୟ ଶ୍ରେଣୀ–** ପୂର୍ବାର୍ଜିତ ପୁଣ୍ୟସହ ଏ ଜନ୍ମରେ ମଧ୍ୟ ସେମାନେ ମହତ୍ କାର୍ଯ୍ୟରେ ନିଜକୁ ନିୟୋଜିତ କରି ପୁଣ୍ୟ ଅର୍ଜନ କରିଥାନ୍ତି । ତେଣୁ ଇହ ଜନ୍ମରେ ସୁଖଭୋଗ ସହିତ ପରଜନ୍ମରେ ସୁଖଭୋଗ ପାଇଁ ପୁଣ୍ୟ ସଂଚିତ ହୋଇ ରହିଥାଏ ।

**ଚତୁର୍ଥ ଶ୍ରେଣୀ-** ଏ ଶ୍ରେଣୀୟ ବ୍ୟକ୍ତିଙ୍କର ପ୍ରାରବ୍ଧ ଜନିତ ପୁଣ୍ୟ ନ ଥାଏ । ଏ ଜନ୍ମରେ ମଧ୍ୟ ସେମାନେ ପୁଣ୍ୟ ଅର୍ଜନ କରିବା ପାଇଁ ପ୍ରୟାସ କରିନଥାନ୍ତି ।

ଆହାର ନିଦ୍ରା ଭୟ ମୈଥୁନଂ ଚ
ସାମାନ୍ୟ ମେତତ୍ ପଶୁଭିର୍ନରାଣାଂ
ଧର୍ମୋହି ତେଷାମଧିକୋ ବିଶେଷଃ
ଧର୍ମେଣ ହୀନାଃ ପଶୁଭିଃ ସମାନାଃ । (ଚାଣକ୍ୟ ନୀତି ଶ୍ଳୋକ)

ଖାଇବା, ଶୋଇବା, ଭୟ ଓ ସ୍ତ୍ରୀ ସଂଗମ ପ୍ରଭୃତି କାର୍ଯ୍ୟ ପଶୁ ଓ ମାନବର ସାଧାରଣ ଧର୍ମ ଅଟେ । କିନ୍ତୁ ସଦ୍‌ଗତ ବିଚାରଜ୍ଞାନ ମନୁଷ୍ୟମାନଙ୍କର ବିଶେଷ ଧର୍ମ ଅଟେ । ଫଳରେ ଜ୍ଞାନହୀନ ବ୍ୟକ୍ତିମାନେ ପଶୁ ସଦୃଶ ଅଟନ୍ତି । ତେଣୁ ଏ ଶ୍ରେଣୀୟ ବ୍ୟକ୍ତିମାନଙ୍କୁ ନରାଧମ ବୋଲି କୁହାଯାଇପାରେ ।

## ବ୍ୟକ୍ତି ଚରିତ୍ର (ଦେବ, ମାନବ, ଦାନବ ଚିନ୍ତାଧାରାରେ)

ସତ ଠାରୁ ବଳି ପରମ ଧର୍ମ ନାହିଁ । ମିଥ୍ୟା ଠାରୁ ବଳି ପାପ ନାହିଁ, ଯେ ନିଷ୍ପାପ ସମଦର୍ଶୀ, ଶତ୍ରୁ ମିତ୍ର ଉଦାସୀନ ସମସ୍ତଙ୍କୁ ସମାନ ଭାବରେ ଦେଖେ, ତାହାର ସମସ୍ତ ପାପ ବିନଷ୍ଟ ହୁଏ, ସେ ବିଷ୍ଣୁ ସାଯୁଜ୍ୟ ଲାଭ କରେ । ତାହା ଠାରେ ସତ୍ୟ, ଦମ, ଶମ, ଧୈର୍ଯ୍ୟ, ସ୍ଥିରତା, ଅଲୋଭ, ଅନୈଶ୍ୱର୍ଯ୍ୟ ଏବଂ ଅନାଳସ୍ୟ ରହେ । ସେ ଧର୍ମଜ୍ଞ ଦେବ ଓ ନର ଲୋକର ସକଳ ବିଷୟ ଜାଣିପାରେ । ତା' ଦେହରେ ଶ୍ରୀହରିଙ୍କ ନିବାସ, ଜଗତରେ ତା' ସମାନ କେହି ନୁହେଁ । ଯେ ସତ୍ୟ, ସରଳ ଓ ସମଦର୍ଶୀ ସେ ସାକ୍ଷାତ୍ ଧର୍ମମୟ ।

## ଦିବ୍ୟ ପ୍ରବୃତ୍ତି

ପ୍ରଥମେ ମଣିଷକୁ ମଣିଷ ପରି ବଂଚି ରହିବାକୁ ହେବ । ମଣିଷ ଠାରେ ଚାରୋଟି ପ୍ରବୃତ୍ତି ଦେଖାଯାଏ- ପାଶବିକ ପ୍ରବୃତ୍ତି, ଆସୁରିକ ପ୍ରବୃତ୍ତି, ମାନବୀୟ ପ୍ରବୃତ୍ତି ଓ ଦିବ୍ୟ ପ୍ରବୃତ୍ତି । ମନୁଷ୍ୟ ଜନ୍ମ ପାଇବା ପୂର୍ବରୁ ସେ ନାନା ସ୍ତରରେ ଜୀବନ କଟାଇ କ୍ରମୋନ୍ନତି ପଦ୍ଧତିରେ ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ଜନ୍ମ ପାଇଛି । ଏଥିପାଇଁ ତାହା ଠାରେ ସ୍ୱାର୍ଥପରତା, ଅହଂକାର, ଦ୍ୱେଷ ଓ କ୍ରୋଧ ପ୍ରଭୃତି ବିଭିନ୍ନ ପଶୁ ସ୍ୱଭାବ ଦେଖାଯାଏ । ଆସୁରିକ ସ୍ୱଭାବ ହେଉଛି ଅଭିଜ୍ଞତାର ଫଳ । ସେ କେବଳ ଦୈହିକ ସୁଖ ପାଇଁ ଅହୋରାତ୍ର ସଂଘର୍ଷ କରିଚାଲିଛି । ପ୍ରକୃତ ମାନବ ଜୀବନର ଅଭିପ୍ରାୟ ବିଷୟରେ ସେ ଅଜ୍ଞ । ମାନବୀୟ ଜୀବନଯାପନ ପାଇଁ ଦେହ, ମନ ଓ ଆତ୍ମାର ସମନ୍ୱୟତା ବିଷୟ ଜାଣିବା ଆବଶ୍ୟକ । ଦେହ ସାହାଯ୍ୟରେ କର୍ମ କରିବା, ମନ ଦ୍ୱାରା କର୍ମର ମହତ୍ତ୍ୱ ବୁଝିବା ଏବଂ ଆତ୍ମାକୁ ଏହାର ସାକ୍ଷୀ ଭାବରେ ଗ୍ରହଣ କରିବାରେ ମାନବତ୍ୱ ନିହିତ । କର୍ମ, ଚେତନା ଓ ଉପଲବ୍ଧି ଏହି ତିନୋଟି ଦ୍ୱାରା ମାନବ ଜୀବନର ଅନ୍ତରାର୍ଥ ପ୍ରକଟିତ ।

ମନୁଷ୍ୟକୁ ମନୁଷ୍ୟୋଚିତ ମର୍ଯ୍ୟାଦା ଦିଆଯିବା ଉଚିତ୍ । ଏକ ଦିବ୍ୟତ୍ୱ ସବୁ ଜୀବ ଭିତରେ ଅଛି ବୋଲି ତୁମର ବିଶ୍ୱାସ ରହିବା ଉଚିତ୍ । ଏହା ସବୁ ଜୀବ ଭିତରେ ଥିବା ତିନୋଟି ଦିବ୍ୟ ଲକ୍ଷଣ ଦ୍ୱାରା ସୂଚିତ-ଅସ୍ତି, ଭାଁତି ଓ ପ୍ରିୟମ୍ । ଏହା 'ସତ୍, ଚିତ୍ ଆନନ୍ଦ' ଦ୍ୱାରା ମଧ୍ୟ ଅଭିବ୍ୟକ୍ତି । ସତ୍ ଅପରିବର୍ତ୍ତିତ ସତ୍ତାକୁ ସୂଚିତ କରେ । ଏହା ଦିବ୍ୟଗୁଣ । ପ୍ରତ୍ୟେକ ବସ୍ତୁର ସଂପୂର୍ଣ୍ଣ ପ୍ରକୃତିକୁ ଜାଣିବାର ସମଗ୍ର ଚେତନାକୁ 'ଚିତ୍' ସୂଚିତ କରେ ସତ୍ ଓ ଚିତ୍ ଏକାଠି ହେଲେ 'ଆନନ୍ଦ' ମିଳେ । ଏହି ଆନନ୍ଦ ଅପରିବର୍ତ୍ତନୀୟ । ଏହାକୁ ବ୍ରହ୍ମାନନ୍ଦ ଭାବେ ବର୍ଣ୍ଣନା କରାଯାଇଛି । ନାମ ଓ ରୂପ ନିରନ୍ତର ବଦଳି ଚାଲିଛି । ସେଗୁଡିକ କ୍ଷଣିକ । ସେଥିପାଇଁ ସେମାନଙ୍କ ସହିତ ଅସ୍ଥାୟୀ ଭାବରେ ବ୍ୟବହାର କରିବାକୁ ହେବ । ମନରେ କ୍ଷମା ଭାବ ସୃଷ୍ଟି କଲେ ତା'ର ପ୍ରତିଦାନରେ ଶାନ୍ତି ମିଳିବାରେ ଲାଗିଥାଏ । ପ୍ରେମଭାବ ମନରେ ସୃଷ୍ଟି କଲେ ତା'ର ପ୍ରତିବାଦରେ ପ୍ରେମ ଆନନ୍ଦ ମିଳିଥାଏ । ଏଣୁ ଏ ପୃଥିବୀର ପ୍ରକୃତ ମଣିଷ ରୂପେ ରହିବା ପାଇଁ ହେଲେ ନିଜ ମନରୁ ହିଂସା ରୂପକ ବିକାରକୁ ଜଳାଞ୍ଜଳି ଦେବା ପାଇଁ ପଡିବ ହିଂସା ଏକ ପାପ ପ୍ରବୃତ୍ତି ହୋଇଥାଏ । ଏହା ନିଜକୁ, ନିଜ ପରିବାରକୁ ଓ ସମଗ୍ର ମାନବ ଜାତିକୁ ଧ୍ୱଂସ ମୁଖକୁ ଟାଣି ନେଇଥାଏ । ଏଣୁ ବିଶ୍ୱବାସୀ ଅହିଂସା ନୀତିକୁ ସଦା ଅସ୍ତ୍ର ଭାବେ ବ୍ୟବହାର କରିବା ଉଚିତ୍ ।

**ମାନବ ଦାନବ ପ୍ରକୃତି-** ମନୁଷ୍ୟ କ୍ଷେତ୍ରରେ ଆସୁରିକ ପ୍ରବୃତ୍ତି ହେଉଛି ମାନବ-ଦାନବ ପ୍ରବୃତ୍ତି ଏମାନେ ମନୁଷ୍ୟ ଶରୀର ପାଇଥିଲେ ମଧ୍ୟ ଆଚାର ବିଚାର ଓ କାର୍ଯ୍ୟକଳାପ ଦାନବ ପ୍ରକୃତିର 'ମଦ୍ୟପାନ ରତୋ ଦାନବଃ' । ଯେ ସଦା ମଦ୍ୟପାନରେ ରତ ରହେ ସେ ଦାନବ । ଏପରି ଲୋକ ଖାଇବା, ପିଇବା, ଶୋଇବା ଆଦି ତାମସିକ କାର୍ଯ୍ୟରେ ନିଜର ସମୟ ଅତିବାହିତ କରେ । ସେ ସ୍ୱାର୍ଥପର ମନୋଭାବ ଯୋଗୁଁ ଅନ୍ୟମାନଙ୍କ ସୁଖପ୍ରତି ବୀତସ୍ପୃହ ରହେ । ଦୟା ବା କରୁଣା ତା'ର ଶତ୍ରୁ । ଅନ୍ୟମାନଙ୍କ ନିନ୍ଦା ରଟନା ଓ କ୍ଷତି କରିବାରେ ସେ ଆନନ୍ଦ ପାଏ । ଆହୁରି ଏମାନେ ମହାନ୍ ଓ ସାଧୁପୁରୁଷଙ୍କୁ ଦେଖିଲାମାତ୍ରେ କେବଳ ସେମାନଙ୍କୁ ଘୃଣା ଓ ଅନାଦର କରନ୍ତି ନାହିଁ ବେଳେବେଳେ କଟୁବାକ୍ୟ କହି ତାଙ୍କ ମନରେ କ୍ଷୋଭ ଜାତ କରାଇଥାନ୍ତି । ପିତାମାତାଙ୍କ ପ୍ରତି ଭକ୍ତି ଭାବ କି ବାର୍ଦ୍ଧକ୍ୟରେ ସେବା ସେମାନେ କରିନଥାନ୍ତି ।

**ମାନବ ପଶୁ ପ୍ରକୃତି–** ମାନବ ଦେହ ଧାରଣ କରି ପଶୁଭଳି ଜୀବନ ବିତାଇଥାନ୍ତି, ଆହାର, ବିହାର, କ୍ଷୁଧା ଓ ମୈଥୁନ ବ୍ୟତୀତ ଅନ୍ୟଚିନ୍ତା ମନକୁ ଆସିନଥାଏ । ଏ ପ୍ରକାର ଲୋକ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କେବଳ ଇନ୍ଦ୍ରିୟ ସୁଖ ଭୋଗରେ ଜୀବନ ନଷ୍ଟ କରନ୍ତି । କୌଣସି କାରଣ ବା କାଳର ବିଚାର ନ କରି ସର୍ବଦା ଦୁର୍ଗୁଣଗୁଡିକ ପ୍ରତି ଆକୃଷ୍ଟ ହୁଅନ୍ତି । ଏମାନଙ୍କର ବିବେଚନା ଶକ୍ତି ନଥାଏ । ସ୍ୱାର୍ଥପର ଚିନ୍ତାଧାରା ଯୋଗୁ ଏ ଶ୍ରେଣୀୟ ବ୍ୟକ୍ତିମାନେ ମାନବ ଜୀବନର ଲକ୍ଷ୍ୟ ହାସଲ କରିବାରେ ବିଫଳ ହୁଅନ୍ତି ।

ମନକୁ ଠିକ୍ ଭାବରେ ବୁଝିଲେ ଏବଂ ଏହାକୁ ଶୃଙ୍ଖଳିତ କରିପାରିଲେ ଏହା ଏକ ସାର୍ଥକ ଓ ସଫଳ ଜୀବନ ଆଡକୁ ନେଇଯାଏ । ଏଥିପାଇଁ ମନୁଷ୍ୟର ଅନ୍ତର୍ନିହିତ ଦିବ୍ୟତ୍ୱ ଉପରେ ଦୃଢ ବିଶ୍ୱାସ ରହିବା ଆବଶ୍ୟକ ।

ମନୁଷ୍ୟର ମୂଳ ଓ ପ୍ରକୃତ ସ୍ୱଭାବ ସଚ୍ଚିଦାନନ୍ଦ ହୋଇଥିଲେ ହେଁ ସେ ନାନା ସମସ୍ୟା, ବାଧାବିଘ୍ନ ଓ ଦୁଃଖଦ୍ୱାରା ପ୍ରତାରିତ ହେଉଛି । ଏହା ଅନ୍ତର୍ନିହିତ ଦିବ୍ୟତ୍ୱ ଉପରେ ଅବିଶ୍ୱାସ ସୃଷ୍ଟି କରେ । ଏହାର କାରଣ ହେଉଛି ଦୃଶ୍ୟମାନ ଜଗତ ଆମର ଦେହ, ମନ ଓ ଇନ୍ଦ୍ରିୟମାନଙ୍କୁ ସହଜରେ ଆକର୍ଷିତ କରେ କିନ୍ତୁ ଅନ୍ୟପକ୍ଷରେ ବ୍ରହ୍ମ ସର୍ବବ୍ୟାପୀ ହେଲେ ହେଁ ଅଦୃଶ୍ୟ ଥିବାରୁ ଏହା ବିସ୍ମୃତ ହୁଏ । ଯେଉଁ ଲୋକ ସଚ୍ଚିଦାନନ୍ଦ ତତ୍ତ୍ୱରେ ସର୍ବଦା ସଚେତନ ଥାଏ, ସେ କଦାପି ବାଧାବିଘ୍ନ ବା ସୁଖ ଦୁଃଖ ଦ୍ୱାରା ପ୍ରତାରିତ ହୋଇପାରେନା । ମନ ଦ୍ୱାରା ଦିଗ୍‌ଭ୍ରାନ୍ତ ହୋଇ ଲୋକମାନେ ସଂକୀର୍ଣ୍ଣ ଭାବନାର ବଶବର୍ତ୍ତୀ ହେବାଦ୍ୱାରା ଜୀବନକୁ ଦୟନୀୟ କରି ପକାଉଛନ୍ତି ।

**ଚତୁର୍ଥ ଶ୍ରେଣୀୟ ବ୍ୟକ୍ତି–** ଆମ ସମାଜରେ ଏମାନଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ବିଚାରଶକ୍ତି ଥାଇ ମଧ୍ୟ ଲୋଭ, ମୋହର ବଶବର୍ତ୍ତୀ ହୋଇ ତାହା ହରାଇ ବସୁଛନ୍ତି । ଏ ଶ୍ରେଣୀୟ ବ୍ୟକ୍ତିମାନେ ବିଚଳିତ ସ୍ୱଭାବ ହେତୁ ଏକନିଷ୍ଠ ହୋଇପାରନ୍ତି ନାହିଁ । ଅଟଳ ବିଶ୍ୱାସ ରଖି ଗୋଟିଏ ମାର୍ଗଗାମୀ ହୁଅନ୍ତି ନାହିଁ । ଆଜି ଯଦି ଗୋଟିଏ ଧାର୍ମିକ ସଂସ୍ଥାରେ ରହି ଈଶ୍ୱର ପୂଜା ଓ ଗୁରୁଙ୍କ ପୂଜା ଆରାଧନା କରନ୍ତି କିଛି ଦିନ ପରେ ସେ ସଂସ୍ଥାକୁ ଛାଡି ଅନ୍ୟ ଏକ ସଂସ୍ଥାରେ ସାମିଲ ହୁଅନ୍ତି । କିନ୍ତୁ କେଉଁଠାରେ ମନକୁ ସ୍ଥିର ରଖି ପାରନ୍ତି ନାହିଁ । ଏ ଶ୍ରେଣୀୟ ବ୍ୟକ୍ତିମାନେ ଈଶ୍ୱରାଭିମୁଖୀ ହେବାପାଇଁ ଚେଷ୍ଟା ମଧ୍ୟ କରନ୍ତି ନାହିଁ । ବିଶ୍ୱାସ ସବୁଠାରୁ ବଡ କଥା । ସେଥିପାଇଁ କୁହାଯାଇଛି 'ବିଶ୍ୱାସେ ମିଳଇ ହରି ତର୍କେ ବହୁଦୂର ।'

ଫଳ ପ୍ରାପ୍ତିର ଆଶାରେ ସ୍ୱଳ୍ପକାଳ ପାଇଁ ବିଭିନ୍ନ ଧାର୍ମିକ ସଂସ୍ଥା ବା ଧାର୍ମିକ ଗୁରୁଙ୍କ ଶରଣାପନ୍ନ ହୁଅନ୍ତି । ସେଠାରୁ କିଛି ନ ପାଇଲେ କିମ୍ବା ମନର ଅଭିଳାଷ ପୂରଣ ନ ହେଲେ ସେ ସଂସ୍ଥା ଓ ଧାର୍ମିକ ଗୁରୁଙ୍କ ଅପବାଦ ରଟାଇଥାନ୍ତି । ଅଧୁନା ଭଣ୍ଡବାବାମାନଙ୍କ ସଂଖ୍ୟା ସମାଜରେ ବୃଦ୍ଧି ଘଟିବାରେ ଲାଗିଛି । ଏହି ଅସ୍ଥିରମନା ବ୍ୟକ୍ତିମାନେ ତାଙ୍କର ଭକ୍ତ ହୋଇ ଠକି ଗଲାପରେ ମଧ୍ୟ ତାଙ୍କର ସଦ୍‌ବୁଦ୍ଧି ଉଦୟ ହୁଏ ନାହିଁ । ଧାର୍ମିକ ଚେତନା ଏମାନଙ୍କ ମନରେ ନଥାଏ କି ଜୀବନରେ ଧର୍ମ ଆଚରଣ କରିନଥାନ୍ତି ।

*ରାଜେନ୍ଦ୍ର ନଗର, କଟକ*




# କଲମ

**- ଅଙ୍କିତା ପାଢ଼ୀ**

ସତ କହିବାକୁ ଗଲେ ମୋର ଲେଖା ଆପଣଙ୍କୁ ଭଲ ଲାଗେ କି ନାହିଁ । ମୁଁ ତ ଜାଣିନି । ତଥାପି ବେଳେ ବେଳେ ମୋ କଲମ କାନ୍ଦି କାନ୍ଦି କହେ, ଖୁସି (ମୋ ଡାକ ନାମ) ତୁ ଲେଖି ଚାଲ ତୋ ଉପରକୁ ନିଶ୍ଚୟ ଶାରଳାଙ୍କ କୃପା ଦୃଷ୍ଟି ଆସିବ ଆଉ ଦିନେ ନା ଦିନେ ତୁ ନିଶ୍ଚୟ ଜଣେ ଲେଖିକା ଆଉ କବି ଆସନରେ ବସିଥିବୁ । ହଁ ସେ ନିଶ୍ଚୟ ମୁଁ ଲେଖି ଚାଲିବି ଭଲ ପିଲା ମଧ ହେବି ।ଏକାଗ୍ରତା, ନିଷ୍ଠା, ଦୃଢ଼ ପରିକଳ୍ପନାର ଅଭ୍ୟାସ ହିଁ ଜଣଙ୍କୁ ଶିଖର ପହଞ୍ଚାଇ ଦେଇଥାଏ । ମୋ ମଧ୍ୟରେ ଏମିତି କଳା ଦେଖିଛନ୍ତି ମୋ ଗୁରୁଜୀ ( ମହେଶ୍ୱର ସାହୁ), କୁହନ୍ତି ତମେ ଜଣେ ଲେଖିବା ହେବ । ହଁ ସତରେ ମୋ ଶିକ୍ଷକଙ୍କୁ ମୁଁ ବହୁତ ଭକ୍ତି, ସମ୍ମାନ ଓ ଆଦର କରିଥାଏ । ମୋ ବାପା ଆଉ ମାଆ ମଧ ମୋ ଲେଖା ପଢ଼ିଲେ ଖୁସି ହୁଅନ୍ତି । ମୁଁ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ । ମୋ ଲେଖା ଓଡ଼ିଶାବାସୀଙ୍କୁ ପସନ୍ଦ ଆସୁଛିକି ନାହିଁ । କିନ୍ତୁ ଆପଣମାନଙ୍କ ଆଶୀର୍ବାଦ ମୋର କାମ୍ୟ ।ମୁଁ ଶପଥ କରୁଛି ଆପଣମାନଙ୍କ ପାଖରେ ଆଉ ମୋ ବାପା ମାଆ ଶିକ୍ଷକଙ୍କ ପାଖରେ ଯେକି ମୁଁ ନିଶ୍ଚୟ ଜଣେ ଭଲ ଲେଖିକା ଓ କବିର ପରିଚୟ ନେବି । ତା' ସହିତ ମନ ଦେଇ ପାଠପଢ଼ିବି । ଗୋଟେ ସତ କଥା କହିବି । ଶୁଣନ୍ତୁ ମୋ କଲମ ଆଗରୁ କାନ୍ଦୁ ନ ଥିଲା, କିନ୍ତୁ ଏବେ କଣ ହେଇଛି କେ ଜାଣି ଏବେ ଯଦି ମୁଁ ଗୋଟେ ଦିନ ଟିକେ କିଛି ମୋ ନିଜ ପାଠ ହେଉ କି ଲେଖାଲେଖି ହେଉ ନ କଲେ ବହୁତ ଭୋ ଭୋ ହେଇ କାନ୍ଦୁଛି । ମୋ କଲମ ମୋର ବହୁତ ଗେହ୍ଲା ହେଇ ଗଲାଣି । ଟିକେ ଛାଡ଼ି ଦେଲେ କି ଦୂରେଇ ରହିଲେ ସେ ମୋ ସପ୍ନରେ ବାରଂମ୍ବାର ଆସୁଛି । ଯେମିତି ଭୋ ଭୋ ହୋଇ କାନ୍ଦୁଛି । ମୁଁ ଏମିତି କେମିତି ତୋତେ ଛାଡ଼ିଦେବି କହିଲୁ? ମୋ ମାଆ କୁହନ୍ତି କଲମର ଯିଏ ପ୍ରିୟ ସେ ରାତି ଦିନ ପଢ଼େ । ସତରେ ମୋ ମାଆ (ପୁଷ୍ପିତା ପାଢ଼ୀ) ବହୁତ ସ୍ନେହମୟୀ । ସ୍ନେହୀ ମାଆ ମୋର; କଉ ପୁଣ୍ୟ ବଳରେ ମୋ ମାଆର କୋଳ ମଣ୍ଡନ କରିଛି ମୁଁ ଜାଣିନି । କିନ୍ତୁ ସବୁବେଳେ ମୋତେ ପଢ଼ ପଢ଼ କହି ରଖେଇ ଦିଏନି । ଟିକେ ନ ପଢ଼ିଲେ କହିବ ରହ ସାର୍‌ଙ୍କୁ ଫୋନ୍ କରୁଛି । ମୁଁ ତ ସାର୍‌ଙ୍କ କଥା ମାନେ ଆଉ ବହୁତ ମଧ ଡରେ । ଆପଣ ଜାଣନ୍ତି ବହୁତ ବାଡ଼ନ୍ତି ପାଠ ନ କରିଥିଲେ । ହେଲେ ମୋତେ ବହୁତ ସ୍ନେହ କରନ୍ତି ।

ଆଉ ଗୋଟେ ମୋର ମନର କଥା କହିବି । ମୋ ବିଦ୍ୟାଳୟରେ ମୋତେ ବହୁତ ବହୁତ ଭଲ ପାଆନ୍ତି ଆମର ଲିଲି ମ୍ୟାଡାମ୍ (ଗୁରୁମା) ବହୁତ ସ୍ନେହମୟୀ ଆମର ସେ । ସବୁ ଛାତ୍ର ଆଉ ଛାତ୍ରୀମାନଙ୍କୁ ବହୁତ ସ୍ନେହ ଆଉ ଆଦର କରିଥାନ୍ତି । ସତରେ ବିଦ୍ୟାଳୟ ଯିବାଠାରୁ ମୁଁ ତାଙ୍କର ରାଗ ଆଉ ଅଭିମାନ କେବେ ବି ଦେଖିନି । ଆଉ ଗୋଟେ କଥା ଜାଣନ୍ତି ମୋ ବାପା (ରଞ୍ଜନ ପାଢ଼ୀ) ବାହାରେ ମାନେ ଓଡ଼ିଶା ବାହାରେ ରୁହନ୍ତି । ସେ ମାସରେ ଥରେ ଦୁଇଥର ଘରକୁ ଆସନ୍ତି ଆଉ ଘରକୁ ଆସିଲେ ଆମେ ଭାଇ (ଆୟୁଷ ପାଢ଼ୀ) ଗୁରୁ ଡାକେ ଭଉଣୀ ଦୁଇଜଣଙ୍କ ମଜା । କଲମ ବିଶ୍ରାମ ନେଇ ନିଏ । ସେଇ କିଛି ଦିନ କଲମ ପାଇଁ ବିଶ୍ରାମ । ଯେତେ କାନ୍ଦୁଥିଲେ ବି ମୋ କଲମ ଆମେ ଦୁଇ ଜଣ ଶୁଣିବାର ନାହିଁ । ଆପଣମାନେ ଆଶ୍ଚର୍ଯ୍ୟ ହେଉଥିବେ କଲମ କଣ କାନ୍ଦେ । ହଁ ଆଜ୍ଞା କଲମ ବହୁତ କାନ୍ଦେ । ଆଉ ଯିଏ କଲମର କାନ୍ଦ ଶୁଣିପାରେ ସେ ହେଉଛି ତ ଲେଖକ ଆଉ ଲେଖିକା । କିନ୍ତୁ ସତ କଥା ଆଜିର ଦୁନିଆ ଏମିତି ଯେ କି କିଛି କଳୁଷିତ ଲୋକ ଅଛନ୍ତି, ସେମାନେ ସଜ ମାଛରେ ପୋକ ପକେଇ ଦେବେ । ଆଉ ସବୁବେଳେ ହାତେ ମାପି ଚା'ଖଣ୍ଡେ ଚାଲିବା ନୀତି ଧରିଲେ ଦୁନିଆରେ ଚଳିବା ସହଜ ହୋଇଥାଏ । ସତ କହୁଛି ଆପଣ ବି ଅନୁଭବ କରିବେ ଯେ କି ଯେ ଦୁନିଆ ଯେତେ ଆଗକୁ ବଢୁଛି, ଲୋକଙ୍କର ଚିନ୍ତାଧାରା ସେତେ ନିମ୍ନମାନରେ ତଳକୁ ଖସିଯାଉଛି । ଝିଅଟିଏ କାହାକୁ ଅନେଇ ହସିଦେଲେ ଲୋକେ ତା' ବାପା ମାଆ ଆଉ ଅନ୍ୟ ଆପଣାର ଲୋକଙ୍କ ପାଖରେ କେତେ ଜଣ କହି ଦିଅନ୍ତି ଯାହାକି ଆପଣ ଭାବିପାରିବେନି । ହେଲେ ଆମେ ହିମ୍ମତ ନ ହରାଇ ନିଜଲକ୍ଷ ପଥରେ ଆଗେଇ ଚାଲିବା । ଆଉ ନିଜ ବାପା ଆଉ ମାଆଙ୍କର ସପ୍ନ ସାକାର କରିବା ହେଉଛି ମୋର କଲମ ମାଧମରେ ନୂତନ ଦିଗନ୍ତର ଆହ୍ୱାନ । ଆଜି ଏତିକି ଲେଖିଲି ଆଉ ପୁଣି ଥରେ ଆଗକୁ ମୋର ଲେଖା ପଢ଼ିବେ ଓ ଆପଣମାନଙ୍କର କୁନି ଭଉଣୀ ଓ ଝିଅଙ୍କୁ ନିଶ୍ଚୟ ଆଶୀର୍ବାଦ କରିବେ କାମନାରେ..... ମୁଁ ଲେଖିକା (ଅଙ୍କିତା ଷଷ୍ଠ ଶ୍ରେଣୀ, ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ।

*ଗଗନବାବୁ ଛକ, ଏଡ଼ତାଳ, ଭଦ୍ରକ*

# ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ

- ଅଶ୍ୱିନୀ କୁମାର ସେଠୀ

ମୁଁ ମୋହନ ଦାସ କରମଚାନ୍ଦ ଗାନ୍ଧୀ କହୁଛି - ଯୁଦ୍ଧ-କାମରୁ ମୁକ୍ତି ପାଇଲା ପରେ ମୁଁ ମନେ କଲି ଏଣିକି ଦକ୍ଷିଣ ଆଫ୍ରିକାରେ ମୋର ସେପରି କିଛି କାମ ନାହିଁ, ବରଂ ଅଛି ଭାରତରେ । ପ୍ରକୃତରେ ଦକ୍ଷିଣ ଆଫ୍ରିକାରେ ଆଉ ଯେ କାମ ଆଦୌ ନ ଥିଲା, ତା ନୁହେଁ । ମାତ୍ର ମୋର ଭୟ ହେଲା, ଏଣିକି ଟଙ୍କା କମେଇବା ମୋର ବଡ କାମ ହେବ ସିନା, ଆଉ କିଛି ନୁହେଁ । ଲୋଭାସକ୍ତ ହୋଇ ମୁଁ ମୋ ଦେଶ ପାଇଁ କିଛି କରିପାରିବି ନାହିଁ । ମୋ ଦେଶର ଜନସାଧାରଣ ଇଂରେଜ ମାନଙ୍କ ଦ୍ୱାରା ସର୍ବଦା ଅବହେଳିତ, ଅତ୍ୟାଚରିତ ଓ ଲାଞ୍ଛିତ ହେଉଥିବେ । କ୍ରୀତଦାସତ୍ୱ କରି ଜୀବନ ହାରିବେ ।

ଭାରତକୁ ମୁଁ ଫେରି ଆସିବା ପାଇଁ ମୋର ବନ୍ଧୁମାନେ ଦେଶ ଆଡକୁ ଟାଣୁଥାନ୍ତି । ମୁଁ ମଧ୍ୟ ବିଚାରିଲି, ଦେଶକୁ ଗଲେ ଏଠା ଅପେକ୍ଷା ଅଧିକ କାମ ପରିପାରିବି । ଦକ୍ଷିଣ ଆଫ୍ରିକା କାମ ଲାଗି ନାତାଲରେ ମିଷ୍ଟର ଖାନ୍ ମନସୁଖ ଲାଲ ନାଜର ଅବଶ୍ୟ ଥିଲେ ।

ଏହିପରି ଭାବି ମୋତେ ବିଦାୟ ଦେବାକୁ ମୋର ସାଥୀମାନଙ୍କୁ ମୁଁ ଅନୁରୋଧ କଲି । ଗୋଟିଏ ସର୍ତ୍ତ ରଖି ବହୁ କଷ୍ଟରେ ସାଥୀମାନେ ରାଜି ହେଲେ । ସେ ସର୍ତ୍ତଟି ଥିଲା, ବର୍ଷକ ଭିତରେ ଦକ୍ଷିଣ ଆଫ୍ରିକାର ଭାରତୀୟ ଲୋକେ ମୋ ଆସିବା ଦରକାର ମନେ କଲେ; ମୁଁ ନିଶ୍ଚୟ ସେଠାରେ ପହଞ୍ଚିବି । ଏପରି ସର୍ତ୍ତରକ୍ଷା ଅବଶ୍ୟ କଷ୍ଟକର ଥାଏ । ତଥାପି, ମୁଁ ଭାରତୀୟ ଲୋକଙ୍କ ସଙ୍ଗେ ଯେପରି ସ୍ନେହ ସୂତ୍ରରେ ବନ୍ଧାଥାଏ, ସେଥିରେ ସର୍ତ୍ତ ନ ମାନନ୍ତି କିପରି ?

ପଞ୍ଚ ହିଁ ପରମେଶ୍ୱର । ବନ୍ଧୁମାନଙ୍କ ସଙ୍ଗରେ ମୁଁ ଯେଉଁ ସ୍ନେହ-ସୂତ୍ରରେ ବାନ୍ଧି ହୋଇଛି, ତାକୁ କାଟିଦେଇ ପାରିଲି ନାହିଁ । ସେମାନଙ୍କର ସର୍ତ୍ତରେ ରାଜି ହେଲି ଏବଂ ମୁଁ ଭାରତକୁ ବାହୁଡି ଯିବା ପାଇଁ ଅନୁମତି ପାଇଲି । ଏପର୍ଯ୍ୟନ୍ତ ମୁଁ କେବଳ ନାତାଲର ଭାରତୀୟମାନଙ୍କ ସଙ୍ଗେ ସଂପୃକ୍ତ ଥିଲି । ସେମାନେ ସ୍ନେହର ଅମୃତଧାରାରେ ମତେ ବୁଡାଇଦେଲେ । ଠାଆକୁ ଠାଆ ବିଦାୟ-ସଭା କରାହେଲା । ସବୁଠି ସେମାନେ ଖୁବ୍ ମୂଲ୍ୟବାନ୍ ଉପହାର ମୋତେ ଦେଲେ ।

ସନ ୧୮୯୬ ମହିହାରେ ମୁଁ ଯେତେବେଳେ ଭାରତକୁ ଥରେ ଫେରିଥିଲି, ସେତେବେଳେ ମଧ୍ୟ ମୋତେ ଅନେକ ଉପହାର ମିଳିଥିଲା । ମାତ୍ର ଏଥରର ଭେଟି ଓ ସଭାଗୁଡିକର ଦୃଶ୍ୟରେ ମୁଁ ଅଭିଭୂତ ହୋଇପଡିଲି । ଉପହାର ମଧ୍ୟରେ ସୁନା-ରୂପାର ଜିନିଷ ତ ଥିଲା, ତାହାଛଡା ଅତି ମୂଲ୍ୟବାନ ହୀରା-ନୀଳାର ଜିନିଷ ମଧ୍ୟ ଥିଲା ।

ମୁଁ ଭାବିଲି ଯେ ଏସବୁ ଜିନିଷ ଗ୍ରହଣ କରିବାରେ ମୋର କି ଅଧିକାର ଅଛି ? ଏଗୁଡିକ ନେଲା ପରେ ମୁଁ ବିନା ପଇସାରେ ସମାଜର ସେବା କରୁଛି ବୋଲି କେଉଁ ମୁହଁରେ କହିବି ? ଏ ସବୁରୁ ଅଳ୍ପ କେତେ ଜଣ ମହକିଲଙ୍କର ଉପହାର ବାଦ୍ ଦେଲେ, ବାକି ତକ ମୋର ସାଧାରଣ କାମ ପାଇଁ ମିଳିଥିଲା । ମୋ ମନରେ ମହକିଲ ଓ ଅନ୍ୟ ସହକର୍ମୀଙ୍କ ମଧ୍ୟରେ କୌଣସି ପ୍ରକାରର ପ୍ରଭେଦ ନ ଥିଲା । କାରଣ ମହକିଲ ମାନେ ମଧ୍ୟ ମୋର ସାଧାରଣ କାମରେ ସାହାଯ୍ୟ କରୁଥିଲେ ।

ଉପହାର-ସାମଗ୍ରୀ ମଧ୍ୟରେ କସ୍ତୁରବାଈ ପାଇଁ ପଚାଶ ଗିନି ମୂଲ୍ୟରେ ଗୋଟିଏ ସୁନାହାର ଥିଲା । ଏହା ମଧ୍ୟ ମୋହରି ସେବା ଓ କାର୍ଯ୍ୟ ଯୋଗୁଁ ମିଳିଥିଲା । ତେଣୁ ଏହାକୁ ଅଲଗା କରି ରଖିବା ଉଚିତ ନୁହେଁ ।

ଯେଉଁଦିନ ସନ୍ଧ୍ୟାରେ ଏହି ଉପହାରଗୁଡିକ ମଧ୍ୟରୁ ମୁଖ୍ୟ ଭାଗ ମତେ ମିଳିଲା, ସେହି ରାତିସାରା ମୁଁ ପାଗଳଙ୍କ ପରି ଚେଇଁ ରହିଲି । ବଡ ବିବ୍ରତ ଓ ବିଚଳିତ ହୋଇ ମୋ ଶୋଇବା ଘରର ଏପଟୁ ସେପଟ ଯାଏ କେବଳ ଚାଲବୁଲ କରୁଥିଲି ।

ମାତ୍ର କୌଣସି ନିଷ୍ପତ୍ତିରେ ପହଞ୍ଚିପାରିଲି ନାହିଁ । ଶହ ଶହ ଟଙ୍କାର ଉପହାର ଛାଡିଦେବା ବଡ କଷ୍ଟକର କଥା । ତାକୁ ରଖିବା ମଧ୍ୟ ତାଠୁଁ ବଳି କଷ୍ଟକର ଥିଲା ।

ଯଦି ମୁଁ ଏସବୁ ରଖିନେବି, ତେବେ ମୋର ସ୍ତ୍ରୀ ଓ ପିଲାଙ୍କ ମନରେ କି ଭାବ ଆସିବ ? ମୁଁ ତ ସେମାନଙ୍କୁ ସେବକର ନିଃସ୍ୱାର୍ଥ ଓ ତ୍ୟାଗମୟ ଜୀବନ ପାଇଁ ତିଆରି କରୁଛି । ସେମାନଙ୍କୁ ବୁଝାଉଛି ଯେ, ସେବାର ମୂଲ୍ୟ ନେବା ଉଚିତ ନୁହେଁ । ମୋ ନିଜ ଘରେ ମୁଁ ଦାମିକା ଗହଣା ଆଦି ରଖୁ ନ ଥିଲି । ଆମ ଜୀବନ ଖୁବ୍ ସାଧା-ସିଧା ହୋଇ ଆସୁଥିଲା । ଏପରି ଅବସ୍ଥାରେ ସୁନାର ଘଡି କିଏ ବ୍ୟବହାର କରିବ ? ସୁନାର ଚେନ୍ ଓ ହୀରାର ବୋତାମ କିଏ ଲଗାଇବ ? ସେତେବେଳେ ମଧ୍ୟ ମୁଁ ଅନ୍ୟମାନଙ୍କୁ କହୁଥିଲି ଯେ, ଗହଣା ଗାଣ୍ଠି ର ମୋହ ଛାଡନ୍ତୁ । ଏବେ ମୋତେ ଯେ ଏତେ ଅଳଙ୍କାର ମିଳିଛି, ସେ ସବୁ ହବ କଅଣ ?

ବହୁତ ବିଚାର କରି ଶେଷରେ ସ୍ଥିରକଲି, ଏସବୁ ଚିଜ ମୁଁ କଦାପି ରଖିବି ନାହିଁ । ପାର୍ଶୀ ରୁସ୍ତମଜୀ, ପ୍ରଭୃତିଙ୍କୁ ଏହି ଗହଣା ଆଦିର ଟ୍ରଷ୍ଟୀ ନିଯୁକ୍ତ କରି ସେମାନଙ୍କର ନାମରେ ଗୋଟିଏ ଦଲିଲର ଚିଠା କଲି । ସକାଳୁ ଉଠି ନିଜର ସ୍ତ୍ରୀ ଏବଂ ପିଲାମାନଙ୍କୁ ସବୁକଥା ବୁଝାଇଦେଲି । ଏହିରୂପେ ନିଜର ବୋଝ ହାଲୁକା କରିବାକୁ ନିଷ୍ପତ୍ତି କଲି ।

ମୁଁ ଜାଣିଥିଲି ଯେ ଏ ବିଷୟରେ ମୋର ଧର୍ମପତ୍ନୀଙ୍କୁ ବୁଝାଇବା ମୁସ୍କିଲ୍ ହେବ । ପିଲାମାନଙ୍କୁ ବୁଝାଇବା ଆଦୌ କଠିନ ହେବ ନାହିଁ ବୋଲି ଆଗରୁ ଜାଣିଥିଲି । ତେଣୁ ସେହି ପିଲାମାନଙ୍କୁ ମୋର ଓକିଲ ନିଯୁକ୍ତ କଲି ।

ପିଲା ମାନେ ସଙ୍ଗେ ସଙ୍ଗେ ରାଜି ହୋଇଗଲେ । କହିଲେ, "ଆମର ଏସବୁ ମୂଲ୍ୟବାନ୍ ଉପହାର ଦରକାର ନାହିଁ । ସବୁତକ ଜାତିର କାମ ପାଇଁ ଆମେ ଫେରାଇ ଦେବା । ଆମର ଦରକାର ହେଲେ, ଆମେ ତ ସହଜରେ କିଣିପାରିବା ।"

ପିଲାଙ୍କ ଏ କଥା ଶୁଣି ମୋ ମନରେ ବଡ ଆନନ୍ଦ ହେଲା । ମୁଁ କହିଲି- " ତେବେ ତୁମେ ମାଆକୁ ଏସବୁ କଥା ବୁଝାଇ କହିବ ନା ?"

ପିଲାମାନେ କହିଲେ, "ନିଶ୍ଚୟ କହିବୁ, ସେ ତ ଆମରି କାମ । ମାଆ କଣ ନିଜେ ଏ ଗହଣା ପିନ୍ଧିବ ? ସେ ତ ଆମରି ପାଇଁ ସାଇତିବାକୁ ଲୋଭ କରିବ । ଆମେ ଯେବେ ଏସବୁ ନ ଚାହିଁବା, ତେବେ ସେ ବା ଜିଦ୍ କାହିଁକି କରିବ ?"

କହିବା ଯେଡ଼େ ସହଜ କାମରେ କରିବା ସେଡ଼େ ସହଜ ନୁହେଁ ।

ମୋର ସ୍ତ୍ରୀ ସଫା କହିଲା, "ଏସବୁ ତୁମର କାମରେ ନ ଆସିପାରେ, ତମ ପୁଅମାନଙ୍କର କାମରେ ମଧ୍ୟ ନ ଆସିପାରେ । ପିଲାଙ୍କୁ ତ ଯେମିତି ନଚାଇବ, ସେମାନେ ସେମିତି ନାଚିବେ । ମତେ ସିନା ପିନ୍ଧିବାକୁ ଦେବ ନାହିଁ । କିନ୍ତୁ ମୋ ବୋହୁମାନେ ଆସିଲେ କଅଣ ହେବ ? ସେମାନେ ତ ନିଶ୍ଚୟ ମନ କରିବେ । ଘଡ଼ି କି ଘଡ଼ି ଅନ୍ତର । କିଏ ଜାଣେ କାଲିକି କଣ ହେବ ? ଏତେ ଆଦରରେ ମିଳିଥିବା ଚିଜକୁ ଫେରେଇବା ଉଚିତ ନୁହେଁ ।" ଏମିତି କଥାର ସୁଅ ଚାଲିଲା; କସ୍ତୁରବାଈର ଦି' ଆଖିକୁ ଲୁହଧାର ସେଥିସହ ମିଶିଗଲା । କିନ୍ତୁ ପିଲାମାନେ ନ ଛୋଡ଼ ବନ୍ଧା, ମୁଁ ତିଳେ ହେଲେ ଟଳିଲି ନାହିଁ ।

ମୁଁ ଟିକିଏ କଅଁଳ କରି କହିଲି- "ଦେଖ, ପୁଅମାନେ ତ ବାହା ହୋଇ ନାହାନ୍ତି । ପିଲା ବୟସରେ ଆମେ କେବେହେଲେ ସେମାନଙ୍କୁ ବିଭା ଦେବା ନାହିଁ । ସେମାନେ ହୋସିୟାର ହୋଇଗଲେ, ଯେଝା କଥା ସେ ବୁଝିବେ । ଆଚ୍ଛା, ଆମେ କଣ ତାଙ୍କ ଲାଗି ଗହଣା-ସଉକୀ ବୋହୂ ଖୋଜି ଆଣିବୁଁ ? ନିତାନ୍ତ ଯଦି ସେମାନେ ଅଳଙ୍କାର ଖୋଜନ୍ତି, ତେବେ ମୁଁ ତ ଅଛି । ତମେ ସେତେବେଳେ ମୋତେ କହିବ ।"

"ତମକୁ କହିବି ? ତମକୁ ମୁଁ ବେଶ୍ ଚିହ୍ନିଛି । ମୋ ଗହଣା ତକ ନେଇଥିଲ ତମେ ନା ? ସେତକ ମୋ ପାଖରେ ଥିବାଯାଏ ଟିକିଏ ହେଲେ ରଖିଥୋଇ ଦେଲ ନାହିଁ । ଆଉ ତମେ କରିବ ମୋ ବୋହୂଙ୍କ ଲାଗି ଅଳଙ୍କାର ? ଆଜିଠୁଁ ତ ପୁଅମାନଙ୍କୁ ବାବାଜୀ ବନେଇଲଣି । ନା, ଏ ଗହଣା ସବୁ ଫେରସ୍ତ ହବ ନାହିଁ । ଆଚ୍ଛା କହିଲ ଭଲା, ମୋ ସୁନାହାର ଉପରେ ତୁମର କି ଅଧିକାର ଅଛି ?"

ମୁଁ ପଚାରିଲି- "ତୁମେ କହିଲ ଭଲା ଏ ହାରଟି ତୁମ ସେବା ଯୋଗୁଁ ମିଳିଛି, ନା, ମୋ ସେବା ଯୋଗୁଁ ମିଳିଛି ?"

"ତୁମ ସେବା ଯୋଗୁଁ ମିଳିଛି- ଏ କଥା ମୁଁ ମାନୁଛି । କିନ୍ତୁ ତୁମେ ଯେଉଁ କାମ କଲ, ସେ କାମ କଣ ମୋର ନୁହେଁ ? ମୁଁ ତ ତୁମରି ସେବାରେ, ତୁମରି କାମରେ ଦିନ ରାତି ଖଟି ଖଟି ମରୁଛି । ତାହା କଅଣ ସେବାରେ ଗଣା ହେବ ନାହିଁ ? ଯାହାକୁ ପାର, ତାକୁ ଘରେ ରଖି ସବୁ ଦୁଃଖ-କଷ୍ଟ ମୋହରି ମୁଣ୍ଡରେ ଲଦିଛ । ମତେ ସାରା ଜୀବନ କନ୍ଦେଇ କନ୍ଦେଇ ମାରିଛ । ମତେ

ଯେ ଦିନ-ରାତି ଖଟେଇଛ, ସେସବୁ କୁଆଡ଼େ ଗଲା ? ସବୁ କଥାରେ ମୁଁ ତୁମର ଚିରଦାସୀ ହୋଇ ରହିଛି ।”

ଏସବୁ କଥା କଟୁ ବୋଧ ହେଲେ ସୁଦ୍ଧା ନିରାଟ ସତ କଥା । ଏହା ବାଣ ପରି ମୋର ହୃଦୟକୁ ବାଧିଲା । ଯାହା ହେଉ, ଗହଣା ଗୁଡ଼ିକ ତ ମୋର ଫେରାଇ ଦେବାର କଥା । ମୁଁ ବହୁତ ବୁଝାଇ ସୁଝାଇ ଶେଷକୁ କସ୍ତୁରବା ଠାରୁ ସମ୍ମତି ପାଇଲି । ୧୮୯୬ରେ ଓ ୧୯୦୧ରେ ମୋତେ ଯେତେ ଉପହାର ମିଳିଥିଲା, ସବୁତକ ଓ୍ୱାପସ କଲି । ଗୋଟିଏ ଦାନପତ୍ର ଲେଖି ସେଗୁଡ଼ିକ ଗୋଟିଏ ବ୍ୟାଙ୍କରେ ଜମା କରିଦେଲି । ସ୍ଥିର ହେଲା ଯେ, ମୋ ଇଚ୍ଛାନୁସାରେ କିମ୍ବା ଟ୍ରଷ୍ଟୀମାନଙ୍କ ଇଚ୍ଛାନୁସାରେ ଏହା ସାଧାରଣ କାମରେ ଖର୍ଚ୍ଚ ହେବ । କେତେଥର ସାଧାରଣ କାମ ପାଇଁ ଯେତେବେଳେ ମୁଁ ଟଙ୍କା ଦରକାର କରିଛି ଏବଂ ଏହି ପାଣ୍ଠିରୁ ନେବା ପାଇଁ ଭାବିଛି, ସେତେବେଳେ କୁଆଡୁ କେମିତି ଆବଶ୍ୟକ ଧନ ମିଳିଯାଇଛି ଏବଂ ଏଥିରେ ହାତ ଦେବାକୁ ପଡ଼ିନାହିଁ । ସେ ପାଣ୍ଠି ଏବେ ବି ଅଛି ଓ ଦରକାର ବେଳେ ସାଧାରଣ ହିତ-କାର୍ଯ୍ୟରେ ଖର୍ଚ୍ଚ ହେଉଛି । ପାଣ୍ଠିଟି ନିୟମିତ ରୂପେ ବରାବର ବଢ଼ୁଛି ।

ଏପରି କାମ କାହିଁକି କଲି ବୋଲି ଦିନେ ହେଲେ ମୋ ମନରେ ଅନୁତାପ ଆସି ନାହିଁ । କେତେ ବର୍ଷ ବିତିଗଲାଣି । କସ୍ତୁରବା ମଧ୍ୟ ଏ କାର୍ଯ୍ୟର ଔଚିତ୍ୟ ବୁଝି ପାରିଛି । ଏହା ଫଳରେ ଆମେ ଅନେକ ପ୍ରଲୋଭନରୁ ରକ୍ଷା ପାଇଛୁଁ ।

ମୋର ଦୃଢ଼ ମତ ଯେ, କୌଣସି ସାର୍ବଜନୀନ ସେବକ ପକ୍ଷରେ କୌଣସି ମୂଲ୍ୟବାନ ଦାନ ବା ଉପହାର ଗ୍ରହଣ କରିବା ଉଚିତ ନୁହେଁ ।

**ଉଦ୍ଧୃତ** – ଏହି ଆତ୍ମ କଥାଟି ମହାତ୍ମା ଗାନ୍ଧୀଙ୍କ ଇଂରାଜୀ ଆତ୍ମ ଚରିତରୁ ଅନୁବାଦ ହୋଇଛି ।

*ଝଉଳିଆଗଞ୍ଜ, କଟକ – ୪*




# ଧାର୍ମିକ ପୃଷ୍ଠଭୂମିରେ ଭାଇଜିଉଁନ୍ତିଆ ଓଷା

*- ଶ୍ରୀ କୁଞ୍ଜ ବିହାରୀ ସାହୁ*

ଧର୍ମ ମାନବ ଜୀବନକୁ ଶୃଙ୍ଖଳିତ କରେ । କର୍ମ ପ୍ରେରଣା ଓ ସତ୍ୟ ସନ୍ଧାନର ଏକ ନିଛକ ପଥ ଦେଖାଏ । ଅସତ୍ୟରୁ ସତ୍ୟ, ଅନ୍ଧାରରୁ ଆଲୋକ, ଅନ୍ୟାୟରୁ ନ୍ୟାୟ, କୁପଥରୁ ସୁପଥକୁ ନେବାର ଚରମ ସାର୍ଥକ ହିଁ ଧର୍ମ । ସଂପ୍ରତି ସୂଚନା ଓ ପ୍ରଯୁକ୍ତିବିଦ୍ୟାର ସଫଳ ରୂପାୟନ ହେଲେ ହେଁ ସାମାଜିକ ଚଳଣୀରେ ଧର୍ମୀୟ ଚିନ୍ତାଧାରା ରୂପାୟନ ହୋଇପାରିଛି ମାନବ ମନରେ । ବିଶ୍ୱାସ ହିଁ ଧର୍ମର ମାପକାଠି । ଏହା ଚିର ଶାଶ୍ୱତ ଓ ଅମଳିନ । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଲେଖନୀରୁ ଝଙ୍କୃତ ହୋଇଛି -

ଧାର୍ମିକ ହୃଦୟ ଥାଏ ସତତ ପ୍ରଫୁଲ୍ଲ
ବିଭାବ ସୁନ୍ଦର ଯୋଗେ ଯଥା ପଦ୍ମଫୁଲ ।

ପ୍ରାଚୀନ କାଳରୁ ଧର୍ମୀୟ ଚେତନାରେ କ୍ରିୟା ପ୍ରତିକ୍ରିୟା ରହିଆସିଛି । ଭିନ୍ନତା ଭିତରେ ଧର୍ମ ଆଣେ ସୋହାର୍ଦ୍ଦ ଓ ସହାନୁଭୂତି ମନୋଭାବ । ସେଥିପାଇଁ ଓଷା, ବ୍ରତ, ପର୍ବପର୍ବାଣି ବିଶେଷ ଭୂମିକା ଗ୍ରହଣ କରି ମଣିଷ ମନରେ ଧାର୍ମିକ ଭାବନା ଜନ୍ମାଇଥାଏ । ଏତଦ୍ ବ୍ୟତୀତ ମଣିଷର ଲୌକିକ ଜୀବନଧାରାକୁ ଉତ୍କର୍ଷତା ଦେଇପାରିଛି ଧର୍ମ ଆପଣା ପଣରେ ।

ମଣିଷ ସାମାଜିକ ପ୍ରାଣୀ । ତା' ଜୀବଦ୍ଦଶାରେ ଭେଟୁଥିବା ପୂଜା, ଓଷା, ବ୍ରତକୁ ପାଥେୟକରି ସେ ଆତ୍ମସନ୍ତୋଷ ପାଏ । କେବଳ ତା' ନୁହେଁ, ଠାକୁର-ଠାକୁରାଣୀଙ୍କ ଶୁଭ ଆଶୀର୍ବାଦ ପାଏ । ନିଜ ସନ୍ତାନସନ୍ତତି, ଆତ୍ମୀୟସ୍ୱଜନଙ୍କ ପାଇଁ ଅନେକ କିଛି ତ୍ୟାଗକରେ ଏହି ପୂଜା, ଓଷା, ବ୍ରତ ସହାୟତାରେ । ଧାର୍ମିକ ଚେତନାକୁ ଅଗ୍ରାଧିକାର ଦେଇ ଭକ୍ତକବି ମଧୁସୂଦନ ରାଓ ଲେଖିଛନ୍ତି -

ଧର୍ମ ପୋତ ସିନା ଗଢ଼ିଛନ୍ତି ବିଧି,
ପାରିହେବାପାଇଁ ସଂସାର ବାରିଧି ।

ଋତୁଚକ୍ରରେ ପର୍ବପର୍ବାଣିର ସୁମଞ୍ଜୁଳ ପରିବେଶ ମଣିଷ ଜୀବନକୁ ରସାଣିତ କରିଥାଏ । କୁହାଯାଇପାରେ ଯେ ଶରତ ଋତୁ ପର୍ବପର୍ବାଣିର ମିଳନ ଋତୁ । ଚନ୍ଦ୍ର ତାରକିତ ଆକାଶ ହେଉ ଅବା ଅମାଅନ୍ଧକାର ଆକାଶ ହେଉ, ଏହା କେବଳ ଶୁକ୍ଳ ପକ୍ଷ ଓ କୃଷ୍ଣ ପକ୍ଷର ପରିଚୟ ମାତ୍ର । ଏହି ଋତୁରେ ପ୍ରକୃତି ପାଲଟିଯାଏ ଲାବଣ୍ୟବତୀ । ଚତୁର୍ଦ୍ଦିଗେ ବାସ୍ନାୟିତ ଫୁଲର ସମ୍ଭାର ଲୋଟିଯାଏ । ନଦୀ-ପୁଷ୍କରିଣୀରେ କାଚକେନ୍ଦୁର ନୀଳ-ଜଳରାଶି ଆଖିରେ ଚମକ ତୋଳେ । ନୀଳ ଆକାଶରେ ମେଘମାଳାର ଭସାଣିଆ ପଟୁଆର ଆଖିଦୃଶିଆ ପାଲଟିଯାଏ । ନଈ, ବିଲପାଟ, ପଠାରେ କାଶତଣ୍ଡୀର ଧବଳବର୍ଣ୍ଣର ଚଅଁର ମନରେ ନିଆରା ଉନ୍ମାଦନା ଭରିଦିଏ । ମଞ୍ଜୁଳ ପରିବେଶରେ ଏ ଅନନ୍ୟ ଶରତଋତୁ କବି, ଭାବୁକ, ବିଜ୍ଞାନୀମାନଙ୍କୁ ଚମକ ଯୋଗାଏ । କୁମୁଦ-କମଳର ଚାହାଁଣି, ଗଙ୍ଗଶିଉଳିର ମିଠାମହକ ଏପରିକିକି ବାସ୍ନାୟିତ ଫୁଲର ସମ୍ଭାର ପରିବେଶକୁ ମଧୁମୟ କରିଦିଏ । ଆପଣାଛାଏଁ ଦୁଇଧାଡ଼ି କବିତା ଲେଖିହୋଇଯାଏ ନିଜ କବି ପଣରେ -

ଶରତ ଋତୁର ନିର୍ମଳ ଶୋଭା,
ପ୍ରକୃତିରାଣୀର ସଜାଏ ଗଭା ।

ଏହି ଶରତ ଋତୁ ଆଶ୍ୱିନ ମାସକୁ ସାଥିରେ ଧରି ପୃଥିବୀବକ୍ଷରେ ବିରାଜିତ ହୁଏ । ଜନ-ମନ ହରଣକରି ପାର୍ବଣର ଗୀତିକା ଗାଏ । ବିଭିନ୍ନ ପୂଜାକୁ ଭକ୍ତମାନଙ୍କୁ ଭେଟିଦିଏ । ସମାଜରେ ଧର୍ମୀୟ ଭାବନା ଜାଗ୍ରତ କରେ । ତିଆରିକରେ ଓଷା, ବ୍ରତର ସୁନ୍ଦର ପରମ୍ପରା । ଭାଇ-ଭଉଣୀର ପବିତ୍ର ବନ୍ଧନ, ମାଆ-ପୁଅର ବାତ୍ସଲ୍ୟ ମମତାକୁ ଓଷା ରୂପରେ ରସାଣିତ କରିଥାଏ । ଆନ୍ତରିକତାକୁ ସାଉଁଟି ଆଣେ । ଏମିତି ଏକ ମହକିତ ଋତୁରେ ପଶ୍ଚିମ ଓଡ଼ିଶାରେ ପାଳିତ ହୁଏ ଭାଇ ଜୀଉଁନ୍ତିଆ ଓଷା । ଆନନ୍ଦ-ଭକ୍ତି ଚେତନାର ଉତ୍ସକୁ ଜାବୁଡ଼ିଧରେ ଧାର୍ମିୟ ଭାବନାରେ । ଏହି ଓଷା ଆଶ୍ୱିନ ଶୁକ୍ଳପକ୍ଷ ଅଷ୍ଟମୀତିଥୀରେ ଘରେ ଘରେ ପାଳିତ ହୁଏ ଜାକଜମକରେ ।

ଭାଇ ଜୀଉଁନ୍ତିଆ ପର୍ବପାଳନ ପ୍ରଚ୍ଛଦରେ ଏକ ଅପାସୋରା କାହାଣୀ ନିହିତ ଅଛି ।

ରାଜକୁମାରୀ ଅରୁଣା ଥିଲା ଚମ୍ପାବତୀ ନଗରୀର ରାଜା ବିକ୍ରମସେନଙ୍କ ଅଳିଅଳ କନ୍ୟା । ବିବାହ ବୟସ ଉପନୀତ ହୁଅନ୍ତେ ମନ୍ତ୍ରୀଙ୍କ କୁମର ମଦନସୁନ୍ଦରଙ୍କୁ ପତି ରୂପେ ପ୍ରାପ୍ତ ହେବାପାଇଁ ଅଳିକଲା ପିତାଙ୍କୁ । ଏମିତି ଏକ ଅସମ୍ଭବ

ନିବେଦନକୁ ରାଜା ବିରୋଧକଲେ । ମନ୍ତ୍ରୀଙ୍କ ପୁତ୍ରଙ୍କୁ ହତ୍ୟା କରିବାପାଇଁ ଆଦେଶଦେଲେ ଅବିଚାର ଢଙ୍ଗରେ । ଏଭଳି ଅମାନୁଷିକ କାର୍ଯ୍ୟ ସଂପାଦନ ସକାଶେ ଘାତକ କ'ଣ ବା କରିବ ! ଆଦେଶକୁ ଗ୍ରହଣ କଲା ଘାତକ । ଚେଷ୍ଟାକଲା ଉଚିତ ଓ ଅନୁଚିତର ଦୋʼାଙ୍କିଆ ରାସ୍ତାରେ ଠିଆହୋଇ । ମାତ୍ର ଅସʼଳହୋଇ ଂʼେରିଆସିଲା ସେ । ଘାତକକୁ ଦେଖି ରାଜାଙ୍କ ମୁଖମଣ୍ଡଳରେ ଚିନ୍ତା-ଦ୍ୱେଷ-ଗ୍ଲାନିର ସ୍ୱେଦବିନ୍ଦୁ ଝରିପଡ଼ିଲା ଅବିଶ୍ରାନ୍ତଭାବେ । ଗୋଟିଏ ପଟେ ଅଲିଅଳ କନ୍ୟାର ବାତ୍ସଲ୍ୟ ଆକର୍ଷଣ ଓ ଅନ୍ୟପଟେ ମନ୍ତ୍ରୀଙ୍କ ପୁତ୍ର ସହ ବିବାହ ନ ଦେବାରେ ଦୃଢ଼ ପ୍ରତିଶ୍ରୁତି ।

କିଂକର୍ତବ୍ୟବିମୂଢ଼ ରାଜା ବିକ୍ରମସେନ ।

ମନ୍ତ୍ରୀ କୁମର ମଦନସୁନ୍ଦର ବଂଚିବାର କାହାଣୀର ପୃଷ୍ଠଭୂମି ଥିଲା ଏହିପରି ।

ସେଦିନ ଥିଲା ଆଶ୍ୱିନ ମାସର ଶୁକ୍ଳ ମହାଷ୍ଟମୀ । ଶୁଭମୟ ମାଙ୍ଗଳିକ ଲଗ୍ନ । ମଦନସୁନ୍ଦରଙ୍କ ଭଉଣୀ ମାଳତୀ । ମଦନସୁନ୍ଦରଙ୍କ ମା' ଜାଣିଥିଲେ ନିଜ ପୁତ୍ରର ଆସନ୍ନ ବିପଦ । ଭାଇର ମଙ୍ଗଳପାଇଁ ଭାଇଜିଉଁନ୍ତିଆ ଓଷାକରିବାକୁ କଥାଛଳରେ ମାଆ କହିଥିଲେ ମାଳତୀକୁ ।

କହିଲେ ଜନନୀ ଆଜି ଲୋ ମହାଅଷ୍ଟମୀ ବ୍ରତ
ଉପବାସେ ଦୁର୍ଗା ପୂଜିଲେ ହୁଏ ଭାଇର ହିତ ।
ଭଉଣୀର ଭାଇ ଭରଷା, କଥା ସଂସାରେ ଅଛି
ଭାଇ ସୁଖେ ତୋହର ଊଣା ନୋହିବ କିଛି ।

ଶୁଭାକାଂକ୍ଷୀ ମା'ର ଆଶୀର୍ବଚନକୁ ଏକତରʼାଭାବେ ଗ୍ରହଣ କରିନେଲା ମାଳତୀ । ପବିତ୍ର ଦୁର୍ଗାଷ୍ଟମୀରେ ପାଳନକଲା ଭାଇଜିଉଁନ୍ତିଆ ଓଷା ବିଧିବିଧାନ ସହ । ସମସ୍ତ ବିପଦ-ଆପଦ-ଦୁଃଖ-ଦୁର୍ଦ୍ଦଶାରୁ ମୁକୁଳି ଭାଇ ସୁଖରେ ରହୁ ବୋଲି ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କୁ ନିବେଦନ କଲା ।

ସବୁବେଳେ ମା' ହିଁ ସନ୍ତାନକୁ କାନିପଣତରେ ଘୋଡ଼େଇ ରଖେ । ବିପଦମୁହଁରୁ ମୁକୁଳେଇବାପାଇଁ ଜଗିବସେ । ସେହିଭଳି ମା' ଦୁର୍ଗା ସର୍ବଶକ୍ତିମୟୀ ଜନନୀ । ଦୁଃଖହାରିଣୀ, ବିପଦନାଶିନୀ, ଅଭୟବରଦାୟିନୀ । ସେ ସୃଷ୍ଟି-ସ୍ଥିତି-ବିଲୟର ଦେବୀ । ସେଥିପାଇଁ ଜୁହାଯାଇଛି -

ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋଃନମଃ ।

ମାଳତୀର ଅନୁନୟ, ଏକାଗ୍ରତା ଭକ୍ତି-ସାଧନା ମା' ଦୁର୍ଗାଙ୍କ କର୍ଣ୍ଣଗୋଚର ହେଲା । ଏକ ଅବଶ୍ୟମ୍ଭାବୀ ବିପଦରୁ ମାଳତୀର ଭାଇ ମଦନସୁନ୍ଦରକୁ ପ୍ରଚ୍ଛନ୍ନ ଭାବରେ ସାହଯ୍ୟ କଲେ । ମନ୍ତ୍ରୀ ପୁତ୍ର ମଦନସୁନ୍ଦର ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା ପାଇଗଲେ । ମାଳତୀର ଭାଇ ସୋହାଗ ଅତୁଟରହିଲା କେବଳ ଭାଇଜିଉଁନ୍ତିଆ ଓଷା ପାଇଁ ।

ଯେତେବେଳେ ଘାତକ ନିରବି ଭଙ୍ଗୀରେ ଂʼେରିଆସିଥିବାର ଖବର ପାଇଲା, ମାଳତୀ ମନରେ ଉକୁଟିଉଠିଲା ପ୍ରଶାନ୍ତିର ଚିହ୍ନ । କାରଣ ଭାଇ ନିଶ୍ଚିତ ମୃତ୍ୟୁର ଦ୍ୱାରଦେଶରୁ ଖସିପାରିଲା ।

ଏହି ଓଷାବିଷୟରେ ଅନ୍ୟ ଏକ ଲୋକକଥା ରହିଚି । ଦ୍ୱିଜ ଗୌରଚନ୍ଦ୍ରଙ୍କ ଲିଖନରେ କାହାଣୀର ଅବତାରଣା ଏହିପରି -

କୋଶଳ ରାଜଜେମାଙ୍କ ପୁତ୍ର ଶ୍ରୀରାମଚନ୍ଦ୍ର । ସେ ଥିଲେ କୋଶଳ ରାକକୁମାରୀମାନଙ୍କର ମାମୁ ପୁଅ ଭାଇ । ତେଣୁ ସେମାନେ ନିଜ ଭାଇର ସର୍ବ କୁଶଳ କାମନାକରି ଆଶ୍ୱିନ ଶୁକ୍ଳ ଅଷ୍ଟମୀରେ ଭାଇଜିଉଁନ୍ତିଆ ଓଷା ପାଳନ କରୁଥିଲେ । ବୋଧହୁଏ, କୋଶଳ ରାଜ୍ୟ ବା ପଶ୍ଚିମଓଡ଼ିଶାରେ ଭାତୃସ୍ନେହର ପ୍ରତୀକ ଭାଇଜିଉଁନ୍ତିଆ ବିଧିବିଧାନ ସହ ମହାଆଡମ୍ବରରେ ପାଳନ କରାଯାଉଥିବାର ନଜିର ରହଛି ।

ଭାଇଜିଉଁନ୍ତିଆ କୋଶଳୀୟ ସଂସ୍କୃତିରେ ଏକ ଅମ୍ଳାନ ପରମ୍ପରା । ଆଶ୍ୱିନ ମାସରେ ମା' ଦୁର୍ଗାଙ୍କର ଆରାଧନା ସାଧାରଣତଃ ପୂଜାପୀଠରେ ନଅ ଦିନ ପାଳନ କରାଯାଏ । ଏହାକୁ ନବରାତ୍ରି ବୋଲି କହିଥାନ୍ତି । ଭଉଣୀମାନେ ଭାଇଙ୍କ ଶୁଭମନାସି ଏହି ଓଷା ପାଳନ କରୁଥିଲେ ହେଁ ସଧବା, ବିଧବା, ବୃଦ୍ଧାରମଣୀମାନେ ମନଯୋଗ ସହକାରେ ପାଳନ କରନ୍ତି । ସଧବାମାନେ ମଣ୍ଡଳ ପୂଜାକରୁଥିଲାବେଳେ ବିଧବାମାନେ ଉପବାସ ରହିଥାନ୍ତି । ଶ୍ୱଶୁରାଳୟକୁ ବିବାହିତ ଭଉଣୀକୁ ଭାଇ ନିଜେ ଯାଇ ନିମନ୍ତ୍ରଣ କରିଥାଏ । ଏ ବିଧି ହେଉଛି ପବିତ୍ର ପ୍ରେମ ବନ୍ଧନର ମୂକସାକ୍ଷୀ । ଏ ଓଷାର ଆରାଧ୍ୟ ଦେବୀ ହେଉଛନ୍ତି ଦୁର୍ଗତିନାଶିନୀ ମା' ଦୁର୍ଗା ।

ଭାଇଜିଉଁନ୍ତିଆ ଓଷା ପାଳନ ଦିନ ରମଣୀମାନେ ପ୍ରାତଃ ସ୍ନାନ କରି ନଈତୁଠ ଏବଂ ପୋଖରୀହୁଡ଼ାରେ ଗୋଲାକାର ବାଲୁକା ବେଦି ସ୍ଥାପନା କରନ୍ତି । ଦିବସ ବ୍ୟାପୀ ନିର୍ଜଳା ଉପବାସ କରନ୍ତି । ଗୋଧୂଳି ସମୟରେ ନିକଟରେ ଥିବା ନଦୀ, ବନ୍ଧ କିମ୍ବା କଟା (ପଶ୍ଚିମ ଓଡ଼ିଶାରେ ପୋଖରିକୁ କଟା କୁହାଯାଏ ) । ସ୍ନାନପରେ ଆଠମୁଠାରେ ବାଲି ବେଦି ନିର୍ମାଣ କରନ୍ତି । ସେହି ବେଦିରେ ୮ ଟି ଶାଳ କାଠ କିମ୍ବା ଅପମାର୍ଗ କଠି ପୋତି କାକୁଡ଼ି ଚକି ଲଗାଇ ʼୁଲଚନ୍ଦନ, ଧୂପ ଲଗାଇ ପୂଜା କରି ଂʼେରିଆସନ୍ତି । ସନ୍ଧ୍ୟା ଆଗମନେ ଦୁର୍ଗା

ମା’ଙ୍କ ନିକଟରେ କଳସ ବସାଇ ଦୀପ ଜାଳି ୧୦୮ ଦୁର୍ବାକ୍ଷତ ସହ ବ୍ରତ ବାନ୍ଧି ଚଢ଼ାଇଥାନ୍ତି । ମା’ ଙ୍କ ପାଖରେ ଜାଗର ଜାଳି ୧୦୮ ଦୁବ ଜିଉଁନ୍ତିଆ ସହିତ କଖାରୁଫୁଲ, ମନ୍ଦାରଫୁଲ, ଅଁଳା ଡାଳ, ବେଲପତ୍ର, ନଡ଼ିଆ, କଦଳୀ, ଆତ ଫଳ ପ୍ରଭୃତି ସମର୍ପି ଦିଅନ୍ତି । ଜୁଗାର (ଲିଆ-ଉଖୁଡ଼ା) ପ୍ରସ୍ତୁତ କରି ନାନା ପ୍ରକାର ପିଠା ସହିତ ନଡ଼ିଆ, କଦଳୀ ଭୋଗ ଲାଗି କରନ୍ତି । ଭାଇଜିଉଁନ୍ତିଆ ବ୍ରତ କଥାବହିକୁ ମନଯୋଗସହକାରେ ପାଠ କରନ୍ତି ଓ ବ୍ରାହ୍ମଣମାନଙ୍କ ପଠନକୁ ବି ଆଗ୍ରହରେ ଶୁଣନ୍ତି । ବିଶ୍ୱାସ ରହିଛି ଯେ ଏହି ପବିତ୍ର ଦିନରେ ମା’ ଦୁର୍ଗାଙ୍କର ପ୍ରିୟ କଖାରୁଫୁଲ ନିଷ୍ଠାପରଭାବେ ଅର୍ପଣକଲେ ଶତ ସ୍ୱର୍ଣ୍ଣକମଳଯୁକ୍ତ ହୋଇଥାଏ । ସନ୍ଧ୍ୟାବେଳେ ଭକ୍ତିପୂତମନରେ ମା’ ଦୁର୍ଗାଙ୍କୁ ଆରାଧନା କରାଯାଏ । ଭାଇ ପାଇଁ ୧୦୮ ଟି ଦୁବ ଓ ୧୦୮ ଟି ଅକ୍ଷତ ଅରୁଆ ଚାଉଳ ସମେତ କେଇଟା ଫୁଲ ଶାଳପତ୍ର ଠୁଙ୍ଗାରେ ବାନ୍ଧି ତା’ ଉପରେ ଗୋଟିଏ ଲେଖାଏଁ ସୂତା (ବରତ୍ ବା ଜିଉଁନ୍ତିଆ ) ଗୁଡ଼େଇ ଦିଅନ୍ତି । ଭକ୍ତି ଆଶ୍ରିତ ପୂଜା ମାହୋଲ ଭିତରେ ରାତି ପାହେ । ପ୍ରାଚୀ ଗଗନରେ ସିନ୍ଦୂର ବୋଳି ସୂର୍ଯ୍ୟ ସ୍ନାନଘାଟରେ ସ୍ନାନ କରନ୍ତି ଓ ବାଲୁକା ବେଦୀରେ ପୂଜା କରି ଜିଉଁନ୍ତିଆ ପିନ୍ଧି ଘରକୁ ଫେରନ୍ତି । ତତ୍ପରେ ଭାଇମାନଙ୍କୁ ଆସନରେ ଉପବିଷ୍ଟ କରାଇ ଦୀପଜାଳି, ଅରୁଆ ଚାଉଳରେ ବନ୍ଦାଇଦିଅନ୍ତି ଓ ପ୍ରସାଦ ବାଢ଼ିଦିଅନ୍ତି ସ୍ନେହ-ଶ୍ରଦ୍ଧାରେ । ମା’ ଦୁର୍ଗାଙ୍କ ନିକଟରେ ଲାଗି ହୋଇଥିବା ଦୁବକେରାରେ ଆଣି ନିଜ ଭାଇକୁ ମୁଣ୍ଡରୁ ପାଦପର୍ଯ୍ୟନ୍ତ ସାତଥର ଝାଡ଼ିଦିଅନ୍ତି । ନିବିଡ଼ ଆତ୍ମୀୟତାରେ ଭାଇର ସର୍ବକୁଶଳ କାମନା କରନ୍ତି । ଭାଇକୁ ବସ୍ତ୍ର ଏବଂ ଉପହାର ଦେବା ସହ ମିଠା ଖୁଆନ୍ତି । ଭାଇଙ୍କ ହାତରେ ଜିଉଁନ୍ତିଆ ବାନ୍ଧି ଶୁଭ ମନାସିଥାଆନ୍ତି । ଭକ୍ତି ତଥା ଭାବମୟ ପରିବେଶ ତିଆରି ହୋଇଯାଏ ।

ଭାଇ ପାଇଁ ଭଉଣୀର ଭଲପାଇବା ହିଁ ଏହି ଓଷାର ମୁଖ୍ୟ ଉପଜୀବ୍ୟ । ସାମାଜିକ ମୂଲ୍ୟବୋଧରେ ବଂଚିରହିଛି ଏହି ପବିତ୍ର ଓଷା । ଧାର୍ମିକ ଭାବାବେଗରେ ଏହା ଚିର ମହୀଆନ ଓ ଚିର ଶ୍ୱାଶତ ।

ଏଲ୍. ଆଇ.ଜି-୧୫, ନୟାପଲ୍ଲୀ ବ୍ରୀଟ୍
କଲୋନୀ, ଭୁବନେଶ୍ୱର ୭୫୧୦୧୨

VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ପାଲି ସାହିତ୍ୟର ଗୀତା ; ଧମ୍ମପଦ, ଏକ ଆଲୋଚନା

*- ଶ୍ରୀଯୁକ୍ତ ଲଳିତ କୁମାର ସୁନାରୀ*

ଯେଉଁ ଦିନ ଠାରୁ ପ୍ରଶାନ୍ତ ଆକାଶ ବୁକୁରେ ପ୍ରତିଭାତ ହେଲା ଦିବସର ସୂର୍ଯ୍ୟ ଓ ରାତ୍ରୀରେ ଝଲସିଲା ଜହ୍ନ, ଝିଁ ଝିଁ ସ୍ୱରରେ ଝିଙ୍କାରୀ କଲା ନିଶିଥିନୀର ପ୍ରଭାବ ବିସ୍ତାର, ସାନ୍ଦ୍ର ଗହନ ବନ ଭିତରେ ସବୁଜ ପତ୍ର ଗହଳରୁ କୋଇଲି ମନ୍ଦ୍ରମଧୁରେ ମଳୟ ସଂଗୀତ ଗାନରେ ମଜ୍ଜିଗଲା, ଝରଣାର ଝରଝର ସ୍ୱର ଓ ପବନର ସାଇଁ ସାଇଁ ଧ୍ୱନିରେ ପୁଲକିତ ହୋଇ ଉଠିଲା ଧରା, ବର୍ଷା କାକର ଖରା, ନୀତି ଲଂଘନ ନକରି ନିଜର ଉପସ୍ଥିତି ଜାହିର କଲେ ସୃଷ୍ଟିରେ, ସେହି ଦିନୁଁ ଏକ ଧରାବନ୍ଧା ନୀୟମରେ ସମସ୍ତେ ନିଜର କର୍ତ୍ତବ୍ୟ ପାଳନରେ ସମର୍ପିତ ହେଲେ , ଏହି ସମର୍ପଣ ଭାବର ଅନ୍ୟନାମ ଧର୍ମ ।

ପୁଷ୍ପର ସୁଗନ୍ଧରେ, ପତ୍ରର ସର୍‌ର ସର୍‌ର ଶବ୍ଦ ଭିତରେ ଜୀବନ କାହାଣୀକୁ ବ୍ୟାଖ୍ୟା କଲା ଏ ମଣିଷ । ସେହି ଦିନଠାରୁ ମଣିଷର ଜୀବନ ସହିତ ଯୋଡି ହୋଇଗଲା ଧର୍ମର ସଂଜ୍ଞା ।

ଘଞ୍ଚ ବନାନୀ ମଧ୍ୟରେ ହିଂସ୍ର ଶ୍ୱାନଶ୍ୱାପଦର ବିକଟାଳ ଗର୍ଜନକୁ ଭ୍ରୁକ୍ଷେପ ନକରି ଜାନ୍ତବ୍ୟ ଜୀବନ ଜୀଉଁ ଥିବା ମଣିଷ, ଖରା ବର୍ଷା ଶୀତକୁ ନିଜର କୁବ୍‌ଜ ପିଠି ପାତି ସହିଯାଉଥିବା, ଆରଣ୍ୟକ ଜୀବନ ସ୍ୱାଦରେ ଆତ୍ମବିଭୋର ମଣିଷ ଯେଉଁ ଦିନ ପ୍ରଥମେ ଅଗ୍ନି ସ୍ଫୁଲିଙ୍ଗର ସଂନ୍ଦର୍ଶନରେ ଆତ୍ମ ବିଭୋର ହୋଇ ତାକୁ ନିଜ ଜୀବନର ଏକ ଅଙ୍ଗ ରୂପେ ବାଛି ନେବା ସହ  ପର ପର୍ଯ୍ୟାୟରେ ସଭ୍ୟ ଭାବରେ ବଞ୍ଚିବାର ପରିକଳ୍ପନା କରିଥିଲା ସେହି ମଣିଷ ଧର୍ମର ରଜ୍ଜୁରେ ବାନ୍ଧି ହୋଇ ଓଟାରି ହୋଇ ଆସିଲା ଏ ସଂସାରର ବିସ୍ତୀର୍ଣ୍ଣ ଉପବନ ଭିତରକୁ ।

ଏହି ସଂସାର ଏକ ବିଶାଳ ସାଗର । ସେହି ସାଗର ମଝିରେ ଠାବେ ଠାବେ ରହିଛି ବିରାଟ ଦରିଆ , ବିପର୍ଯ୍ୟୟର । ଦୁଃଖ ଓ ଶୋକର ଊର୍ମି ନାଚି ନାଚି ମଣିଷର ଜୀବନ ଯାତ୍ରା ପଥରେ ବାଧା ସୃଷ୍ଟି କରିବା ନିମନ୍ତେ ସଦା ପ୍ରସ୍ତୁତ । ସେହି ସଂସାର ରୂପି ସାଗରକୁ ପାରି ହେବା ନିମନ୍ତେ ଆବଶ୍ୟକ ଏକ ପୋତର, ଯାହାର ନାମ ଧର୍ମ । ସେହିଥି ପାଇଁ କବିବର ରାଧାନାଥ ରାୟ ଉଲ୍ଲେଖ କରିଛନ୍ତି

ଧର୍ମ ଏକ ପୋତ ଗଢିଛନ୍ତି ବିଧି
ତରିବାକୁ ଏହି ସଂସାର ବାରିଧି ॥

ବାସ୍ତବରେ ଏ ସଂସାରରେ ଜନ୍ମ ଲାଭ କରିବା ପରେ ମନୁଷ୍ୟକୁ ସତ୍ ମାର୍ଗରେ ନେଇ ଯିବା ନିମନ୍ତେ ଧର୍ମର ଆବଶ୍ୟକତା ରହିଛି । ଯାହାକୁ ପାଥେୟ କରି ମାନବ ଏ ସଂସାର ରୂପକ ବାରିଧିକୁ ଲଂଘନ କରିବାରେ ହୋଇଥାଏ ସମର୍ଥ । ସେହି ଧର୍ମର ସଂଜ୍ଞା ନିରୂପଣ କରିବାକୁ ଯାଇ ମନୀଷୀମାନେ କହିଛନ୍ତି  'ଧରୋତି ଧାରୟତି ଇତିଃ ଧର୍ମ'

ଅର୍ଥାତ୍ ଯାହା ଆମକୁ ଧାରଣ କରେ, ଯାହାର ପରୋକ୍ଷ ତଥା ପ୍ରତ୍ୟକ୍ଷ ନୀତିରେ ଆମ ଜୀବନ ହୁଏ ପରିଚାଳିତ ତଥା ନିୟନ୍ତ୍ରିତ ସେ ହେଉଛି ଧର୍ମ ।

ମହର୍ଷି ବଶିଷ୍ଠ ଧର୍ମର ସଂଜ୍ଞା ନିରୂପଣ କରି ଆପଣାର ଧର୍ମ ଶାସ୍ତ୍ରରେ କହିଛନ୍ତି

'ଆଚାରଃ ପରମୋ ଧର୍ମଃ ସର୍ବେଷାମିତି ନିଶ୍ଚୟ
ହୀନାଚାର ପରୀତତ୍ମା ପ୍ରେତ୍ୟ ଚେହ ଚ ନଶ୍ୟତି' ॥

ଅର୍ଥାତ୍ ଆଚରଣ ହେଉଛି ପରମ ଧର୍ମ, ଯେଉଁଠି ଆଚାର ନାହିଁ ସେହିଠି ଧର୍ମର ସତ୍ତା ପରିକଳ୍ପନୀୟ ନୁହେଁ ।

ସେ ପୁଣି କହିଛନ୍ତି

'ଧର୍ମଂ ଚରତ ମାଧର୍ମ ସତ୍ୟଂ ବଦତି ମାନୃତାମ
ଦୀର୍ଘଂ ପଶ୍ୟତ୍ ମାହ୍ରସ୍ୱଂ ପରଂ ପଶ୍ୟତ ମାପରମ୍' ॥

ଅର୍ଥାତ୍ - ଧର୍ମ ଆଚରଣ କର ଅଧର୍ମ ନୁହେଁ, ସତ୍ୟ କୁହ ମିଥ୍ୟା ନୁହେଁ, ଦୀର୍ଘକୁ ଦେଖ କ୍ଷୁଦ୍ରକୁ ନୁହେଁ ଅର୍ଥାତ୍ ଦୂରଦର୍ଶୀ ହୁଅ, ନିଜ ଭିତରେ ବିଶ୍ୱକୁ ଦେଖ, ବିନ୍ଦୁରେ ସିନ୍ଧୁର ପରିକଳ୍ପନା କର । ଏହାହିଁ ଧର୍ମର ବିଶେଷତ୍ୱ ।

ଅର୍ଥାତ୍ .. ଧର୍ମ ମଣିଷକୁ ସୁ ମାର୍ଗରେ କରେ ପରିଚାଳିତ । ଅଜ୍ଞାନ ଅନ୍ଧାରରୁ ଜ୍ଞାନର ପଥ ପ୍ରଶସ୍ତ କରି ହାତ ଧରି ବାଟ ଚାଲିବା ଶିଖାଏ ଧର୍ମ । ଅଜ୍ଞାନ ମଣିଷରୁ କୃତ୍‌ବିଦ୍ୟ ମଣିଷ ଯେଉଁ ରଥରେ ବସି ସଂସାର ସାଗରକୁ ପାରି ହେବାର ପ୍ରୟାସୀ ହୁଏ, ସେହି ରଥ ସାରଥୀର ନାମ ଧର୍ମ ।

ଏହି ଧର୍ମର ଅନୁସରଣ, ଧର୍ମ ପାଳନ ତଥା ସଂସାରରେ ଜଣେ ପ୍ରଜ୍ଞାବାନ ବ୍ୟକ୍ତି ଭାବରେ ନିଜକୁ ପରିଚିତ କରାଇବା ନିମନ୍ତେ ଅପରିହାର୍ଯ୍ୟ ଏକ ଏକ ଧର୍ମଗ୍ରନ୍ଥର ଆଲୋଚନା ।

ପ୍ରବହମାନ ସମୟ ସ୍ରୋତରେ ବଦଳି ଯାଇଛି ମାନବୀୟ ଭାବଧାରା । ମଣିଷ ବଞ୍ଚିବା ପାଇଁ ପୃଥକ ପୃଥକ ପଥ ବାଛି ନେଇଛି ନିଜ ପାଇଁ । ଆବଶ୍ୟକତା ସୃଷ୍ଟି କରିଛି ଏକାଧିକ ନୀତି ଓ ଆଦର୍ଶ । ସମୟର ନିର୍ଦ୍ଦେଶନାରେ ଅନେକ ମହାପୁରୁଷଙ୍କ ନୀତି ଓ ଆଦର୍ଶ ହୋଇଛି , ମହାଜନୋ ଯେନ ଗତଃସ ପନ୍ଥା ରୀତିରେ ଗ୍ରହଣୀୟ । ସେହି ନୀତି ଓ ଆଦର୍ଶ , ସମ୍ମିଳୀତ ରୂପରେ ଏକ ଏକ ଧର୍ମଗ୍ରନ୍ଥର ରୂପ ନେଇଛି , ଏବଂ ପ୍ରତିନିଧିତ୍ୱ କରିଛି ଏକ ଏକ ଧର୍ମର ।

ଆଜି ଯାଏଁ ବିଶ୍ୱ ଦରବାରରେ ଯେତେ ଧର୍ମ ସୃଷ୍ଟି ହୋଇଛି , ପ୍ରତ୍ୟେକ ଧର୍ମର ନୀତି, ଆଦର୍ଶ ଓ ଆଚାରକୁ ଗ୍ରହଣ କରି ସୃଷ୍ଟି ହୋଇଛି ଏକ ଏକ ଧର୍ମ ଗ୍ରନ୍ଥ

ହିନ୍ଦୁ ଧର୍ମର ଧର୍ମଗ୍ରନ୍ଥ ଭାବରେ "ଶ୍ରୀମଦ୍ ଭଗବତ୍ ଗୀତା", ମୁସଲମାନ ଧର୍ମରେ "କୋରାନ", ଖ୍ରୀଷ୍ଟିୟାନ ଧର୍ମରେ "ବାଇବେଲ", ଶିଖ୍ ଧର୍ମରେ "ଗ୍ରନ୍ଥସାହେବ" ତଥା ବୌଦ୍ଧ ଧର୍ମରେ "ତ୍ରିପିଟକ" ସର୍ବକାଳୀନ, ସର୍ବମାନ୍ୟ, ପୂଜ୍ୟା ଓ ନମସ୍ୟା, ଏକ ଏକ ଧର୍ମଗ୍ରନ୍ଥ ଭାବରେ ।।

ହିନ୍ଦୁ ଧର୍ମର ଧର୍ମଗ୍ରନ୍ଥ ଶ୍ରୀମଦ୍ ଭାଗବତ୍ ଗୀତା ଓ ବୌଦ୍ଧ ଧର୍ମର ଧର୍ମଗ୍ରନ୍ଥ ତ୍ରିପିଟକ ମଧ୍ୟରେ ଥିବା ଏକ ପୂଣ୍ୟଗ୍ରନ୍ଥ ଧମ୍ମପଦ ରେ ରହିଛି ଅନେକ ସାମଞ୍ଜସ୍ୟ, ଯାହା ଆଲୋଚନାରୁ ସ୍ୱଷ୍ଟ ଅନୁମେୟ ।

ବୌଦ୍ଧ ଧର୍ମଗ୍ରନ୍ଥ ତ୍ରିପିଟକ , ତିନୋଟି ପିଟକ ଗ୍ରନ୍ଥ ଯଥା- ସୁତ୍ତ ପିଟକ, ବିନୟ ପିଟକ ଓ ଅଭିଧମ୍ମ ପିଟକକୁ ନେଇ ରଚିତ । ସୂତ୍ତ ପିଟକ ପାଞ୍ଚୋଟି ବିଭାଗ ବା ନିକାୟରେ ବିଭକ୍ତ ଯଥା- ୧. ଦୀଘ୍‌ଘ ନିକାୟ, ୨. ମଜ୍ଝିମ ନିକାୟ, ୩. ସଂଯୁତ୍ତ ନିକାୟ, ୪.ଖୁଦ୍‌ଦକ ନିକାୟ ଓ ୫.ଅଙ୍ଗୁତ୍ତର ନିକାୟ । ଏହି ପାଞ୍ଚୋଟି ନିକାୟରୁ ଖୁଦ୍‌ଦକ ନିକାୟର ଏକ ଅଂଶ ବିଶେଷ ହେଉଛି 'ଧମ୍ମପଦ' । ପାଲି ଭାଷାରେ ରଚିତ ହୋଇଥିବା କାରଣରୁ ଏହା ପାଲି ଧମ୍ମପଦ ନାମରେ ପ୍ରଖ୍ୟାତ । ଏହି ଧମ୍ମପଦରେ ଥିବା 'ଧମ୍ମ' ଶବ୍ଦଟି ସଂସ୍କୃତ 'ଧର୍ମ' ଶବ୍ଦରୁ ଆସିଛି । ଏହି ଧମ୍ମପଦରେ ବୌଦ୍ଧଧର୍ମ ଓ ଧର୍ମାଚାରୀ ଶ୍ରମଣ ମାନଙ୍କ ମାର୍ଗ ଦର୍ଶନ ନିମନ୍ତେ ଅନେକ ସୂକ୍ତି ସଂଗୃହିତ ହୋଇ ରହିଛି ।

ହିନ୍ଦୁ ଧର୍ମରେ ଗୀତାର ମାହାତ୍ମ୍ୟ ଯେମିତି ସୁବିଦିତ ଠିକ୍ ସେହିପରି ବୌଦ୍ଧ ଧର୍ମରେ ଧମ୍ମପଦର ସ୍ଥାନ ରହିଛି ସ୍ୱତନ୍ତ୍ର, ସୁଖ୍ୟାତ ଓ ପୂଜ୍ୟ ।

ଭଗବାନଙ୍କ ଦଶାବତାର( ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ,ବଳରାମ  ବୁଦ୍ଧ ଓ କଲ୍‌କୀ) ମଧ୍ୟରୁ 'ବୁଦ୍ଧ' ଅବତାର ଅନ୍ୟତମ । ପରଂବ୍ରହ୍ମଙ୍କର ନବମ ଅବତାର ଏହି ବୁଦ୍ଧ ଅବତାର ।

ଏହି ଅବତାରରେ ପ୍ରଭୁ ବୁଦ୍ଧଦେବ ମଣିଷର ନିର୍ବାଣ ପ୍ରାପ୍ତି ନିମିତ୍ତ ଆପଣା ମୁଖରେ ଅନେକ ମାର୍ଗ ଦର୍ଶନ କରିଛନ୍ତି । ସେହି ସଦୁକ୍ତି ଗୁଡିକର ସଂଗ୍ରହ ହିଁ ଧମ୍ମପଦ । ଏହା ସଂଗୃହିତ ହୋଇ ନଥିଲା ବୁଦ୍ଧଦେବଙ୍କର ଜୀବିତ ଅବସ୍ଥାରେ । ବୁଦ୍ଧଦେବଙ୍କର ଇହଧାମ ତ୍ୟାଗ ପରେ ପରେ ତାଙ୍କର ଦୁଇଜଣ ଶିଷ୍ୟଙ୍କର ପ୍ରୟାସ ବଳରେ ସଂଗୃହିତ ହୋଇପାରି ଥିଲା ।ଯାହାର ସମୟ ପ୍ରାୟତଃ ଖ୍ରୀ.ପୂ.ତୃତୀୟ ଶତାବ୍ଦୀ ଅଥବା ଅଶୋକଙ୍କ ରାଜତ୍ୱ ସମୟ ବୋଲି ଗ୍ରହଣ କରାଯାଏ ।

ଏହି ଦୃଷ୍ଟିକୋଣରୁ 'ଧମ୍ମପଦ' ଧର୍ମଗ୍ରନ୍ଥ ଭାବରେ ତଥା ପୂଣ୍ୟ ଗ୍ରନ୍ଥ ଭାବରେ ନିଜର ଆସନକୁ କରି ପାରିଛି ଉଚ୍ଚ ।

ସମୟ ସ୍ରୋତରେ ଅନେକ ଆଲୋଚକ ବିଭିନ୍ନ ଦିଗରୁ ହିନ୍ଦୁଧର୍ମର ଧର୍ମଗ୍ରନ୍ଥ "ଶ୍ରୀମଦ୍ ଭାଗବତ ଗୀତା" ଏବଂ "ଧମ୍ମପଦ" କୁ ଆଲୋଚନା କରି ପରସ୍ପର ମଧ୍ୟରେ ନିବିଡ ସାମଞ୍ଜସ୍ୟତା ଥିବା ପ୍ରତିପାଦିତ କରିଛନ୍ତି । ସେହି ମର୍ମରେ ଏହାର ଭିନ୍ନ ଏକ ଦିଗରୁ ପୁନଃ ଆଲୋଚନା ଏଠି କରାଯାଇଛି।

"ଶ୍ରୀମଦ୍ ଭାଗବତ ଗୀତା" ଆର୍ଯ୍ୟ ସାହିତ୍ୟର ଏକ ପୂଣ୍ୟମୟ ମହାକାବ୍ୟ, ଜୀବନ ଦର୍ଶନର ଗୁରୁଗମ୍ଭୀର ନାଦରେ ନିନାଦିତା ଚିରସ୍ରୋତା ଭାଗିରଥୀ ତଥା ମହାଦର୍ଶରେ ଉତ୍‌ଫୁଲ୍ଲିତା ସ୍ରୋତସ୍ୱତୀ । ବିଷ୍ଣୁ ସହସ୍ର ନାମ, ଅନୁଗୀତା, ଗଜେନ୍ଦ୍ର ମୋକ୍ଷ, ଭୀଷ୍ମ ସ୍ତବରାଜ ଓ ଶ୍ରୀମଦ୍ ଗୀତା ଆଦି ପଞ୍ଚରତ୍ନ କୁ ନେଇ ସଂଗୃହୀତ ପଚଂମବେଦ ସ୍ୱରୂପ ଅଟନ୍ତି ମହାଭାରତ । ମାନବ ଜୀବନ ଓ ନୈତିକତାର ଗଙ୍ଗୋତ୍ରୀ ମହାଭାରତର ଭୀଷ୍ମପର୍ବର ଏକ ଅଂଶ ବିଶେଷ ହେଉଛି "ଶ୍ରୀମଦ୍ ଭାଗବତ ଗୀତା" । ରତ୍ନ ସ୍ୱରୂପା, ମଙ୍ଗଳମୟୀ "ଶ୍ରୀମଦ୍ ଭାଗବତ ଗୀତା" ଗ୍ରନ୍ଥରେ ଜୀବନର ନୈତିକ ଓ ଆଧ୍ୟାତ୍ମିକ ସଂଗୀତାକୁ ଗାନ କରାଯାଇଥିବାରୁ ଏହାର ନାମ ରଖାଯାଇଛି ଗୀତା । ମହାଭାରତୀୟ ମୂଲ୍ୟବୋଧର ଜ୍ୱଳନ୍ତ ନିଦର୍ଶନ, ଆଧ୍ୟାତ୍ମିକତାରେ ଅଭିମନ୍ତ୍ରିତ ଏକ ପୂଣ୍ୟମୟ କାବ୍ୟ ଏହି ଗୀତା ।

ଧମ୍ମପଦ ଯେମିତି ଅବତାର ପୁରୁଷ ବୁଦ୍ଧଙ୍କର ମୁଖ ନିସୃତ ବାଣୀ ଦ୍ୱାରା ସଂଗୃହୀତ ଠିକ୍ ସେହିପରି ମହାଭାରତରେ କର୍ଣ୍ଣଧାର ଦେବକୀନନ୍ଦନ ପରମ ପୁରୁଷ ଶ୍ରୀକୃଷ୍ଣଙ୍କର ମୁଖପଦ୍ମରୁ ବିନିସୃତ ସଦୁକ୍ତିର ଗନ୍ତାଘର ହେଉଛି "ଶ୍ରୀମଦ୍ ଭାଗବତ ଗୀତା" ।

ସର୍ବ ଉପନିଷଦର ସାରତତ୍ତ୍ୱ ହେଉଛି ଗୀତା, ବେଦ ଠାରୁ ଆରମ୍ଭ କରି ବିଭିନ୍ନ ଶାସ୍ତ୍ରର ସାରମର୍ମ ଏହା ମଧ୍ୟରେ ଖୁନ୍ଦି ହୋଇ ରହିଛି । ଜ୍ଞାନ ଯୋଗ, କର୍ମଯୋଗ ଓ ଭକ୍ତି ଯୋଗର ପୂଣ୍ୟ ତ୍ରିବେଣୀ ହେଉଛି ଗୀତା । ସେହି ପରି ଜ୍ଞାନ,କର୍ମ ଓ ଭକ୍ତି ଯୋଗର ଉତ୍ତାଳ ତରଙ୍ଗରେ ତରଙ୍ଗାୟିତ ଧମ୍ମପଦର ପ୍ରତିଟି ପୃଷ୍ଠା ।

"ଉପନିଷଦିତି ବ୍ରହ୍ମଚ ଗମୟତି ଇତିଃ ଉପନିଷଦ"

ଅର୍ଥାତ୍ ଯାହା ମାନବକୁ ନିର୍ବାଣ ଦିଗକୁ ଘେନି ଯାଏ, ଯାହାଦ୍ୱାରା ମଣିଷର ବ୍ରହ୍ମ ପ୍ରାପ୍ତି ହୁଏ ତାକୁ ଉପନିଷଦ କୁହାଯାଏ ।

ପୁନଶ୍ଚ "ଉପନିଷଦିତି ସର୍ବନର୍ଥକର ସଂସାର ବିନାଶୟତି ଉପନିଷଦ"

ଅର୍ଥାତ୍ ଯେଉଁ ବିଦ୍ୟା ସମସ୍ତ ପ୍ରକାର ଅଜ୍ଞାନ ଜାତ କ୍ରିୟାକଳାପକୁ ବିନାଶ କରି ଦିଏ ତାକୁ ଉପନିଷଦ କୁହାଯାଏ।

ଧମ୍ମପଦ ଅଥବା ଶ୍ରୀମଦ ଭଗବତଗୀତା ଅଧ୍ୟୟନ କଲେ ମନୁଷ୍ୟର ନିର୍ବାଣ ପ୍ରାପ୍ତି ହୁଏ । ଯେଉଁ ମାନବର ସକଳ ଅଜ୍ଞାନ ଓ ଅଜ୍ଞାନଜାତ କାର୍ଯ୍ୟକଳାପର ବିନାଶ ଘଟିଥାଏ , ସେହି ମାନବ ହିଁ ହୁଏ ନିର୍ବାଣ ପ୍ରାପ୍ତିର ଅଧିକାରୀ ।

ବିଶ୍ୱର ସର୍ବ ଉପନିଷଦର ସାରମର୍ମ ଗୀତାରେ ଥିବାରୁ କୁହାଯାଇଛି ..

"ସର୍ବୋପନିଷଦୋ ଗାବୋଃ ଦୁଗ୍‌ଧା ଗୋପାଳ ନନ୍ଦନଃ
ପାର୍ଥୋବତ୍ସା ସୁଧୀ ର୍ଭୋକ୍ତା ଦୁଗ୍‌ଧଂ ଗୀତାମୃତଂ ମହତ୍ ।"

ଅର୍ଥାତ୍ ସମସ୍ତ ଉପନିଷଦ ଯଦି ଏକ ଗାଈ ହୁଅନ୍ତି ତେବେ ଗୋପାଳ ନନ୍ଦନ ଶ୍ରୀକୃଷ୍ଣ ହେଉଛନ୍ତି ଗୋ ଦୋହନକାରୀ ଗୋପାଳ, ସବ୍ୟସାଚୀ ଅର୍ଜୁନ ବାଛୁରୀ, ସୁଧୀ ଭକ୍ତମଣ୍ଡଳୀ ହେଉଛନ୍ତି ଭୋକ୍ତା ଓ ଗୀତାର ଅମୃତତ୍ତ୍ୱ ହେଉଛି ଦୁଗ୍‌ଧ । ଏହାର ଅନୁରୁପ କଥା ପାଲି ଧମ୍ମପଦରେ ମଧ୍ୟ କୁହାଯାଇଛି । ଧମ୍ମପଦରେ ସବୁ ଉପନିଷଦକୁ ଗାଈ, ବୋଧିସତ୍ତ୍ୱ ବୁଦ୍ଧଦେବ ଗୋଦୋହନକାରୀ ଗୋପାଳ, ଶିଷ୍ୟ ଶିଷ୍ୟା ବାଛୁରୀ ସମ, ସମଗ୍ର ମାନବ ଜାତି ସୁଧୀଭୋକ୍ତା ଏବଂ ଧମ୍ମପଦର ସଦୁକ୍ତି ସମୁହ ଦୁଗ୍‌ଧ ଅଟନ୍ତି ।

ଗୀତାକୁ ଯେମିତି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସାମ୍ୟତାର ଏକ ପୁଷ୍ପମାଲ୍ୟ ମିଳିଛି ଠିକ୍ ସେହିପରି ଧମ୍ମପଦକୁ ମଧ୍ୟ କୌଣସି ଦଳ, ଜାତି ବା ଗୋଷ୍ଠୀର ବିଦ୍ୱେଷ କରିପାରିନାହିଁ ସ୍ପର୍ଶ ।

ବୌଦ୍ଧଧର୍ମ ସମୟାନୁକ୍ରମେ ବିଭିନ୍ନ ଭାଗରେ ଭାଗଭାଗ ହୋଇଯାଇଥିଲେ ମଧ୍ୟ ଧମ୍ମପଦ ହିମାଳୟ ସମ ଦୃଢ ଓ ସ୍ଥିର ହୋଇ ରହିଯାଇଛି ସମସ୍ତଙ୍କ ପ୍ରାଣରେ । ଅଧ୍ୟାୟ ଦୃଷ୍ଟିକୋଣରୁ ବିଚାର କଲେ ଦେଖାଯାଏ ...ଶ୍ରୀମଦ୍ ଭାଗବତ ଗୀତାରେ ରହିଛି ମୋଟ ଅଠର ଗୋଟି ଅଧ୍ୟାୟ । ପ୍ରତ୍ୟେକ ଅଧ୍ୟାୟରେ ଗୋଟିଏ ଗୋଟିଏ ନୂତନ ତତ୍ତ୍ୱ ବିଷୟରେ ଆଲୋକପାତ କରାଯାଇଛି ତତ୍ତ୍ୱର ଗୁରୁତ୍ତ୍ୱକୁ ଦୃଷ୍ଟିରେ ରଖି ଅଧ୍ୟାୟ ଗୁଡିକୁ ଯୋଗ ନାମରେ ନାମିତ କରାଯାଇଛି ଯଥା- ବିଷାଦ ଯୋଗ, ସାଂଖ୍ୟ ଯୋଗ, କର୍ମ ଯୋଗ, ଜ୍ଞାନଯୋଗ, କର୍ମ ସନ୍ୟାସ ଯୋଗ, ଜ୍ଞାନ କର୍ମ ସନ୍ୟାସ ଯୋଗ, ଅକ୍ଷର ବ୍ରହ୍ମ ଯୋଗ, ରାଜ ବିଦ୍ୟା-ରାଜଗୃହ୍ୟ ଯୋଗ, ବିଭୂତି ଯୋଗ, ବିଶ୍ୱରୂପ ଦର୍ଶନ ଯୋଗ, ଭକ୍ତିଯୋଗ, କ୍ଷେତ୍ରକ୍ଷେତ୍ରାଜ୍ଞ ବିଭାଗ ଯୋଗ, ଗୁଣତ୍ରୟ ବିଭାଗ ଯୋଗ, ପୁରୁଷୋତ୍ତମ ଯୋଗ, ଦେବାସୁର ସମ୍ପଦ ବିଭାଗ ଯୋଗ, ଶ୍ରଦ୍ଧାତ୍ରୟବିଭାଗ ଯୋଗ ଓ ମୋକ୍ଷ ସନ୍ୟାସ ଯୋଗ ।

ଧମ୍ମପଦକୁ ମଧ୍ୟ ଅନୁରୂପ ଭାବେ ୨୬ ଗୋଟି ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି । ପ୍ରତିଟି ଭାଗରେ ନୂତନ ଜ୍ଞାନ ପ୍ରଦାନକାରୀ ସଦୁକ୍ତିର ସମାହାର ରହିଛି । ପ୍ରତ୍ୟେକ ଭାଗକୁ ବଗ୍‌ଗ ବା ବର୍ଗ ନାମରେ କରାଯାଇଛି ନାମିତ । ଏହି ବର୍ଗ ଗୁଡିକ ସଂପର୍କରେ ଧମ୍ମପଦରେ କୁହାଯାଇଛି .......

"ଯମକଂ ଅପ୍ପମଦ ଚିତ୍ତଂ ପୁପ୍‌ଫ ବାଲେନ ପଣ୍ଡିତ
ଅରହନ୍ତ ସହସେନ ପାପଂ ଦଣ୍ଡେନଚ ଦଶ ॥
ଜରା ଅତ୍ତାଚ ଲୋକାଚ ବୁଦ୍ଧ ସୁଖ ପ୍ରିୟନେଚ,
କୋଧଂ ଧମ୍ମଟ ମଲଞ୍ଚ ମଗ୍‌ଗ ବଗେନ ବିଂଶତି ॥
ପକୀର୍ଣ୍ଣ ନୀରୟ ନାଗୋ ତଣ୍ହ ଭୀକ୍ଷୁ ଚ ବ୍ରାହ୍ମୋଣ
ଏତୋ ଛବି ସତ୍ୱୀ ବଗ୍‌ଗୋ ଦିସିତା ଦିଟ୍ଟ ବନ୍ଧୁନା ॥
ଗାଥା ସତ୍ତାନି ଚତ୍ତାରି ତେବିଶାଚ ପୁନା ପରେ
ଧମ୍ମପଦେ ନିପାତସ୍ମି ଦିସିତା ଦିଟ୍ଟ ବନ୍ଧୁନା ॥"

ଅର୍ଥାତ୍ ଧମ୍ମପଦରେ ୨୬ ଗୋଟି ବର୍ଗ ରହିଛି ସେଗୋଡିକ ହେଲା ଯମକ, ଅପ୍ରମାଦ, ଚିତ୍ତ, ପୁଷ୍ପ, ବାଳ ବା ମୂର୍ଖ ,ପଣ୍ଡିତ, ଅର୍ହତ, ସହସ୍ର, ପାପ, ଦଣ୍ଡ,ଜରା,ଆତ୍ମା, ଲୋକ , ବୁଦ୍ଧ, ସୁଖ, ପ୍ରିୟ, କ୍ରୋଧ, ଧର୍ମ, ମଳ, ମାର୍ଗ, ପକ୍ୟର୍ଣ୍ଣ, ନୀର ବା ନର୍କ, ନାଗ (ବୁଦ୍ଧ ଧର୍ମର ପବିତ୍ର ଚିହ୍ନ ହାତୀ ) ତୃଷ୍ଣା, ଭୀକ୍ଷୁ, ବ୍ରାହ୍ମଣ , ଇତ୍ୟାଦି । ଏହି ଛବିଶ ଗୋଟି ବର୍ଗରେ ମୋଟ ୪୨୩ ଗୋଟି ଗାଥା ବା ପଦ ରହିଛି । ଭିନ୍ନ ଭିନ୍ନ ବର୍ଗରେ ବର୍ଗର ନାମାନୁକ୍ରମେ ସଦୁକ୍ତି ଗୁଡିକ ପ୍ରଦାନ କରା ଯାଇଛି ।

ଯେପରିକି ପୁଷ୍ପ ବର୍ଗରେ କୁହାଯାଇଛି..

"ନ ପୁଫ୍‌ଫ ଗନ୍ଧୋ ପଟିବାତ ମେତି ନ ଚନ୍ଦନଂ ତଗର ମଲ୍ଲିକାଚ
ସତାଞ୍ଚ ଗନ୍ଧୋ ପଟିବାତ ମେତି ସର୍ବାଦିସା ସପ୍ପୁରିସୋ ପ୍ରବାତି ॥"

ଅର୍ଥାତ୍ ଫୁଲ , ଚନ୍ଦନ, ଟଗର ଅବା ମଲ୍ଲି ହେଉ ତାର ଗନ୍ଧ ପବନର ପ୍ରତିକୂଳ ବା ବୀପରିତ ଦିଗରେ ପ୍ରବାହିତ ହୋଇପାରେ ନାହିଁ ମାତ୍ର ଜ୍ଞାନରୂପକ ଫୁଲର ବାସ୍ନା ତଥା ସଦ୍‌ଗୁଣ ସଂପନ୍ନ ବ୍ୟକ୍ତିଙ୍କର ଗୁଣ ବା ଖ୍ୟାତି ପବନର ପ୍ରତିକୂଳ ରେ ଅର୍ଥାତ୍ ସାରା ଦୁନିଆର କୋଣ ଅନୁକୋଣ ପର୍ଯ୍ୟନ୍ତ ବିସ୍ତୁରିତ ହୋଇଯାଏ ।

ପାଲି ଧମ୍ମପଦ ସଂପର୍କରେ ସୁରେନ୍ଦ୍ର ନାଥ ଶତପଥୀ କହିଛନ୍ତି ...

ଧମ୍ମପଦର ସାରତତ୍ତ୍ୱ ବିଶ୍ୱର ସକଳ ଗ୍ରନ୍ଥରେ ମିଳିବା ଦୁଷ୍କର ନୁହେଁ । ଶାନ୍ତି, ମୈତ୍ରୀ,ପ୍ରେମ ତଥା ମୋକ୍ଷ ଆଦିର ବାଣୀ କେଉଁ ଧର୍ମରେ ନାହିଁ ? ଧମ୍ମପଦର ଏତାଦୃଶ ଜୀବନଯାପନ ପାଇଁ ଆଦେଶାତ୍ମକ ଉପଦେଶମାନ ରହିଛି । ଅତଏବ ଧମ୍ମପଦରେ ଯେ ଏକ ନୈତିକ ଆହ୍ୱାନ ଚିରଦିନ ପାଇଁ ରହିଛି ତାହା ଅନସ୍ୱୀକାର୍ଯ୍ୟ, ।
ଏହା କେବଳ ବୌଦ୍ଧ ଧର୍ମର ନୁହେଁ , ସାରା ମାନବ ଜାତି ନିମିତ୍ତ ଏକ ନୀତିଶାସ୍ତ୍ର ଓ ସଦାଚାର ସମ୍ମିଳିତ ଗ୍ରନ୍ଥ ଭାବରେ ଚିର ଭାସ୍ୱର ହୋଇ ରହି ଆସିଛି ଏବଂ ଯୁଗଯୁଗ ଧରି ରହିଆସିଥିବ ମଧ୍ୟ । ଶ୍ରୀମଦ୍ ଭଗବତ ଗୀତା ହେଉ ଅବା ଧମ୍ମପଦ ଉଭୟ ଗ୍ରନ୍ଥରେ ଯଥାକ୍ରମେ ଭଗବାନ ଶ୍ରୀକୃଷ୍ଣ ଏବଂ ଭଗବାନ ବୁଦ୍ଧ ମାନବ ଜାତି ନିମନ୍ତେ ସମାନ ବାର୍ତ୍ତା ଦେଇଥିବା ଲକ୍ଷ୍ୟ କରାଯାଏ ।

ଧମ୍ମପଦରେ ଭଗବାନ ବୁଦ୍ଧ କହିଛନ୍ତି , 'ସଂସାର ଦୁଃଖମୟ, ଦୁଃଖର କାରଣ ରହିଛି , ଦୁଃଖର କାରଣ ହେଉଛି କାମନା ବା ଆଶା, କାମନାର ବିନାଶରେ ଦୁଃଖର ବିନାଶ ତଥା ହୋଇଥାଏ ନିର୍ବାଣ ପ୍ରାପ୍ତି ' । ଏହି କାମନା ବା ମୋହ ସଂପର୍କରେ ଗୀତାରେ ମଧ୍ୟ ବର୍ଣ୍ଣିତ ଅଛି ।

ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ଉପରେ ପ୍ରୀତ ହୋଇ ତାଙ୍କୁ ଜୀବନର ସଫଳତା ନିମନ୍ତେ ମାର୍ଗିକ ଶିକ୍ଷା ଦେଇଛନ୍ତି ଏବଂ ଯାହାର ଫଳ ସ୍ୱରୂପ ଅର୍ଜୁନଙ୍କର ସମସ୍ତ ମୋହ ଓ ଅଜ୍ଞାନ ଅନ୍ଧକାର ଦୂରୀଭୂତ ହୋଇଛି ଏବଂ ସେ ନିଜର ଅମିୟ ଶକ୍ତିର ପରିଚୟ ପାଇଛନ୍ତି, ସେତେବେଳେ ସେ ଭଗବାନଙ୍କର ନିକଟରେ କୃତଜ୍ଞତା ଜ୍ଞାପନ ପୂର୍ବକ କହିଛନ୍ତି .. "ନଷ୍ଟୋ ମୋହଃ ସ୍ମୃତି ଲବ୍‌ଧା ତ୍ୱତ ପ୍ରସାଦାନ୍ ମାୟାଚ୍ୟୁତ୍
ସ୍ଥିତୋ ସ୍ମିଗତ୍ ସନ୍ଦେହଃ କରିଷ୍ୟେ ବଚନଂ ତବ ।"

ଅର୍ଥାତ୍ – ହେ ଭଗବାନ, ବର୍ତ୍ତମାନ ମୋର ସମସ୍ତ ମୋହ ବିନଷ୍ଟ ପ୍ରାୟ । ମୁଁ ସ୍ମୃତି ରୂପକ ଅସୀମର ସନ୍ତାନଙ୍କୁ ଫେରି ପାଇଛି ଆପଣଙ୍କ ପ୍ରସାଦରୁ ଏଣୁ ମୁଁ ନିଶ୍ଚୟ ଆପଣଙ୍କ କଥା ମାନିବି ।

ଏଠାରେ ଗୀତାରେ ଅର୍ଜୁନଙ୍କର ମୋହ ବା କାମନାର ବିନାଶ ଘଟିଥିବାର ସଂକେତ ମିଳେ ।

ବୁଦ୍ଧଦେବଙ୍କର କାମନା ବିବର୍ଜିତ ବାଣୀରେ ମଧ୍ୟ ଅନେକ ଶିଷ୍ୟ ଉଦ୍‌ବୁଦ୍ଧ ହୋଇ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଏକ ଧାର୍ମିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ , ପାଲି ଧମ୍ମପଦର ସ୍ଥାନ ଶ୍ରୀମଦ୍ ଭଗବତ ଗୀତା ଠାରୁ ମଧ୍ୟ ଉଚ୍ଚରେ ଅବସ୍ଥିତ । ସମୟ ଦୃଷ୍ଟିକୋଣରୁ ଶ୍ରୀମଦ୍ ଭଗବତ ଗୀତା ସୁବିଦିତ ହେଲେ ମଧ୍ୟ ରାଷ୍ଟ୍ରଗତ ଓ ସ୍ଥାନଗତ ଦୃଷ୍ଟିଭଙ୍ଗୀରୁ ଧମ୍ମପଦର ସ୍ଥାନ ବହୁ ଉଚ୍ଚରେ । ଗୀତାର ସ୍ଥାନ ସୀମିତ ଥିବା ବେଳେ ଧମ୍ମପଦ ରାଷ୍ଟ୍ର ବାହାରେ ମଧ୍ୟ ପ୍ରତିପତ୍ତି ଲାଭ କରି ପାରିଥିଲା ।

ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ;

"ପରିତ୍ରାଣାୟ ସାଧୁନାଂ ବିନାଶାୟ ଚଦୁଷ୍କୃତାମ୍
ଧର୍ମ ସଂସ୍ଥାପନାର୍ଥାୟମଂ ସମ୍ଭବାମି ଯୁଗେ ଯୁଗେ "।

ଅର୍ଥାତ୍ – 'ସାଧୁ ମାନଙ୍କର ରକ୍ଷା କରିବା ନିମନ୍ତେ ତଥା ମୂର୍ଖ ବା ପାପୀ ମାନଙ୍କୁ ବିନାଶ କରିବା ସହିତ ଧର୍ମର ସ୍ଥାପନ ଉଦ୍ଦେଶ୍ୟରେ ଯୁଗେ ଯୁଗେ ମୁଁ ଅବତାର ଗ୍ରହଣ କରିଥାଏ ବା ମୋର ଜନ୍ମ ହୋଇଥାଏ' ।

ଏଠାରେ ଭଗବାନ ଶ୍ରୀକୃଷ୍ଣ ସାଧୁ ଏବଂ ମୂର୍ଖ ମାନଙ୍କୁ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି । ମାତ୍ର ଭଗବାନ ବୁଦ୍ଧ ସମସ୍ତଙ୍କୁ ସମାନ ଆଖିରେ ଦେଖିଛନ୍ତି ଏବଂ ପାଲି ଧମ୍ମପଦରେ କହିଛନ୍ତି;

"ପରିତ୍ତାଣାୟ ସାଧୁନଂ ଦିଟ୍ଟି ଦାନାୟ ପାପିନଂ
ଧମ୍ମ ଚକ୍କ ପବତ୍ତେତୁ ସମ୍ଭବାମି ଯୁଗେ ଯୁଗେ" ।

ଅର୍ଥାତ- 'ସାଧୁମାନଙ୍କର ରକ୍ଷା ଓ ପାପୀ ମାନଙ୍କୁ ଧର୍ମ ଶିକ୍ଷା ଦେବା ସହିତ ସଂସାରରେ ଧର୍ମର ପ୍ରଚାର କରିବା ନିମିତ୍ତ ମୋର ହୋଇଥାଏ ଜନ୍ମ '।

ଏଥିରୁ ଜଣାଯାଉଛି ,ବୁଦ୍ଧଦେବଙ୍କର ଅସୀମ କରୁଣାରୁ କେହି ମଧ୍ୟ ବଞ୍ଚିତ ହୋଇ ନାହାନ୍ତି ।

ଶ୍ରୀମଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ ନିଜକୁ ସର୍ବଶକ୍ତିମାନ, ପରମ ପୁରୁଷ ଭାବରେ ବିବେଚନା କରିଛନ୍ତି

ଏବଂ ଅର୍ଜୁନ ତଥା ସମଗ୍ର ମାନବ ଜାତିକୁ ନିର୍ଦ୍ଦେଶ ଦେଇ କହିଛନ୍ତି ; "ତୁମେ ମୋତେ ଅନୁସରଣ କର, ମୁଁ ସର୍ବଶକ୍ତିମାନ, ମୋଠାରେ ସବୁରି ସତ୍ତା ନିହିତ"

ଏହା କହି ନିଜର ଶକ୍ତିର ପରିଚୟ ଦେବାକୁ ଯାଇ ବିଭୂତି ଯୋଗରେ କହିଛନ୍ତି ;

ମୁଁ..."ଦ୍ୱାଦଶ ଆଦିତ୍ୟ ମାନଙ୍କ ମଧ୍ୟରେ ବିଷ୍ଣୁ ନାମକ ଆଦିତ୍ୟ, ଜ୍ୟୋତିଷ୍କ ମାନଙ୍କ ମଧ୍ୟରେ କିରଣମାଳୀ ସୂର୍ଯ୍ୟ, ବାୟୁ ମାନଙ୍କ ମଧ୍ୟରେ ମରିଚ, ବେଦ ମାନଙ୍କ ମଧ୍ୟରେ ମୁଁ ସାମବେଦ, ଦେବତା ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟ ମଧ୍ୟରେ ମନ, ଭୂତ ମଧ୍ୟରେ ଶଙ୍କର, ଯକ୍ଷ ମାନଙ୍କ ମଧ୍ୟରେ କୁବେର, ବସୁ ମଧ୍ୟରେ ଅଗ୍ନି, ପର୍ବତ ମଧ୍ୟରେ ସୁମେରୁ, ସେନାପତିଙ୍କ ମଧ୍ୟରେ କାର୍ତ୍ତିକେୟ(ଦେବ ସେନାପତି), ଜଳାଶୟ ମଧ୍ୟରେ ସାଗର, ମହର୍ଷି ମଧ୍ୟରେ ଭୃଗୁ, ପଦ ମଧ୍ୟରେ ଓଁକାର, ସ୍ଥାବର ମଧ୍ୟରେ ହିମାଳୟ, ବୃକ୍ଷ ମାନଙ୍କ ମଧ୍ୟରେ ଅଶ୍ୱତଥ, ଦେବର୍ଷି ମଧ୍ୟରେ ନାରଦ, ଗନ୍ଧର୍ବ ମଧ୍ୟରେ ଚିତ୍ରରଥ, ସିଦ୍ଧ ପୁରୁଷ ମଧ୍ୟରେ କପିଳ ମୁନି, ଅଶ୍ୱ ମଧ୍ୟରେ ଉଚ୍ଚୈଶ୍ରବା, ଗଜ ମଧ୍ୟରେ ଐରାବତ, ମନୁଷ୍ୟ ମଧ୍ୟରେ ରାଜା, ଅସ୍ତ୍ର ମଧ୍ୟରେ ବଜ୍ର, ଧେନୁ ମଧ୍ୟରେ କାମଧେନୁ, ପଶୁ ମଧ୍ୟରେ ସିଂହ, ନାଗ ମଧ୍ୟରେ ଅନନ୍ତ, ଦୈତ୍ୟ ମଧ୍ୟରେ ପ୍ରହ୍ଲାଦ, ପକ୍ଷୀ ମଧ୍ୟରେ ଗରୁଡ, ମନ୍ତ୍ର ମଧ୍ୟରେ ଗାୟତ୍ରୀ ମନ୍ତ୍ର, ମାସ ମଧ୍ୟରେ ମାର୍ଗଶୀର, ଋତୁ ମଧ୍ୟରେ ବସନ୍ତ, ଯାଦବ ମଧ୍ୟରେ ବାସୁଦେବ, ଅକ୍ଷର ମାନଙ୍କ ମଧ୍ୟରେ ଅ କାର, ସମାସ ମଧ୍ୟରେ ଦ୍ୱନ୍ଦ ସମାସ, ନାରୀ ମଧ୍ୟରେ ଲକ୍ଷ୍ମୀ, ସରସ୍ୱତୀ, ଏବଂ ବିଦ୍ୟା ମଧ୍ୟରେ ବ୍ରହ୍ମବିଦ୍ୟା ଅଟେ ।"

ମାତ୍ର ଧମ୍ମପଦରେ ବୁଦ୍ଧଦେବ କହିଛନ୍ତି, ମୁଁ ନିମିତ୍ତ ମାତ୍ର, କର୍ମ କରିଯାଅ, ସୁ ମାର୍ଗରେ ଗତିକର, କାମନା ପରିହାର କର ଏବଂ ନିର୍ବଣତ୍ୱକୁ ପ୍ରାପ୍ତି ହୁଅ । ତୁମ ଠାରେ ସବୁ କିଛି ରହିଛି ।

ଭଗବାନ ଶ୍ରୀକୃଷ୍ଣ ନିଜକୁ ସର୍ବ ସଂପନ୍ନ ବୋଲି ବିବେଚନା କରୁଥିବା ବେଳେ ପ୍ରଭୁ ବୁଦ୍ଧ ସମଗ୍ର ମାନବଜାତିକୁ ଶ୍ରେଷ୍ଠ ଓ ଶକ୍ତି ସଂପନ୍ନ ବୋଲି କହିଛନ୍ତି ଏବଂ ନିଜେ ନିମିତ୍ତ, ନିୟାମକ ବୋଲି ସୂଚନା ରଖିଛନ୍ତି ,ଏବଂ ଯୋଗ ଓ ଯାଗକୁ ସମସ୍ତଙ୍କ ଠାରୁ ଦେଇଛନ୍ତି ଉଚ୍ଚତ୍ତର ଆସନ ।

ଧମ୍ମପଦ ଆଜି ବୌଦ୍ଧ ଧର୍ମଗ୍ରନ୍ଥ ଭାବରେ କେବଳ ବୌଦ୍ଧ ଧର୍ମରେ ନୁହେଁ, ଅନ୍ୟ ଧର୍ମ ଗ୍ରହଣ କରିଥିବା ଲୋକ ମାନଙ୍କ ମଧ୍ୟରେ ମଧ୍ୟ ନିତ୍ୟ ପାଠ୍ୟଗ୍ରନ୍ଥ ଭାବରେ ବ୍ୟବହୃତ ହୋଇ ଆସୁଛି ।

ଭଗବାନ ବୁଦ୍ଧ ମଧ୍ୟ ସଦା ସର୍ବଦା ଧମ୍ମପଦକୁ ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଅନୁରୂପ ଭାବରେ, ଭଗବାନ ଶ୍ରୀକୃଷ୍ଣଙ୍କ ମୁଖପଦ୍ମରୁ ବିନିଃସୃତ ତଥା ମାହାତ୍ମ୍ୟରେ ପରିପୂର୍ଣ୍ଣ ହେତୁ ଗୀତାମହାତ୍ମ୍ୟ ରେ ଗୀତାକୁ ନିତ୍ୟ ପାଠ୍ୟ ଗ୍ରନ୍ଥ ରୂପେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଅଧ୍ୟୟନ କରିବା ପାଇଁ ନିର୍ଦ୍ଦେଶ ଦେଇ କୁହାଯାଇଛି...

"ଗୀତା ସୁଗୀତା କର୍ତ୍ତବ୍ୟା କିମନ୍ୟୈଃ ଶାସ୍ତ୍ର ବିସ୍ତରୈଃ
ଯା ସ୍ୱୟଂ ପଦ୍ମନାଭସ୍ୟ ମୁଖ ପଦ୍ମାତ୍ ବିନିଃସୃତା ।।"

ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଗୀତା ଓ ଧମ୍ମପଦ ଉଭୟରେ ମାନବର ନିର୍ବାଣ ନିମିତ୍ତ ସଦୁକ୍ତି ଗୁଡିକ ସ୍ଥାନ ପାଇଛି । ପ୍ରତିଟି ପୃଷ୍ଠାରେ ଥିବା ଜନହିତକାରୀ ସଦୁକ୍ତି ଗୁଡିକ ମାନବ ସମାଜକୁ ଯୋଗାଇ ଆସିଛି ଜ୍ଞାନାଲୋକ । ଏହି ଆଲୋକ ମାନବର ଅଜ୍ଞାନ ରୂପକ ଅନ୍ଧକାରକୁ ସ୍ୱର୍ଣ୍ଣକିରଣ ସାଜି ଦୂରକରିଛି । ଗୀତା ଓ ଧମ୍ମପଦ ମାନବ ସମାଜ ପାଇଁ ସାଜିଛନ୍ତି "ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।"

ଯୁଗେ ଯୁଗେ ସତ୍‌କର୍ମ, ସତ୍‌ମାର୍ଗ ଓ ସତ୍ ଚିନ୍ତା ପାଇଁ ଗୀତା ଓ ଧମ୍ମପଦ ମାନବ ଜାତିକୁ ସୁମାର୍ଗ ଦେଖାଇବା ସହିତ ନିଜେ ପରମ ପୂଜ୍ୟା ଓ ବନ୍ଦନୀୟା ହୋଇ ରହିଛନ୍ତି ।

ସମୁହ ଦୃଷ୍ଟିରୁ ବିଚାର କଲେ ଏହି ମହିମାମୟ ଗ୍ରନ୍ଥଦ୍ୱୟ ମଧ୍ୟରେ ପ୍ରଭେଦର ଦୂରତ୍ୱ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଗ୍ରନ୍ଥଦ୍ୱୟ ନା କେବଳ ଆର୍ଯ୍ୟବର୍ତ୍ତରେ ଆର୍ଯ୍ୟସମାଜ ପାଇଁ ବରଂ ସମଗ୍ର ବିଶ୍ୱଜନ ପାଇଁ ବନ୍ଦନୀୟା, ନମସ୍ୟା ଓ ପୂଜ୍ୟା ।।

ଶିକ୍ଷକ, ଓଡିଆ ବିଭାଗ
ସିନାପାଲି ଉଚ୍ଚ ବିଦ୍ୟାଳୟ, ସିନାପାଲି
ଜି.ନୂଆପଡ଼ା, ପିନ-୭୬୬୧୦୮

# ଅଗ୍ନିପଥ

*- ଗୀତାଞ୍ଜଳି ନାୟକ*

ଅନ୍ଧାର ମାଡି ଆସିଲାଣି, ରାତି ବଢ଼ି ବଢ଼ି ଯାଉଛି । ଅନ୍ଧାର କ୍ରମେ ଗାଢ ହୋଇ ଗଲାଣି । ଗଛରୁ ପକ୍ଷୀ ମାନଙ୍କ ଫଡ୍, ଫଡ୍ ହେଉଥିବା ଶବ୍ଦ ଶୁଭୁଛି । ଅହର ରୁ ବିଲୁଆ ମାନଙ୍କର ହୁକେ ହୋ ଶବ୍ଦ, ରାତି ଏକପ୍ରକାର ହେଲା ବୋଲି ସଂଙ୍କେତ ଦେଉଥାଏ । ପଶୁ, ପକ୍ଷୀଙ୍କର ବିକଟାଳ ଶବ୍ଦରେ ମୋର ଛାତିଟା ଭୟରେ ଥରିବାକୁ ଲାଗୁଥାଏ । ମୋର ଚାଲିବା ଶକ୍ତି କ୍ରମେ କ୍ରମେ ଅବଶ ହୋଇ ଆସୁଥାଏ । ମୋର ଛାତି ଧକ୍ ଧକ୍ ପଡୁଥାଏ । ଏଣେ ଭୋକରେ ପେଟ କଅଁ କଅଁ କଲାଣି । ଆଗକୁ ଆହୁରି ବାଟ ଚାଲିବାକୁ ଅଛି । କଇଁ ଫୁଲିଆ ଜହ୍ନ ରାତି ହେଲେ ମେଘ କି ବର୍ଷା ସେମିତି ତ କିଛି ଦେଖା ଯାଉନି । ହେଲେ ଆକାଶଟା ପୁରା ଧୂଆଁ ଅନ୍ଧାରରେ ଚନ୍ଦ୍ରମା ମଳିନ ପଡିଯାଇଛନ୍ତି । ଘଡଘଡି ଶବ୍ଦ ପରି ମନେ ହେଉଛି, ହେଲେ ଏତ ଘଡ ଘଡି ନୁହେଁ ମନକୁ ସ୍ଥିର କରି ଶୁଣିଲି, ଏହା ଗୁଳି,ଗୋଳା ଆଉ ବୋମାର ଅବାଜ୍ । ତେଣୁ ସେହି ଧୂଆଁ ନିଶ୍ଚେ ଚନ୍ଦ୍ରମାକୁ ଘୋଡାଇ ଦେଇଛି । କାମ କରିବାକୁ ଘର ଠାରୁ ଦୂରକୁ ଆସିଥିଲି, ଘରେ ମୋର ଛୋଟ ଝିଅ ସୋଫିଆ ଅପେକ୍ଷା କରିଥିବା ସ୍ତୀର ପିଲା ପିଲି ହବାର ଅଛି, ପ୍ରାୟ ସମୟ ହୋଇ ଆସିଲାଣି, ତେଣୁ ଆଗକୁ ଗଛକୁ ନ ଚାହିଁ ଅଣନିଃଶ୍ୱାସୀ ହୋଇ ଧାଇଁଲି, ବୋଧେ ପୁଣି ଭାରତ ପାକିସ୍ଥାନ ଯୁଦ୍ଧ ଆରମ୍ଭ ହୋଇଗଲା ।

ମନକୁ ପାପ ଛୁଇଁଲା, ଏମିତି ଏକ ଯୁଦ୍ଧ ଘୋଷଣା ହୋଇଥିଲା, ଯେତେବେଳେ ମୁଁ ଛୋଟ ହୋଇଥାଏ ।ମୋର ଅମି ମୋତେ କାନ୍ଧରେ ପକାଇ ଧାଇଁଲେ, ମୋର ଦାଦା(ଜେଜେବାପା) ସେତେବେଳେ ଜରାଗ୍ରସ୍ତ ଥାଆନ୍ତି । ତାଙ୍କୁ ଛାଡିକି ଆବା ମୋର ଯିବାଟା ଠିକ୍ ମନେ କଲେନି । ସେତେବେଳକୁ ଆମେ ସମସ୍ତେ ଦୁଇ ଦିନ ବେ ଖାଇ ନ ଥାଉ । ଦାଦା( ଜେଜେ ବାପା)ଙ୍କର ସେହି କୋରଡ ଆଖିରୁ ଲୁହ ବୋହି ଯାଉଥାଏ । ଜରାଗ୍ରସ୍ଥ ଶରୀର ଖାଇବା ପାଇଁ ଘରେ କିଛି ନ ଥାଏ । ଆଉ ଔଷଧ ପାଇବୁ କୋଉଠୁ ? କଥା କହିବା ପାଇଁ ଶକ୍ତି ଆସିବ ବା କେଉଁଠୁ ? ତଥାପି ବହୁତ ଚେଷ୍ଟା କରି ଅସ୍ପଷ୍ଟ ଭାବେ ମୋ ଦାଦା କହିଲେ ନାତି ଆଉ ବୋହୂକୁ ଯା ବଞ୍ଚା । ମୁଁ ତ ଆଜି ନହେଲେ କାଲି ମରିବି । ତୁ ମୋତେ ଛାଡି ଚାଲି ଯା । ମୋ ଆବା କିଛି ଉପାୟ ନ ପାଇ ମୋ ଦାଦାଙ୍କୁ ଟେକି ଟେକି ଯଥା ସନ୍ଧ୍ୟା ଆଗକୁ ପାଦ ପାଦ ପରେ ପାଦ ବଢ଼େଇ ଚାଲି ଥାଆନ୍ତି । ହେଲେ ସବୁ ଠିକ୍ ଥିବା ଭଳି ଲାଗିଲା । ଆମ ଠାରୁ ସେମାନେ କିଛି ବାଟ ପଛେଇ ଗଲେ । ମୋର ସଂପୂର୍ଣ୍ଣ ମନେ ନଥିଲେ ବି ଠିକ୍ ସେହି ଆବଜ୍ ଏବେବି ବାଜିଲେ ମୋ ଛାତି ଥରି ଯାଏ । କୋଉ ଗୋଟେ କୋଣରୁ ଅଗ୍ନି ବର୍ଷା ହେବାରେ ଲାଗିଥାଏ । ପ୍ରକମ୍ପିତ ହୋଇ ଯାଏ ଗଗନ, ପବନ. ସତେ ଯେପରି ବସୁଧା ଦୋହଲି ଯାଉଥାଏ, ସେହି ଅଗ୍ନି ବର୍ଷାରେ ସେ ଦୁହେଁ କୁଆଡେ ହଜିଗଲେ, ତାଙ୍କ ଚିହ୍ନ ବର୍ଣ୍ଣ ରହିଲାନି । ଅମି ମୋର ସେମିତି କୋଳରେ ଜାକିଥାଏ ମତେ, ଭାଗ୍ୟକୁ ନିନ୍ଦା କରି ଆଗକୁ ଆମେ ବଢ଼ିଲୁ । ସେହି ଭୋକ, ଉପାସ, ଯନ୍ତ୍ରଣା, ରୋଗକୁ ଦେହ ସୁହା କରି ଦିନ କାଟି ଦେଲୁ । ଅମି ମୋର ଯାହା ମାଗି ଆଗେ ମତେ ଖାଇବାକୁ ଦେଇଦିଏ, ଆମକୁ ଏଠି ଚୋର, ଖଣ୍ଟ ଭାବି ଘରେ କେହି କାମ ଦେବା ପାଇଁ ନାରାଜ୍, କେତେବେଳେ ବାହାରେ ପଡିଥିବା ଖାଦ୍ୟ କୁକୁର ଅଧା ଖାଉଥିବ, ଆମେ ସେଥିରୁ କିଛି ଆଣି ଖାଉ । ଅମି ମୋର ମତେ ଏମିତି ଖାଇବାକୁ ଦେଇ ୧୫ ବର୍ଷ କରିଦେଲା । ଆମେ ପାଠ କ'ଣ ଜାଣିନୁ, ସିଏ ପୁଣି କେମିତି କା ଜିନିଷ, ତାକୁ ପଢ଼ିଲେ କ'ଣ ହୁଏ, ତାହା ମୋର ଜ୍ଞାନ ବାହାରେ, ଅମିର ଭୋକରେ ରହି ରହି ପାଟିରୁ ରକ୍ତ ପଡିଲା, ଡାକ୍ତର ଆମ ପାଇଁ ସାତ ସ୍ୱପ୍ନ, ସେଥିରେ ସେ ଆରପାରିକୁ ଚାଲିଗଲା । ମୁଁ ହେଇଗଲି ବେସାହାରା । ଏଇ କଥା ଭାବି ଭାବି ଧାଇଁ ଆସି ଦେଖିଲି ।

ଘରେ ଆସି ବହୁତ କଷ୍ଟରେ ସିନା ପହଁଞ୍ଚିଗଲି, ହେଲେ ଘର ଖାଲି । କେହି ଘରେ ନାହାନ୍ତି, ଭୋକ ମୋର କୁଆଡେ ମରିଗଲା, ଆଉ ପଥଶ୍ରମ ମୋ ଜଡ ଦେହଟାକୁ ଛୁଇଁ ପାରିଲାନି । ରନୀ କୁଆଡେ ଥିଲା ଧାଇଁ ଆସିଲା । ମୋ ଗୋଡ ପାଖରେ ନସର ପସର ହେଲା । ସେ ବି ଭୟ ଏବଂ ଭୋଗରେ ବିକଳ ହୋଇ ମୋତେ କିଛି କହିବାକୁ ଯାଉଥାଏ, ହେଲେ ତା ବିକଳ ଦେଖି ମୋ ଝିଅ ପାଇଁ ଆଣିଥିବା ବିସ୍କୁଟ ପ୍ୟାକେଟ୍‌ଟା ଖୋଲି ଖାଇବାକୁ ଦେଲି । ହେଲେ ସେ ଭୋକରେ ଥାଇ ବି ଖାଇବାକୁ ନାରାଜ୍ । ସେ ମୋତେ ଅନ୍ୟ କିଛି ଇସାରା ଦେଉଥାଏ । ଟାଣି ଟାଣି ବାହାରକୁ ଆଣି ଏଠୁ ଯାଅ ଭାରି ବୋଲି ଯେମିତି ତାର କଥା କହି ପାରୁ ନଥିବା ପାଟି ବହୁତ କିଛି କହୁ ଯାଉଥାଏ, ହେଲେ ମୁଁ ବି ତାକୁ ଛାଡି ଯିବାକୁ ଇଚ୍ଛା ନ ଥାଏ, କାହିଁକି ନା

ତାକୁ ଛାଡି ଗଲେ ଆଉ ଫେରିଲା ପରେ ରନୀକୁ ପାଇବିନି, ଆଖି ଫିଟି ନଥିଲା, ବହୁତ କଷ୍ଟରେ ତାକୁ ପାଳି ଏତେ ବଡ କରିଛୁ, ଭାବିଲି ଯାହା ହେଉ ତାକୁ ନେଇ କି ଯିବି, ଦୁହେଁ ଭିତିରିଆ ରାସ୍ତାରେ ସେହି ରାତିରେ ଜୀବନକୁ ବଞ୍ଚେଇବାକୁ ଦୌଡିବା ଆରେମ୍ଭ କଲୁ । ସାଙ୍ଗରେ ରନୀ ଥାଏ ବୋଲି ଟିକେ ଭୟ କମ୍ ଲାଗୁଥାଏ, ଗୁଳି, ବୋମା ଆବାଜ୍‌ରେ କାନ ଫାଟି ଯାଉଥାଏ ।

ଶେଷରେ ଟିକିଏ ଗୁଳି, ବୋମା ଆବାଜ୍ କମ୍ ଶୁଭିଲା । ଆମେ ବୋଧେ ରାତି ସାରା ଦୌଡିଦୌଡି ସେହି ଯୁଦ୍ଧ ଯାଗା ଅତିକ୍ରମ କରିଗଲୁ । ଦୂରରେ ଗାଡି ଯାଉଥିବାର ଶବ୍ଦ ଶୁଭିଲା । ସାହସ ବାନ୍ଧି ପୁଣି ପ୍ରାଣ ବିକଳରେ ଧାଇଁଲୁ । ଶେଷରେ ଆମେ ସେହି ଗାଡି ପାଖରେ ପହଁଞ୍ଚିଗଲୁ । ହେଲେ ଗାଡି ପାଖରେ ପହଁଞ୍ଚି ଦେଖିଲୁ, ମୋ ଝିଅ ସୋଫିଆ ତା ଅମିକୁ ଧରି ରଡି ଛାଡି କାନ୍ଦୁଥାଏ, ଆଉ ମୋ ସ୍ତ୍ରୀ ରେସ୍‌ମା ପ୍ରସବ ଯନ୍ତ୍ରଣାରେ ଉଡ ପଟ ହେଉଥାଏ । ଗାଡି ଅବଶ୍ୟ ଧିରେ ଧିରେ ଚାଲୁଥାଏ । ଆମେ ସେହି ଗାଡିକୁ ଉଠିଲୁ । ଆଲ୍ଲାଙ୍କୁ ଡାକିବା ଛଡା ମୋ ପାଖରେ କିଛି ଉପାୟ ନଥାଏ । ଆଲ୍ଲା ଆମକୁ କାହିଁକି ଏଠି ଜନ୍ମ ଦେଇଛନ୍ତି ? ସ୍ତ୍ରୀର ଛଟ ପଟ ଦେଖି ଗାଡିର ସମସ୍ତଙ୍କ ଆଖିରେ ଲୁହ । କୁକୁର ରନୀର ଆଖି ବି ଲୁହରେ ଭିଜି ଯାଉଥାଏ । ହେଲେ ଆଲ୍ଲାଙ୍କର ଏ କି କ୍ରୁର ନିଷ୍ପତି । ଆମର ଦୋଷ କ'ଣ ? ଆମେ ବିନା ଦୋଷରେ ଏତେ ଦଣ୍ଡ କାହିଁ କି ପାଉଛୁ ? ଝିଅଟି ବିକଳରେ କହୁଥାଏ, ଆବା ମୋ ଅମିକୁ ବଞ୍ଚେଇ ଦିଅ । ହେଲେ ମୁଁ ନିରୂପାୟ, ଉପାୟ ଶୂନ୍ୟ ମଣିଷଟା କ'ଣ ବା କରିପାରିବି, ସେମିତି ସେହି କଷ୍ଟକୁ ଆମେ ତିନି ଜଣ ଯାକ ଦେଖି ଦେଖି ପଥର ପାଲଟି ଗଲୁ । ଶେଷରେ ଆମକୁ ଗୋଟେ ଯାଗାରେ ଆଣି ଛାଡି ଦେଲେ । ରେସ୍‌ମାକୁ ଟେକି ଟେକି ମୁଁ ଗୋଟେ ମନ୍ଦିରକୁ ବହୁତ କଷ୍ଟରେ ନେଇଗଲି । ସେତେବେଳକୁ କଷ୍ଟ ସହି ସହି ମୂର୍ଚ୍ଛା ହୋଇ ଯାଇ ଥାଏ । ମୁଁ ଭାବିଲି ରେସ୍‌ମା ବୋଧେ ମୋ ଝିଅ ସୋଫିଆକୁ ଆଉ ମୋତେ ଛାଡି ଖୁଦାଙ୍କ ପାଖକୁ ଚାଲିଗଲା । ନିରାସା ମନରେ ମୋ ଆଖିରୁ ଲୁହ ହଠାତ୍ ବନ୍ଦ ହୋଇଗଲା । ଆଉ ହୃଦୟଟାକୁ ଯେମିତି କିଏ ଖିନ୍ ଭିନ୍ କରି ଦେଉଥାଏ । ତଥାପି ଝିଅଟା ପାଇଁ ସବୁ ଦୁଃଖକୁ ମନ ଭିତରେ ଚାପି ଦେଉଥାଏ । ଝିଅଟି ମୋର ତା ମା' କଷ୍ଟକୁ ଦେଖି ନିଜ ଭୋକ କି ଶୋଷ ମୋ ଆଗରେ ପ୍ରକାଶ କରୁ ନଥାଏ । ଏତେ କଷ୍ଟ ସହି ନପାରି ମନେ ମନେ ଆଲ୍ଲାଙ୍କୁ ଗାଳି ଦେଉଥାଏ । ସେତିକିବେଳେ ଜଣେ ବୁଢ଼ୀ ଲୋକ ଆସିଲେ ରେସ୍‌ମାକୁ ଦେଖିଲେ ଓ ସବୁ ଠିକ୍ ଅଛି ବୋଲି କହିଲେ । ଆମେ ତିନି ଜଣ ଆସ୍ୱସ୍ତି ହେଲୁ । ସବୁ କଷ୍ଟ ପରେ ଆଲ୍ଲା ଆମ ଉପରେ ଦୁଆ କରିଛନ୍ତି ବୋଲି ଆଲ୍ଲାଙ୍କୁ ମନେ ମନେ ଆମର କୃତଜ୍ଞତା ଜଣାଇଲୁ । ବୁଢ଼ୀ ଲୋକଟି ମଣିଷପଣିଆ ଦେଖେଇ ସିଏ ଜାଣିଥିବା ଉପାୟରେ ରେସ୍‌ମାର ପ୍ରସବ କରାଇଲା । ମା ଓ ଛୁଆ ପ୍ରାୟ ଭଲ ଥିଲେ । କପଡା ସେମିତି ନଥାଏ, ପତ୍ର ଗୋଟିଏରେ ପିଲାଟିକୁ ବୁଢ଼ୀ ଶୁଆଇ ଦେଲା, ମୋ ଚାଦରଟି ରେସ୍‌ମାକୁ ପିନ୍ଧାଇ ଦେଲି । ଝିଅ ମୋର ମୋ ଠୁ ଦେଖି ତା ଫ୍ରକ୍‌ଟିକୁ ଖୋଲି ତା ଭାଇକୁ ଘୋଡାଇ ଦେଲା । ମା ପୁଅ ଟିକିଏ ଆସ୍ୱସ୍ତି ହେଲେ । ପୂର୍ବ ଆକାଶରେ ସୂର୍ଯ୍ୟଙ୍କର ନାରଙ୍ଗୀ ଛିଟା ଟିକେ ଝାପ୍‌ସା ଦେଖା ଯାଉଥାଏ, ବୋଧେ ସକାଳ ହେବାର ସମୟର ସୂଚନା ଦେଉଥାଏ । ପକ୍ଷୀମାନେ ନୀଡ ଭିତରେ ଥାଇ ସକାଳକୁ ସ୍ୱାଗତ କରୁଛନ୍ତି । ତାଙ୍କ କିଚିରି ମିଚିରି ଶବ୍ଦରେ ପାଖ ଗାଁରୁ କୁକୁଡା ମାନଙ୍କର ମଧୁର ସ୍ୱର ଭାସି ଆସୁଥାଏ । ସେମାନେ ବୋଧେ ମନୁଷ୍ୟକୁ ଡାକି ଡାକି ଉଠାଉଛନ୍ତି । ଉଠ ସକାଳ ହେଲା ବୋଲି । ସମସ୍ତେ ରାତ୍ରିର ବିଶ୍ରାମକୁ ତ୍ୟାଗ କରି ଜାଗ୍ରତ ହେବା ପାଇଁ ବ୍ୟାକୁଳ, ହେଲେ ମୋ ମନରେ ଶଙ୍କା ଉଙ୍କି ମାରୁଥାଏ । ସକାଳ ହେବାକ୍ଷଣି ମନ୍ଦିର ପୂଜକ ଆସିଯିବେ ପୂଜା କରିବାକୁ । ଆମକୁ ଦେଖିଲେ ବାହାର କରିଦେବେ, କ'ଣ କରିବି ? ଏ ଥଣ୍ଡା ପବନରେ ଆଶ୍ରୟ ପାଇଁ କୋଉଠି କି ଯିବି ? ଉପାୟ ନ ପାଇ ମନ୍ଦିର ପଛପଟକୁ ମା' ଛୁଆଁଙ୍କୁ ଟେକି ଟେକି ନେଲି, ସେମିତି ଆମେ ତିନି ମଣିଷ ଆଉ ଆମ କୁକୁର ଭୋକ ଉପାସରେ ପଡିଥାଉ । ସକାଳ ହେବାରୁ ଜଣେ କିଏ ଆସିଲେ, ବୋଧେ ପୂଜାରୀ ଆସିଗଲେ । ଘଣ୍ଟି ବଜାଇ ପୂଜା ଅର୍ଚ୍ଚନା କଲେ । ମୁଁ ଖାଲି ଆଲ୍ଲାଙ୍କୁ ଡାକୁଥାଏ । ଆଶ୍ରା ଯଦି ଦେଉଛ ତୁମେ ଆମ ଉପରେ ଦୟା ଯଦି କରୁଛ ତାହାଲେ ନିର୍ଦ୍ଦୟ ହୁଅନି । ବ୍ରାହ୍ମଣ ଜଣକ ପୂଜା, ଆଳତୀ ବିଧି ଅନୁସାରେ କରି ମନ୍ଦିର ପରିକ୍ରମା କଲେ, ମୁଁ କ'ଣ କରିବି, ମୁଣ୍ଡ ମୋର କାମ କରୁନଥାଏ । କେମିତି କୋଉଠିକି ନେବି ? ରନୀ ଯାଇ ପୂଜାରୀଙ୍କ ଗୋଡ ପାଖରେ ପଡିଗଲା । ଯେମିତି କହୁଥାଏ ଆମ ମାନଙ୍କ ଉପରେ ଦୟା କରିବାକୁ , ତାକୁ ଦେଖି ପୂଜାରୀଙ୍କର ହୃଦୟ ତରଳି ଗଲା । ଆହା ପଶୁଟିର ସତରେ କେତେ ବଡ ହୃଦୟ, ଏହା ତାଙ୍କ ପାଟିରୁ ଆପେ ଆପେ ବାହାରି ଆସିଲା । ମୋ ଝିଅଟିର ଶୁଖିଲା ମୁହଁଟିକୁ ଦେଖି ମନ୍ଦିର ଭିତରୁ ଭୋଗ ଥାଳିଟି ଆଣି ମୋ ଝିଅର ଅଳରା ଚୁଟିକୁ ସାଉଁଳି ଦେଇ କହିଲେ ନେ ଖାଇଦେ ମା, ରେସ୍‌ମାକୁ ସେଇ ଭୋଗରୁ କିଛି ଖୁଆଇ ଦେଲେ । ରନୀ ମୁଁ ଆଉ ସୋଫିଆ ଭୋଗ କିଛି କିଛି ଖାଇଦେଲୁ । ଲୋକମାନେ କାଳେ ଦେଖିଦେବେ ମନ୍ଦିରରେ ଆଶ୍ରୟ ନେଇଛୁ ବୋଲି ନିଜକୁ ଲୁଚେଇ ଲୁଚେଇ ରଖିଥାଉ । ଆମେ ଏମିତି ଅବସ୍ଥାରେ ସେଇ ପୂଜକଙ୍କୁ ଭରଷା କରି ଗୋଟିଏ ଥର ଭୋଗ ଖାଇ ରହି ଯାଇଥାଉ । ସବୁ ପିଲା

ସ୍କୁଲ୍ ଯାଉଥାନ୍ତି, ପଢୁଥାନ୍ତି, ଆଉ ଖେଳ, କୁଦ କରିବା ମୋ ଝିଅ ଲଚି ଲୁଚି ଦେଖୁଥାଏ । ଥରେ ଆସି ମତେ କୁଣ୍ଢେଇ କଇଁ କଇଁ ହୋଇ ବହୁତ କାନ୍ଦିଲା ।

ମୁଁ ପଚାରିବାରୁ କହିଲା ଆବା ଆମେ କ'ଣ ମଣିଷ ନୁହେଁ ? ଆମେ କାହିଁକି ଏମିତି ବଞ୍ଚୁଛୁ ? ଆମର କ'ଣ ଭବିଷ୍ୟତ ବୋଲି କିଛି ନାହିଁ ? ଆମେ କ'ଣ ଜୀବନରେ ପାଠପଢ଼ି ଶିକ୍ଷିତ ହେଇ ବଞ୍ଚିବା ଏ ସୃଷ୍ଟିରେ ଆମର କ'ଣ ଅଧିକାର ନାହିଁ ? ଖୁଦାଙ୍କର ଆମେ କ'ଣ ଏତେ ଅଲୋଡା, ମୂଲ୍ୟହୀନ ଜୀବ ? ଖୁଦା ଏ ସୃଷ୍ଟିକୁ ଆମକୁ କାହିଁକି ତାହାହେଲେ ଆଣିଛନ୍ତି । ତା' କଅଁଳ ଓଠରୁ ପ୍ରଶ୍ନ ବାଣ ଗୁଡିକ ଭାସି ଆସୁଥାଏ । ମୁଁ ତାକୁ କହିଲି ଦେଖ୍ ତୁ ବ୍ୟସ୍ତ ହଅନି । ଆମଠୁ ଆହୁରି ଦୁଃଖ କଷ୍ଟ ଯନ୍ତ୍ରଣାରେ ଅନ୍ୟମାନେ ବଞ୍ଚୁଛନ୍ତି, କାହିଁକି ଆମେ ସମସ୍ତେ ଅଗ୍ନିପଥର ପଥିକ ପାଲଟି ଯାଇଛୁ ? ମୋ ଝିଅ ପଚାରୁ ଥାଏ, ଏହାର କ'ଣ କିଛି ଉପାୟ ନାହିଁ ? ଆମେ କ'ଣ ଏମିତି ମୃତ୍ୟୁକୁ ପାଖରୁ ଦେଖିଦେଖି ବଞ୍ଚିବା ?

ମୁଁ ତାକୁ କହିଲି ଦେଖ ଭାରତ, ପାକିସ୍ଥାନ ଗୋଟିଏ ଗଛର ଦୁଇଟି ଶାଖା । ମାଆ ଗୋଟିଏ ଆଉ ସନ୍ତାନ ଦୁଇଟି । ଭାଇ ଆଜି ଭାଇର ଶତ୍ରୁ ହେଇ ଯାଇଛି । ଉଭୟ କହୁଛନ୍ତି ଏଇ ସ୍ଥାନଟି ମୋର । ଦୁଇ ଭାଇଙ୍କ କଳିରେ ଆମେ ସରଳ, ନିରୀହ ଲୋକମାନେ ବଳି ପଡି ଯାଉଛୁ । ଆମେ ମନୁଷ୍ୟ ଅହଂକାରର ହାର ଜିତ୍ ଖେଳରେ ବଳି ପଡି ଯାଇଛୁ । ଆମେ କ୍ୟାଲେଣ୍ଡରଟି ପରି ଅଗ୍ନି ଯନ୍ତ୍ରଣାରେ ଛଟ ପଟ ହୋଇ ଜଳିବା ଛଡା ଆମର ବା ଉପାୟ କ'ଣ ? ଶେଷରେ ଜଳି ଜଳି ଶେଷ ହୋଇ ଯିବା ହିଁ ଆମ ଜୀବନ । କାହାର ଏ ଅଭିଶାପ ଆମେ ଜାଣିନୁ । କେଉ ଅପରାଧର ଏ ସଜା ମଧ୍ୟ ଆମକୁ ମାଲୁମ୍ ନାହିଁ । କେତେ ସୈନିକ ଙ୍କ ମୁଣ୍ଡ ଗଡି ଯାଉଛି । ଆଉ କେତେ ମା ସନ୍ତାନହରା ହୋଇ ବ୍ୟାକୁଳ, ଆକୁଳରେ ଛାତି ଫଟା ଲୁହ ଢ଼ାଳି ଦେଉଛନ୍ତି । କେତେ ବିଧବା ଧଳା ଲୁଗା ବାନ୍ଧି କେବଳ ଆଖିରୁ ଲୁହ ବଦଳରେ ଲହୁ ଗଡେଇ ଚାଲିଛନ୍ତି । ପିଲାଛୁଆଙ୍କ କଥା ନ କହିବା ଭଲ ।

ଆଜି ସମସ୍ତେ ଭାଇ ଭାଇ ସମ୍ପର୍କଭୁଲି ଯାଇଛୁ । ହିନ୍ଦୁ, ମୁସଲିମ୍, ଶିଖ୍, ଖ୍ରୀଷ୍ଟିୟାନ ସବୁଯାକ ଭାଇ ଆମେ ତ ଗୋଟିଏ ମାଆର ରକ୍ତକୁ ବିଶାକ୍ତ କରି ଦେଇଛୁ । ସମସ୍ତେ ଆଜି ଯୁଦ୍ଧ କୌଶଳ ଶିଖି ଅଶାନ୍ତିକୁ କିଣିବାକୁ ଯେପରି ବ୍ୟାକୁଳ । ମାତୃଭୂମିର ମାନ ରଖିବା ନାଁରେ ତା ସନ୍ତାନ ଲୁହରେ ତା ପଣତ ଭିଜେଇ ବା ଯେମିତି ଆମର କର୍ତ୍ତବ୍ୟ ହୋଇ ଯାଇଛି । ସମସ୍ତେ ଆଜି ଭାଇ ଭାଇ ମହାଭାରତ ଯୁଦ୍ଧ ପାଇଁ ଆଗଭର । ଯୁଦ୍ଧ କରିବା ଯେମିତି ଆମର ଧର୍ମ ।

ଥରେ ଗାନ୍ଧୀଙ୍କର ଅହିଂସାର ଅସ୍ତ୍ର ମୋ ପୃଥିବୀବାସୀଙ୍କୁ ଯଦି ବାଣ୍ଟି ଦିଆଯାଆନ୍ତା, ଆଉ ଗୋଟିଏ ଧର୍ମ ତାହା ସାରା ବିଶ୍ୱକୁ ମାନବ ଧର୍ମରେ ଦିକ୍ଷିତ କରି ହୁଅନ୍ତା । ବିଶ୍ୱବାସୀଙ୍କ ହୃଦୟକୁ ମାନବିକ ମନ୍ତ୍ରରେ ଅଭିମନ୍ତ୍ରୀତ କରି ହୁଅନ୍ତା ତେବେ ବିଶ୍ୱବାସୀ ଶାନ୍ତିର ରାଜମହଲରେ ସୁଖରେ କାଳତିପାତ କରନ୍ତେ ।

"ହଂସଟି କାହାର" ଗପଟିକୁ ସମସ୍ତେ ପ୍ରାୟ ଶୁଣି ଥିବେ । ଦେବଦତ୍ତ ହଂସଟିକୁ ଶର ମାରି କ୍ଷତ, ବିକ୍ଷତ କରି ଭୂମିଷ୍ଟ କରିଦେଲେ, ଆଉ ସିଦ୍ଧାର୍ଥ ତାଙ୍କ କୋମଳ ହାତର ସ୍ପର୍ଶରେ ନିଜ ସାମର୍ଥ ଅନୁସାରେ ଆରୋଗ୍ୟ କରିଥିଲେ, ଭଲ ହେଲା ପରେ ଦେବଦତ୍ତ କହିଲେ ହଂସଟି ଏହି ମୁକ୍ତ ଆକାଶର ତେଣୁ ତାକୁ ମୁକ୍ତି କରିଦେଲେ । ସେହି ସିଦ୍ଧାର୍ଥଙ୍କ କୋମଳ ହାତର ସ୍ପର୍ଶ ଯଦି ମନୁଷ୍ୟ ହୃଦୟକୁ ଛୁଇଁ ପାରନ୍ତା, ଆଉ ଏ ହୃଦୟ ବିଦାରକ କରୁଣ ଦୃଶ୍ୟ ଯଦି କାହା ପ୍ରାଣକୁ ଲୁହରେ ଭିଜେଇ ପାରନ୍ତା, ଆଉ ଆମ ମାନଙ୍କ ପାଖରେ ମାନବିକତା ବୋଲି ଯେଉଁ ଶବ୍ଦକୁ ସମସ୍ତେ ହୃଦୟଙ୍ଗମ କରିପାରନ୍ତେ, ତେବେ ଆମଭଳି ଯାଯାବର ମାନଙ୍କର ଦୁଃଖ ଚାଲିଯାଆନ୍ତା । ମୋ ଝିଅ ସେମିତି ମୋ କଥାଗୁଡା ଶୁଣୁଥାଏ, ଆଉ ଆଖିରୁ ସେମିତି ବୋହିଯାଉଥାଏ ଅମାନିଆ ଲୁହ । ଶୁଣି ସାରି କହିଲା, କେତେ ଜାଗା ପଡିଛି, ଏହି ଟିକିଏ ଜାଗା ପାଇଁ କାହିଁ କେତେ ମୁଣ୍ଡ ଗଡୁଛି । କାହିଁ କାରଗିଲ୍ ଯୁଦ୍ଧ ଲାଗୁଛି । ଏ ଅଗ୍ନିପଥରୁ ଆମେ କେବେ ମୁକ୍ତି ପାଇବୁ ? ମୋ ଝିଅ ସୋଫିଆ ଲମ୍ବ ହୋଇ ଆଲ୍ଲାଙ୍କୁ ଡାକୁଥାଏ, ହେ ଆଲ୍ଲା ଆମକୁ ବଞ୍ଚିବାକୁ ଦିଅ, ଆମ ମାନଙ୍କୁ ପଢ଼ିବାକୁ ଦିଅ, ଖେଳିବାକୁ ଦିଅ, ପଶୁ, ପକ୍ଷୀ ମାନଙ୍କୁ ନିରାପଦ ଯୋଗାଇ ଦିଅ, ଛୋଟଛୁଆଙ୍କର ଭବିଷ୍ୟତକୁ ଏମିତି ଦଳି, ଚକଟି ଛାରଖାର୍ ହେବାକୁ ଦିଅନି । ଆମ୍ଭମାନଙ୍କଠାରୁ ଆମ ବାସସ୍ଥାନ ଛଡାଇ ନେଇ ଆମକୁ ବେଘର କରିଦିଅନି, ଭୋକ ଉପାସ କେତେ ସହିବୁ ? ମଣିଷ ପରି ବଞ୍ଚିବାକୁ ଦିଅ, ଆଲ୍ଲା ଆମକୁ ଦୟା କର, ଆମର ଏ ଅଗ୍ନି ପଥ ଶୀତଳ ଛାୟା ପଥ କରିଦିଅ, ଆମ ବାଟରେ ତୁମ ଆଶୀର୍ବାଦର ପୁଷ୍ପ ବରଷି ଯାଉ ।

ମୋ ଧରିତ୍ରୀ ମା ଆଜି ଗୁଳି, ଗୋଳା ଆବାଜ୍ ଆଉ ତା ସନ୍ତାନ ରକ୍ତରେ ତାର ମାଟିକୁ ଭିଜେଇ ଦେବାକୁ ଚାହେଁନି । ମଧୁର ସ୍ପର୍ଶରେ ମାଟି ମା'କୁ ମୁକ୍ତ କରେ ଏହା ହେଉ ଆମର ଲକ୍ଷ୍ୟ ।

*ନୂଆପଡା, ବାଲିସାହି, କଟକ*

# ସେ ଦିନ

- ସୁଜାତା ସାହୁ

ବୈଶାଖର ଅସହ୍ୟ ଝାଞ୍ଜି ଆଉ ଗୁଳୁଗୁଳିରୁ ମୁକ୍ତି ପାଇଁ କୋଉ ଗ୍ରାମବାସୀମାନଙ୍କର ଯଜ୍ଞର ଫଳ କେମିତି ମିଳିଗଲା ଏଇ ଧରିତ୍ରୀ ମାଆକୁ । ଆସିଛି ଯେ ସମସ୍ତଙ୍କର ଝାଳିଆ ଦେହର ଗନ୍ଧ ଆଉ କୁନି ପିଲାଙ୍କର ଦେହର ଘିମିରିରୁ ରକ୍ଷା ଦେବା ପାଇଁ ।

ଶ୍ରାବଣ ! ଯିଏ ଥୁଣ୍ଟା ହୋଇ ଯାଉଥିବା ସେ ବରଘଛଟାର ଦୁଃଖ ବୁଝିବା ପାଇଁ ଆସୁଛି । ସମସ୍ତଙ୍କୁ ଖରାରୁ ଛାଇ ଦେଇ କେତେ ପଥିକ ତା' କୋଳରେ ବସି ଅବୁଝା ଛୁଆ ହୋଇ ଯେମିତି ମା' କୋଳରେ ଗେଲ ହଉଥିଲେ । ସମସ୍ତେ ଆସି ଚାଲିଗଲେ ତା ଦୁଃଖ କିଏ ବୁଝିବ ! ହଁ ବୁଝିଛି ସେ । ନ ହେଲେ ସବୁଜ ପସରା ନେଇ କାହିଁ ସେ ଆସିଥାନ୍ତା ! ଏମିତି ଗୋଟେ ନିରୀହ ପ୍ରେମିକର ସେ ସାକ୍ଷୀ !

ସେଦିନ ଦିନ ୧୨ଟା । ଏପ୍ରିଲ ମାସର ମୁଣ୍ଡଫଟା ଖରା । ସୀମା ଫୋନ୍ କରିଥିଲା ଆଉ କହିଲା ତମେ ସେ ବଡ ବରଗଛ ପାଖକୁ ଶିଘ୍ର ଆସ । "କାହିଁ କ'ଣ ହେଲା" କିଛି କହିବା ପୂର୍ବରୁ ସେ ଫୋନ୍ କାଟି ଦେଲା । ମୁଁ କ'ଣ କରିବି ଜାଣିପାରିଲିନି । ଭାବିଲି ଆଉ ତା'ବାପାଙ୍କର କିଛି ହୋଇଗଲା କି । ନା' ସେମିତି ହେଇଥିଲେ ସୀମା ମୋତେ ବରଗଛ ପାଖକୁ ଆସିବାକୁ କହି ନ ଥାନ୍ତା । ନା ସେମିତି କିଛି ନୁହେଁ । ସୀମାର କିଛି..... । ନା'ନା । ଏମିତି ବି ତାଙ୍କ ଗାଁର ସେ ଶଙ୍କରା ପୁଅ ସୀମାକୁ ଏକ ତରଫା ପ୍ରେମ କରୁଥିଲା । ବାପାର ପଇସା ଅଛି ବୋଲି ତାକୁ ଫୁସୁଲେଇଲା । ହେଲେ ମୋ ସୀମା ତା କେବଳ ମୋତେ.... । କିଛି ବି କହିହେବନି ଝିଅଙ୍କ ମନ କଥା । କେବେ ଅଳସୀ ଲତା, ତମ ପାଖରେ ଏମିତି ହେବେ ଯେ ତମେ ଭାବିବ ସେ ଗୋଟାପଣ ତମର । ସୀମାର ସାଙ୍ଗ ସେ ପାଖ ଗାଁର କାହାକୁ ନେଇ ପଳେଇଛି । ସେଥିପାଇଁ ବୋଧେ ଏତେ ପ୍ରଶ୍ନ ମୋ ମନରେ । ତାହେଲେ ସେ ସବୁବେଳେ କାଇଁ ଡରାଏ ।

ସେ ଶଙ୍କର ପୁଅ କଥାକହି ତାଙ୍କ ଗାଁକୁ ଏକା ନିଶ୍ୱାସରେ ଯାଇ ପହଁଞ୍ଚିଯାଏ ସେଇ ବରଗଛ ମୂଳେ । ହେଲେ ଏତେ ଉଦୁଉଦିଆ ଖରାବେଳେ କାହଇଁ କେହି ନାହାନ୍ତି ତ । କିଛି ସମୟପରେ କାହାର କଇଁ କଇଁ କାନ୍ଦ । ଯେମିତି ଗୋଟ ଝିଅ ଶାଶୁଘରକୁ ଯିବା ବେଳେ କାନ୍ଦେ ତା ବାପାକୁ ଧରି । ସେତେବେଳେ ଅବାଧ ଝିଅକୁ ବିଧିରବିଧାନ ଛଡା ଆଉ କିଛି କହିବାକୁ ନଥାଏ । ଏଇ ବିଧାତା ସବୁ ମୂଳରେ । ଏଇ ବିଧାତା ସହିତ କେବେ ଯଦି ଦେଖା ହୁଏ ତାହେଲେ ପଚାରିବି, ଝିଅ କାହିଁକି ! ପୁଅ କାହିଁକି ନୁହଁ । ଏଇଥି ପାଇଁ ବୋଧେ ବାପାମାନେ ଝିଅକୁ ବେଶୀ ଭଲ ପାଆନ୍ତି । ଏତିକିବେଳେ ମୋ ଆଖି ପଡିଯାଏ ସୀମା ଉପରେ । ଆରେ ଇଏ କ'ଣ ! କାନ୍ଦୁଛ କ'ଣ ପାଇଁ ? ମୋ ଦେହ ଝାଳନାଳ ହେଇଗଲାଣି । କୁହ କ'ଣ ହେଇଛି ? ପ୍ରଥମେ ଆଖିରୁ ଲୁହ ପୋଛି ଦିଅ । ବୈଶାଖର କାଳବୈଶାଖୀ ଭଳି ସେ ତା କୋହଭରା କଣ୍ଠରେ କହିଲା "ମୋତେ ଭୁଲି ଯାଅ" । ମୋ ବାହାଘର ବାପା ଠିକ୍ କରିଦେଇଛନ୍ତି । ଓଃ ! ତମେ ସେ ଶଙ୍କର ପୁଅକୁ ଭଲ ପାଉଛ, ନହେଲେ ଏମିତି ମଜାକ କାହିଁ କରୁଛ ?

ପ୍ଲିଜ୍ ମଜାକ୍ କରନି । ସେତେବେଳକୁ ମୋ ହୃଦୟର ସ୍ପନ୍ଦନ ଯେମିତି ବନ୍ଦ ହୋଇ ଗଲାଣି । ନା ସତ ! ତମେ ଆମ ବିଷୟରେ ଘରେ କିଛି କହିଲନି ? କ'ଣ କହିଥାନ୍ତି ? ତମେତ ସରକାରୀ ଚାକିରୀ ପଛରେ ଗୋଡାଇଚ ।ତମ ସାଙ୍ଗର ସବୁପିଲା କମ୍ପାନୀରେ ଚାକିରୀ କରି ବାହାହେଲେଣି । କେବେ କୋର୍ଟ କଚେରୀ ତ କେବେ ପରୀକ୍ଷା ବାତିଲ । କେବେ କୋଉ ସରକାରୀ ବାବୁଙ୍କ ଚିହ୍ନା ଦରକାର । ତା ମାନେ ଏଇଟା ଛଳନା ଥିଲା । ତମେ ଭଲ ପାଉନଥିଲ । ସେମିତି କୁହନି । ତମ ପାଇଁ ମୁଁ କେତେ କ'ଣ କରିଛି । ମୁଁ ମୋ ଜୀବନଠୁଁ ଅଧିକ ତୁମକୁ.... । ଆଉ ଭଲ ପାଇବାର ସେହି ପବିତ୍ର ଶବ୍ଦ ତୁମ ମୁହଁରେ ଶୋଭା ଦଉନି । ସେ ତାହାହେଲେ କ'ଣ କରୁଛନ୍ତି ? ସରକାରୀ ଚାକିରୀ ? ଭୁବନେଶ୍ୱରରେ ରହୁଛନ୍ତି ? ସରକାର ବି ତାଙ୍କୁ ରହିବାପାଇଁ ଘର ଦେଇଛନ୍ତି । ତମେ ଖୁସି ତ ସୀମା । ତୁମ ଖୁସିରେ ମୁଁ ବି ଖୁସି ହେବି । ଖୁସି ! ସେଇଟା ପୁଣି କଅଣ ! ଏଇ ବିଧାତାର ସୃଷ୍ଟି ହିଁ ସେଇଆ । କେବେ ସେ ନାରୀକୁ ଖୁସିରେ ରଖେନି । ଝିଅଟେ ଜନ୍ମ ହଉ ହଉ ତା ମୁଣ୍ଡରେ ଏଇ ଦୁନିଆ ପାହାଡ ଭଳି ଠିଆ ହୋଇଯାଏ । ତୁ ଏମିତି ବସେନି,ଏମିତି ହସେନି, ଏମିତିଆ ପୋଷାକ ପିନ୍ଧେନି । ବାପା ଭାଇଙ୍କୁ ଖାଇବାକୁ ଦବୁ, ତା' ପରେ ଖାଇବୁ । ନିଜେ ପଢ଼ିକି କ'ଣ କରିବୁ ? ଶାଶୁଘରକୁ ଯିବୁ ରୋଷେଇ ଶିଖେ । ଏମିତି ସମସ୍ତେ ମିଶିକି ତା' ଇଚ୍ଛା ଆଉ ସ୍ୱପ୍ନକୁ ମାରିଦିଅନ୍ତି । ଶେଷରେ ତା ଜୀବନର ସବୁଠୁ ଅମୂଲ୍ୟ ପୃଷ୍ଠା ଖୋଲା ହୁଏ । ତା'

ବାହାଘର । ତା' ଜୀବନସାଥି ବାଛିବା ବି ତାଡ଼ ପରିବାର ଲୋକଙ୍କର । କୁହାଯାଏ ନାରୀ କୁଆଡେ ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ରଚନା ।

ଈଶ୍ୱର ବୋଧେ ପ୍ରଥମେ ଗୋଟିଏ କଣ୍ଢେଇ ତିଆରି କରିଥିଲେ । ତା'ପରେ ଜୀବନ ଦାନ ଦେଇ କରିଛନ୍ତି ନାରୀ । ଏମିତି ଥିଲା ସେ ଶେଷ ବିଦାୟ । ହେଲେ ଯା ଭିତରେ ତ ତିନିମାସ ପୁରିଗଲାଣି । ଏଇ ଝିପିଝିପି ବରଷା ଆଜି ସୀମାର ପୁରୁଣା କଥା ସବୁ ମନେ ପକାଇଦେଉଛି । କେତେ ଯେ ରାତି ମୁଁ ଅଖିଆ ଶୋଇଛି ମୁଁ ଜାଣେ । ସବୁ ସେଇ ଶ୍ରାବଣର ଦୋଷ । ଶ୍ରାବଣର ଛୋଟ ବଡ ଟୋପା ମୋତେ ମୋ ଦୁଃଖ ଧୋଇବାକୁ ସାହାର୍ଯ୍ୟ କ'ଣ କରିବ ! ହେଲେ ସେ ମନେ ପାଇଦେଉଛି ମୋ ଅତିତକୁ ! ସେଇ ମାଟିର ବାସ୍ନା ଆଉ ଛୋଟଛୋଟ ପାଦରେ ତା'ର ପାଉଁଜିର ସ୍ୱର । ମୋ ଭିତରୁ କେହିଜଣେ କହୁଛି ଭୁଲିଯା' ତାକୁ । ସେ ପାଉଁଜି ସ୍ୱର ତୋ ପାଇଁ ନୁହେଁ ।କେମିତି ଭୁଲିବି । ହେଲେ କୌଣସି ବଦଭ୍ୟାସର ସାହାର୍ଯ୍ୟ ମୁଁ ନେଇପାରିବିନି । କାଇଁ ନା ମୁଁ ଦିନେ ତା' ମୁଣ୍ଡରେ ହାତରଖି ଶପଥ ନେଇଥିଲି ।

ଏତିକି ବେଳେ ଫୋନ ରିଂ ହେଲା । ସେ ପାଖରେ ସୁନ୍ଦର ତରୁଣୀର ସ୍ୱର ।

ତୁମେ କେମିତି ଅଛ ?

ମୁଁ ହଠାତ୍ ଜାଣିପାରିଲିନି ।

ଏଇ ଶ୍ରାବଣ ତୁମକୁ ମୋତେ ଦୂରେଇଦେଲା । ଶ୍ରାବଣ ଭଲ ନୁହେଁ । କାଇଁ ନା ସେଦିନ ଫଗୁ ବୋଲି ମୋତେ ଭଲ ପାଅ ବୋଲି କହିଥିଲ । ଫଗୁଣର ଫଗୁଭଳି ଶ୍ରାବଣ ହେଲାନି କାହିଁକି ? ଓଃ ତୁମେ ସୀମା ! ତୁମେ କ'ଣ ଶ୍ରାବଣ ଠୁଁ କମ୍ ନିଷ୍ଠୁର କି !

ଆଜି କେମିତି ମନେ ପଡିଲି ! ଆଜି ଜାଣିଲି ତମେ ସେ ଯୋଉ ସରକାରୀ ଚାକିରୀ ପାଇଁ ଆପ୍ଲାଏ କରିଥିଲ ପାଇଯାଇଛି । ଆଉ ମୂଖ୍ୟମନ୍ତ୍ରୀ ତୁମକୁ ଜଏନିଂ ଲେଟର ଦଉଛନ୍ତି ଜାଣିଲାପରେ ଆଉ ରହିପାରିଲିନି । ମୁଁ ଜାଣିଥିଲି ତମେ ନିଶ୍ଚୟ ପାଇବ । ଏବେ ତମେ ଖୁସି ନା ? ହଁ ସବୁ ଅଛି ହେଲେ ନାହିଁ ଖାଲି ତମେ ! ନ ଜାଣିଲା ପରି ତମେ ସହର ଆସିବ । ମୁଁ ତୁମକୁ ଭୁବନେଶ୍ୱର ବୁଲେଇଦେବି ।

***ଛିମା, ଖୋର୍ଦ୍ଧା***

# ଅମଣିଷ

- ସୁଧାଂଶୁ ଶେଖର ଦ୍ୱିବେଦୀ

ତରବରିଆ ଘରୁ ବାହାରିଲା ରଘୁନାଥ । ତାକୁ ଅଧମାଇଲ ରାସ୍ତା ଯିବାକୁ ପଡିବ । ଯାହାହେଲେବି ହାକିମ ହୁକୁମ କଥା । ଖଣ୍ଡ ମଣ୍ଡଳରେ ସମସ୍ତେ ତାକୁ ଖାତିର କରନ୍ତି । ତାପରେ ରଘୁନାଥ ହେଉଛି ବାବୁଙ୍କର ଅତି ବିଶ୍ୱସ୍ତ ମଣିଷଟିଏ । ବାବୁ ଯାହା ବରାଦ କରନ୍ତି ରଘୁନାଥ କେବେ ଏଡାଇ ଦିଏ ନାହିଁ । ବାବୁଙ୍କ ଡାକରେ ତା ନାଁ ରଘୁନାଥ ନୁହେଁ ରଘୁଆ । ପ୍ରତି ମୂହୂର୍ତ୍ତରେ ବାବୁ କହନ୍ତି 'ଆରେ ରଘୁଆ କୁଆଡେ ଗଲୁ ? ଏଇଟା ଆଣ, ସେଇଟା ଦେଇଯାଆ, ଅମୁକ କାମ ହୋଇଛି ନା ? ସେଠିକୁ ଯାଇଥିଲୁ ନା ? ବାବୁଙ୍କର ଏଇମିତି ଅନେକ କାମର ବୋଝ ତା ମୁଣ୍ଡ ଉପରେ ଲଦା ହୋଇଥାଏ ।

ସେଇ ବାବୁଙ୍କର ଘର ତୋଳା କାମ ଆରମ୍ଭ ହୋଇଛି । ବାବୁ ସବୁ ଦାୟିତ୍ୱ ରଘୁଆ ଉପରେ ଲଦି ଦେଇଛନ୍ତି । କେତେ କାମ ହେଲା, କିଏ କିଏ ମୂଲିଆ ଆସିବ, ସବୁ ହିସାବ ତନଖି କରିବାକୁ ଦାୟିତ୍ୱ ଦେଇଛନ୍ତି ।ବାବୁଙ୍କର ମଧ୍ୟ ପୁରା ବିଶ୍ୱାସ ରଘୁଆ ଥିଲେ ତାଙ୍କ ଘର ତୋଳା କାମ ଠିକ୍ ଠିକ୍ ଚାଲିବ ।

ଦିନି ନାହିଁ ରାତି ନାହିଁ ରଘୁଆ କାମରେ ଲାଗିଛି । ସେ କେବେ ଭାବିନି ଯେ ଏଇ ଘର ତା ବାବୁଙ୍କ ଘର । ସେ ପର ଘରେ କାମ କରୁଛି ସତ ହେଲେ ବାବୁ ଘରର କାମ ନିଜେ ସବୁ ଦାୟିତ୍ୱ ନେଇ କରୁଛି । ଘର ତିଆରିରେ ଲାଗୁଥିବା ସିମେଣ୍ଟ, ବାଲି, ରଡ, ଇଟା ଭିତରେ ନିଜକୁ ହଜେଇ ଦେଇଛି ଯେମିତି । ଏତେବଡ ଦୁନିଆରେ ସିନା ନିଜର ହୋଇ ତାର କେହି ନାହାନ୍ତି, ହେଲେ ଏଇ ହାକିମ ବାବୁ ତାର ସର୍ବସ୍ୱ । ଆଉ ଇଟା, ସିମେଣ୍ଟ ବାଲି ରଡ୍ ତାର ସଖା ସହୋଦର ସବୁ କିଛି । ସେଇ ମାନଙ୍କ ସହିତ ସେ ଦିନରାତି ଗୁଣୁଗୁଣୁ ହୋଇ କଣ ସବୁ କଥା କହେ । ବାବୁଙ୍କର ଘରକାମ ଆରମ୍ଭଠାରୁ ସେ ତା ଚାଳିଆ ଘରକୁ ଯାଏନି । ବାବୁଘରେ ରହୁଛି, ବାବୁଙ୍କ ପାଖରେ ଖାଉଛି । ସେ ଯେତେବେଳେ କାମରେ ଲାଗିଥାଏ କି ବାଟରେ ଚାଲିଥାଏ ତାକୁ ସମସ୍ତେ 'ଏଇ ବାବୁଘର ରଘୁଆ ଆସୁଛି' ବୋଲି ଖାତିର କରନ୍ତି । ପ୍ରତ୍ୟେକ ମୂଲିଆଙ୍କର ରଘୁଆଇ ରଘୁଆଇ ଡାକ ତାକୁ ଖୁବ୍ ଚଞ୍ଚଳ କରିଦିଏ । ସମସ୍ତଙ୍କୁ କାମ ବରାଦ କରିବା, କିଏ କ'ଣ କଲା ନକଲା ବୁଲି ଦେଖିଲା ବେଳେ ସେ ଭାବେ ମୁଁ ବାବୁଘର ଚାକର ନୁହେଁ, ତାଙ୍କ ବଡ ପୁଅ । ଦେଖୁ ଦେଖୁ ଘରକାମ ବଢ଼ି ଚାଲିଲା । ଇଟା, ସିମେଣ୍ଟର କାନ୍ଥ ଆସ୍ତେ ଆସ୍ତେ ଉପରକୁ ମୁଣ୍ଡ ଟେକିଲା । ସେଦିନ ରଘୁଆ ବାବୁଙ୍କୁ କହିଲା, 'ବାବୁ ଆଠ ବଖରା ଘର ଭିତରେ ଗୋଟିଏ ବଡ ବଙ୍ଗଳା ରଖିବା । ପ୍ରତ୍ୟେକ ଘରର ଦ୍ୱାର ଯେପରି ବଙ୍ଗଳାକୁ ରହିବ ସେହିପରି କରିବା । ଦ୍ୱାର ମୁହଁର ପ୍ରଥମ ଘରଟିରେ ଆପଣଙ୍କର ସାଙ୍ଗମାନେ ଆସିଲେ ବସିବେ । ତାପର ଘରେ ଆପଣଙ୍କ ବହି ଖାତା ସଜାଡି ରଖାଯିବ' । କେଉଁ ଘରେ ଖାଇବା କେଉଁଠାରେ ଶୋଇବା, ରାନ୍ଧିବା ଏମିତି କହି ଦେଉଥାଏ ରଘୁଆ । ତା ଛୋଟମୁଣ୍ଡରେ ଯାହା ଭାବିଲା ତାହା ଗପି ଚାଲିଥାଏ । ବେଳେ ବେଳେ ବାବୁ ମଧ୍ୟ ରଘୁଆର ପରାମର୍ଶକୁ ତାରିଫ କରନ୍ତି । ସେ ଯାହା ହେଉ ରଘୁଆ ପରାମର୍ଶରେ ହେଉ କିବା ବାବୁଙ୍କ ଇଚ୍ଛାରେ ହେଉ ତଳତାଳାରେ ଆଠବଖରା ଘର ହେଲା । ବଡ ବଙ୍ଗଳାଟିଏ ମଧ୍ୟ ହେଲା ।

ୟା ଭିତରେ କଟି ଗଲାଣି ଦୁଇ ବର୍ଷ । ଦୁଇଟି ବର୍ଷ ସିନା କଟିଯାଇଛି, ହେଲେ ରଘୁଆକୁ ଦୁଇ ବର୍ଷ ଦୁଇଦିନ ପରି ଲାଗୁଛି । ଆଜି ତାର ମନେ ପଡୁଛି ଯେଉଁଦିନ ଘରର ପ୍ରଥମ ଶୁଭ ଦିଆଯାଇଥିଲା । ତା ମନ ଭିତରେ କେତେଜଣ ଭାବନା ଉଙ୍କି ସତରେ ! ମୂହୂର୍ତ୍ତିଟିଏ ମଧ୍ୟ ସେ ଘରକୁ ଛାଡି କୁଆଡେ ଯାଇପାରୁନି । ତାକୁ ସେଇ ଘର ଭିତରେ ସବୁକିଛି ମିଳିଗଲା ପରି ଲାଗୁଛି । ସତେ ଯେମିତି ଇଟା, ସିମେଣ୍ଟରେ ଗଢ଼ା ହୋଇଥିବା ଘରଟି ତା ପାଇଁ ବାପା, ମା', ସ୍ତ୍ରୀ, ପିଲା ସବୁକିଛି । ସେଗୁଡିକ ପାଇଁ ତାର ଯେମିତି ଅନେକ କର୍ତ୍ତବ୍ୟ କରିବାର ଅଛି । କେଉଁଦିନ ଯଦି ଅନ୍ୟ କିଛି କମାରେ କୁଆଡେ ଚାଲିଯାଇଛି, ଫେରିଲାପରେ ତାକୁ ଲାଗେ ସତରେ ଯେମିତି ଘରଗୁଡିକ ମୁହଁ ଶୁଖେଇଛନ୍ତି । ସବୁଦିନ ପରି ହସୁନାହାନ୍ତି, କଥା କହୁନାହାନ୍ତି । ପୁଣି ଲକ୍ଷ୍ୟ କରି ଦେଖେ ଯେମିତି ତାର ଅତି ଆପଣାର ଘରଟି କଇଁ କଇଁ କାନ୍ଦୁଛି । ତାପରେ ସେ ମନେ ମନେ ଗୁଣୁ ହୋଇ କହିଚାଲେ, 'ତୁମେ ମାନେ ଆଉ ମନ ଦୁଃଖ କରନା, ମୁଁ ତୁମକୁ ଛାଡି ଆଉ କୁଆଡେ ଯିବିନି' ।

ଏଇମିତି କାମ ତଳତାଳାର ଛାତ, ଦ୍ୱିତୀୟ ତାଲାର କାମ ମଧ୍ୟ ସରିଗଲା । ଆଉ ତାପାଇଁ ସମୟ ବହିଗଲା ଦୀର୍ଘ ଛଅବର୍ଷ ! ଘରତୋଳା କାମ ସରିଗଲା । ଅକାଶଚୁମ୍ବୀ ନୂଆ ପ୍ରାସାଦଟିଏ ସମସ୍ତଙ୍କ ଆଖିକୁ ଝଲସାଇ ଠିଆ ହେଲା । ତା ଭିତରୁ

ସ୍ପଷ୍ଟ ବାରି ହେଉଥିଲା ରଘୁଆର ଅଜସ୍ର ପରିଶ୍ରମର ଦାନ ଓ ଉଦ୍ୟମ ।

ପୁନ୍ନଶ୍ଚ ପ୍ରାସାଦଚାରିପଟକୁ ଘେରି ତିଆରି ହେଲା ବଡ ବଡ ପାଚେରୀ । ପ୍ରମେଶ ଦ୍ୱାରରେ ଲାଗିଲା ଗୋଟେ ମସ୍ତବଡ ଲୁହା ଗେଟ୍ । ଆଉ ସେ ଗେଟ୍‌ରେ ଲେଖାହେଲା ବାବୁଙ୍କର ନାଁ, ଗାଁ, ଠିକଣା । ପାଚେରୀ ଭିତରେ ଧାଡି ଧାଡି ନଡିଆ, ଗୁଆ ଓ ଜାତିଜାତିକା କ୍ରୋଟନ ଗଛର ଚାରା ସବୁ ରଘୁଆ ନିଜ ହାତେରେ ଲଗାଇଲା । ଘର ସମ୍ନା ବାଡି ମଝିରେ ଫୁଲ ବଗିଚାଟିଏ ହେଲା ।ସେଥିରେ ମଧ୍ୟ କେତେ ପ୍ରକାର ଫୁଲଗଛର ଚାରା ଲଗାଇଲା । ସବୁଗଛ ଲଗାଇସାରି ସେ ଭାବୁଥିଲା, ଏବେତ ଏ ଗଛ ସବୁ ଏତେ ଛୋଟ ଛୋଟ ହୋଇଛନ୍ତି, କେତେ ସୁନ୍ଦର ଦିଶୁଛି ସତେ ! ରାଜାଙ୍କ ମହଲ ପରି । ଯେବେ ଏ ଗଛ ସବୁ ବଡ ହୋଇଯିବେ ସମସ୍ତେ ଦେଖିବେ ପ୍ରାସଦଟି ସହରର ସବୁଠୁ ସୁନ୍ଦର ହୋଇଛି । ଆଉ ସେତେବେଳେ ବାଟୋଇମାନେ ଯାଉ ଯାଉ କଣେଇ ଚାହିଁ କହୁଥିବେ, 'ଏ ଘର କିଏ ଏମିତି କରିଛିରେ ? କିଏ ସବୁ ଏମିତି ଏତେ ସୁନ୍ଦର ଗଛଗୁଡିଏ ଲଗାଇଛି ? ଏଇମିତି କେତେ କଣ ଭାବୁ ଭାବୁ ରଘୁଆ ତା ଛାତିରେ ହାତପିଟି କହିଉଠେ, 'ଆଉ କିଏ କରିବ ମ ଭାଇ ! ମୁଁ କରିଛି । ମୁଁ ରଘୁଆ ଏତେ ସବୁ କରିଛି' ।

ଯେଉ ମଣିଷ ଦିବା ସ୍ୱପ୍ନରେ ବିଭୋର ହୁଏ, ଅବାସ୍ତବ ଭାବନା ବାସ୍ତବ ହେବ ବୋଲି ଚାହିଁ ଥାଏ, ସେ ହିଁ ଅନେକ ଦୁଃଖ ପାଏ । କାରଣ ସେ ଭାବନା, ସେ ସ୍ୱପ୍ନ ସତ୍ୟ ନୁହେଁ, ତାହା କେବଳ ମୃଗ ତୃଷ୍ଣା । ମଣିଷ ଛାତିରେ ବସା ବାନ୍ଧିଥିବା ପୁଳାଏ ଆଶା । ସମୟାନୁକ୍ରମେ ପସରା ପସରା ଆଖି ଲୁହରେ ଧୋଇଯାଏ । ସୁଖରେ ଜିଇଥିବା ମଣିଷକୁ ଦେଖି ଭାଗ୍ୟ ନିର୍ଦ୍ଧାରକ ଭଗବାନ ବୋଧେ ସହିପାରନ୍ତିନି ! ନହେଲେ କେଉଁ ଟିକକ ଶାନ୍ତି ଅନୁଭବ କରୁଥିବା ରଘୁଆ ତା ପରିଣତ ବୟସରେ ନିଜ ଆଖିଲୁହ ନିଜେ ପିଇଥାଆନ୍ତା କାହିଁକି ?

ଅନେକ ଆଶା ବାନ୍ଧିଥିବା ରଘୁଆ ବାବୁଙ୍କର ପରିବାରଠାରୁ ଚାକର ପରି ବ୍ୟବହାର ପାଇ ଆଉ ସେଠି ରହିବାକୁ ଆଶା କରିନଥିଲା । ଅବଶ୍ୟ ବାବୁ ତା'ର ସେମିତି ଲୋକ ନଥିଲେ । ରଘୁଆକୁ ଛାଡିବାପାଇଁ ତାଙ୍କର ଜମା ଇଚ୍ଛା ନଥିଲା । କିନ୍ତୁ ରଘୁଆର ଏକା ଜିଦ୍ ସେ ତା'ର ସେଇ ପୂର୍ବପୁରୁଷର ଭିଟାମାଟିକୁ ଯିବ । ତା ଜିଦରେ ବାବୁ ତାକୁ ଅନେକ ଟଙ୍କା ଦେଇ ବିଦାୟ ଦେଲାବେଳେ ତାଙ୍କ ଆଖିରୁ କାହିଁକି କେଜାଣି ଦୁଇଟୋପା ଲୁହ ନିଗାଡି ପଡିଥିଲା । ରଘୁଆ ବାବୁଙ୍କର ପାଦତଳେ ମୁଣ୍ଡିଆ ମାରି ଆସିଲା ବେଳେ ବାବୁ ତାକୁ କହିଥିଲେ, 'ରଘୁଆ ! ତୋର ଯେତେବେଳେ ଅସୁବିଧା ପଡିବ ମୋ ପାଖକୁ ଚାଲି ଆସିବୁ ।

ବିତିଗଲାଣି ଦୀର୍ଘ ତିରିଶ ବର୍ଷ । ରଘୁଆ ତା' ଗାଁ ଭିଟାମାଟିକୁ ମୁହାଁଇଛି ଯେ ଆଉ କେବେ ବାବୁ ଘରକୁ ଯାଇନି । ଏବେ ତା' ହାତଗୋଡରେ ସିଂହର ବଳ ନାହିଁ । ଖାଇବାକୁ ଗଣ୍ଡେ ଦାନା ପାଉନି । ଗୋଡହାତ ଚଳୁନି । ଅନେକବେଳେ ସେ ଭାବୁଛି, ଯେଉଁ ହାତଗୋଡ ଏତେବଡ ପ୍ରାସାଦ ତୋଳି ଦେଇଥିଲା ସେ ଆଜି ନିସ୍ତେଜ, ନିର୍ଜିବ କାହିଁକି ? ପୁଣି କେତେବେଳେ ସନ୍ତୁଳି ହେଉଛି ବାବୁଙ୍କ ପାଖକୁ ଯିବ । ବାକି ଜୀବନତକ ସେଇଠି କଟେଇବ । ହେଲେ ହାତ ଗୋଡ ତ ଜମା ଚଳୁନି । ତଥାପି ଭୂମିକୁ ଭରାଦେଇ ଠିଆ ହେଲା ସେ । ପାଦେ ପାଦେ ଆଗକୁ ଆଗେଇଲା । ଯେଉଁ ରାସ୍ତାତାକୁ ଦଶ ମିନିଟ୍ ଲାଗୁଥିଲା, ସେହି ରାସ୍ତା ତାକୁ ସାରା ସକାଳରୁ ସୂର୍ଯନ୍ତ ହୋଇଗଲା । ତେବେବି ସେ ଚାଲିଛି । ଦେହର କଷ୍ଟକୁ ଲୁଚେଇ ଦେଇଛି ତା ମନର ବଳ । ମନ ଭିତରେ ଅନେକ ଆଶା, ଆକାଂକ୍ଷା । ବାବୁ ଦେଖିଲେ ତାକୁ କେତେ କଣ ପଚାରିଯିବେ ।

ଏହିପରି ଭାବୁକଟିଏ ହୋଇ ସେ ବାବୁଘର ଗେଟ୍ ଧରିଗଲା । ଦେଖିଲା ଆଗଠାରୁ ଏବେ ପ୍ରାସାଦର ଚେହେରା ଆହୁରି ନୂଆ ହୋଇ ବଦଳି ଯାଇଛି । ଗେଟ୍ ନିକଟରେ ଥିବା ଦରୁଆନକୁ ଅନୁମତି ମାଗିଲା ଭିତରକୁ ଯିବା ପାଇଁ । ମାତ୍ର ଦରୁଆନ୍‌ର ରୁକ୍ଷ ନିଷ୍ଠୁର କଥା ବଜ୍ରପରି ବାଜିଲା ରଘୁଆ କାନରେ । ହଠାତ୍ ତା ମୁଣ୍ଡ ଉପରେ ଆକାଶଟା ଖସି ପଡିବା ଭଳି ସେ ଅନୁଭବ କଲା । ସବୁ ଶକ୍ତି ଧୈର୍ଯ୍ୟ ତାର ମହାଶୂନ୍ୟ ଭିତରେ ମିଳେଇ ଯାଉଥିଲେ ମଧ୍ୟ ଅପେକ୍ଷା କଲା ତା' ବାବୁ ଆସିବାକୁ । ସହସା ଦରୁଆନ୍ ସଞ୍ଚିତ ହୋଇ ଚୁପ୍‌ଚାପ୍ ଗେଟ୍ ଖୋଲିଲା । ରଘୁଆ ଲକ୍ଷ୍ୟ କଲା, ପ୍ରାସାଦ ଭିତରୁ ତା ବାବୁ ଆସୁଛନ୍ତି ଗେଟ୍ ନିକଟକୁ ଦରୁଆନ୍‌ର ପ୍ରତିବାଦ ସତ୍ତ୍ୱେ ରାସ୍ତା ମଝିକୁ ଧାଇଁଗଲା ସେ । ବାବୁଙ୍କର ପାଦ ଦୁଇଟିକୁ ଜାବୁଡି ଧରି କହିଲା, 'ବାବୁ... ମୁଁ ରଘୁଆ, ମୋତେ କ'ଣ ଆପଣ ଚିହ୍ନି ପାରୁନାହାନ୍ତି ? ମୁଁ ପରା ନିଜ ହାତରେ ଏସବୁ କରିଥିଲି' ।

ଏତେଗୁଡିଏ କଥା ଏକା ନିଶ୍ୱାସକେ କହିସାରି ନିଃଶ୍ୱାସଟିକେ ମାରିବା ବେଳକୁ ଏକ ଶକ୍ତ ଆଘାତରେ ସେ କିଛିଦୂର ଛିଟିକି ପଡିଥିଲା ସେଇଠି । ସେ ଠିକ୍ ଶୁଣିପାରୁଥିଲା ବାବୁ ତାକୁ ଇଙ୍ଗିତ କରି କହୁଛନ୍ତି, ' ଏତେ ଛୋଟ ଲୋକ ଏଇଟା ! ଅସନା ହାତରେ ମୋ ଜୋତା ଧରି ପକାଉଛି ! ! ଏତେ ସାହାସ ଏମାନଙ୍କର ! !

# ଅଭିଶପ୍ତ ଜୀବନ

- ଶାଶ୍ୱତୀ ସାମଲ

ଫାଲଗୁନ ମାସଆକାଶ ନିର୍ମଳ, ବସନ୍ତର ମଳୟ ପବନ ବହିବା କେଉଁ ଦିନରୁ ବନ୍ଦ ହୋଇ ସରିଲାଣି, ଏବେ ତ ଖାଲି ଉତ୍ତପ୍ତ ଧୂଳି ଧୂଆଁର ସମାବେଶ, ଚାରି ଆଡ ଗାଡିମଟର ଶବ୍ଦ । ଚିନ୍ତାମଣି ବାବୁ ସକାଳୁ ବାହାରି ପଡିଛନ୍ତି କଟକ ନିକଟସ୍ଥ ଚୌଦ୍ୱାର ଅଭିମୂଖେ । ପନ୍ଦର ଦିନ ତଳେ ବନ୍ଧୁ ନରହରିଙ୍କ ନିମନ୍ତ୍ରଣ ପତ୍ର ମିଳିଥିଲା, ତାଙ୍କ କନ୍ୟା କବିତାର ଶୁଭପରିଣୟ ଯୋଗଦାନ କରିବାକୁ ବହୁତ ଅନୁରୋଧ କରିଥିଲେ କିଛି ଦିନ ଧରି ଦେହ ଅସୁସ୍ଥ ଥିବାରୁ ଘରେ ସମସ୍ତେ ମନା କରୁଥିଲେ ଯିବା ପାଇଁ, କିନ୍ତୁ ନରହରି ବାବୁ ତାଙ୍କ ଅସୁବିଧା ବେଳେ ତାଙ୍କୁ ବହୁତ ସାହାର୍ଯ୍ୟ କରିଥିଲେ, ମନା କରିବାକୁ ବିବେକ ବାଧା ଦେଲା, ସେଥିପାଇଁ ସମସ୍ତଙ୍କ ବାରଣ ସତ୍ତ୍ୱେ ଆଜି ସକାଳୁ ବାହାରି ଆସିଛନ୍ତି ।

ଦୁଇ ବନ୍ଧୁ ଏକା ସ୍କୁଲ୍‌ରେ ଶିକ୍ଷକ ଥିଲେ, ଅବସର ନେଲାପରେ ଚିନ୍ତାମଣି ବାବୁ ଭୁବନେଶ୍ୱର ଚାଲି ଆସିଥିଲେ ଓ ନରହରି ବାବୁ ଚୌଦ୍ୱାର ନିକଟବର୍ତ୍ତି ନିଜ ଗାଁରେ ଘର ତୋଳି ରହିଗଲେ । ବସ୍‌ରୁ ଓହ୍ଲାଇ ଚାଲି ଚାଲି ଗଲାବେଳେ ସବୁ ପଘକଥା ମନେ ପଡିଯାଏ, ହଠାତ୍ ପିଲା ମାନଙ୍କ ହୋହାଲ୍ଲାରେ ବର୍ତ୍ତମାନକୁ ଫେରି ଆସିଲେ, ଫେରି ଆସିଲେ, ଚାରି ଆଡକୁ ଚାହିଁଲେ କାହିଁ କେଉଁଠାରେ ତ କଣ୍ଢେଇ ବିକାବାଲା, ମାଙ୍କଡ ନଚାବାଲା ତ ଦେଖାଯାଉନାହାନ୍ତି, ତେବେ ଏ କୋଳାହଳ କାହିଁକି ? ଦୃଷ୍ଟି ପଡିଲା ଜଣେ ବୃଦ୍ଧ ବୟସର ଲୋକଙ୍କ ଉପରେ, ଦେଖିବାକୁ ହୃଷ୍ଟପୃଷ୍ଟ, ଉଚ୍ଚା କିନ୍ତୁ ମୁହଁଟି ଯେପରି ଅସୁନ୍ଦର ତାଙ୍କ ପରିଧାନ ତା'ଠୁ ତଦୃପ, ସେ ଆଗେ ଆଗେ ଛତା ଧରି ଚାଲିଥାନ୍ତି ତାଙ୍କ ପଛେପଛେ ପିଲାମାନେ କିଏ ତାଙ୍କ ଛତାକୁ ଟାଣି ନେଉଛି ତ କିଏ ତାଙ୍କୁ ଥଟା କରି ଗୀତ ବୋଲୁଛନ୍ତି, ଏହା ଭିତରେ ଅନ୍ୟ ପିଲାମାନେ ଆସିବି ଯୋଗ ଦେଲେଣି, କିଛି ବୟସ୍କ ଲୋକ ଏହା ଦେଖିଲେ ବି ଛୁଆ ମାନଙ୍କୁ ଆକଟ କରୁନାହାନ୍ତି । ବୃଦ୍ଧଙ୍କ ପ୍ରତି ପିଲାମାନଙ୍କର ଏପରି ବ୍ୟବହାର ଉଚିତ ନ ଲାଗିଲେ ବି ଉପାୟ ନାହିଁ, ଏଇଟା ବୋଧେ ତାଙ୍କ ନିତି ଦିନିଆ କଥା ତାଙ୍କ ମନରେ ବ୍ୟକ୍ତିଙ୍କ ପ୍ରତି ସମବେଦନା ଜାତ ହେଲା, ତାଙ୍କ ସହିତ କଥା ହେବାକୁ ଆଗ୍ରହ ହେଲା, ବନ୍ଧୁଙ୍କ ଘର ଠିକଣା ପଚାରିବା ବାହାନାରେ କଥାବର୍ତ୍ତା ଆରମ୍ଭ କଲେ, ବ୍ୟକ୍ତି ଜଣକ ଠିକଣା ତ କହିଦେଲେ ମାତ୍ର ଆଉ କିଛି କଥା ନହୋଇ ଗେଟ୍ ବନ୍ଦ କରି ଘର ଭିତରକୁ ଚାଲିଗଲେ, ତାଙ୍କର ଏ ରୁକ୍ଷ ବ୍ୟବହାରର କାରଣ କଣ ଚିନ୍ତାମଣି ବାବୁ ବୁଝିଲେନି ।

ନରହରି ବାବୁଙ୍କ ଘରେ ପହଁଞ୍ଚି ଦେଖିଲେ ବାହାଘର ଖୁବ୍ ସୁନ୍ଦର ହେଉଛି, ଗାଁ ହେଲେବି ସବୁପ୍ରକାର ସୁବିଧା ସୁଯୋଗର ଆୟୋଜନ କରାଯାଇଛି, ତାଙ୍କୁ ଦେଖି ସମସ୍ତେ ବହୁତ ଖୁସି ହେଲେ ଭଲରେ ଭଲରେ ବିଭାଘର କାର୍ଯ୍ୟ ତ୍ରୁଟି ଗଲା ସବୁକନ୍ୟା ସକୁଶଳେ ବିଦା ହୋଇଗଲେ, ବନ୍ଧୁଙ୍କ ଅନୁରୋଧ ଏଡାଇ ଦେଇ ନପାରି ଚିନ୍ତାମଣି ବାବୁ ତାଙ୍କ ଆସିବାଟା ଦୁଇଦିନ ଗଡାଇ ଦେଲେ, ତା ପରଦିନ ଚା ପାନ ସମୟରେ ସମସ୍ତଙ୍କ ଉପସ୍ଥିତିରେ ସେହି ବ୍ୟକ୍ତିଙ୍କ କଥା ଉଠାଇଲେ, ସମସ୍ତେ ହସି ଉଠିଲେ, ନରହରି ବାବୁଙ୍କ ପୁଅ କହିଲା, " ମଉସା ଆପଣ କାହା କଥା କହୁଛନ୍ତି ତାଙ୍କ ନାଁ ଧରିଲେ ଖାଇବାକୁ ମିଳିବନି ଓ ଆପଣଙ୍କର କିଛି କାମ ବି ହବନି, ଏପ୍ରକାରର ବିଦ୍ୱେଷ ଭାବ ସେ ବ୍ୟକ୍ତି ଜଣଙ୍କ କଣ ଏତେ ଖରାପ, କିନ୍ତୁ ଲକ୍ଷ୍ୟ କଲେ ଯେ ନରହରି ବାବୁ କିଛି ନକହିଲେ ବି ତାଙ୍କ ପୁଅ ସହିତ ଏକମତ ନଥିଲେ, ଖାଲି ଏତିକି କହିଲେ ସମୟ ଓ ପରିସ୍ଥିତି ବ୍ୟକ୍ତି ବିଶେଷକୁ ବଦଳାଇ ଦିଏ କହି ଆଲୋଚନାର ପ୍ରସଂଗକୁ ଅନ୍ୟ ଆଡେ ନେଇଯାଇଥିଲେ, ଚିନ୍ତାମଣି ବାବୁଙ୍କ ଉତ୍ସୁକତା ଆହୁରି ବଢ଼ିଯାଇଥିଲା, ଏକୁଟିଆ ସମୟ ଦେଖି ସେ ନରହରି ବାବୁଙ୍କ ଠୁ ଏ ବିଷୟରେ ଜାଣିବାକୁ ଚାହିଁଲେ । ବିଶ୍ୱାସର ଅନ୍ୟ ନାମ ଜୀବନ, ବିଶ୍ୱାସ ବିନା ଜୀବନର ସ୍ଥିତି ଯେ ଅସମ୍ଭବ, କିନ୍ତୁ ଏଇ ବିଶ୍ୱାସ ଯେତେବେଳେ ତୂଟିଯାଏ, ମନୁଷ୍ୟ ହୁଏତ ସମ୍ପୂର୍ଣ୍ଣ ଭାଙ୍ଗି ପଡେ ନଚେତ୍ ତାର ପ୍ରକୃତି ସ୍ୱାଭାବ ସବୁକିଛି ବଦଳିଯାଏ । ଚିନ୍ତାମଣି ବାବୁ ରାସ୍ତାରେ ଭେଟିଥିବା ବ୍ୟକ୍ତି ବିଶେଷଙ୍କ ନାଁଟି ହେଲା ରୁଦ୍ରମାଧବ ତାଙ୍କ ସ୍ତ୍ରୀ ର ନାଁ ଦମୟନ୍ତୀ । ମାଧବବାବୁଙ୍କ ପୂର୍ବପୁରୁଷ ବ୍ୟବସାୟ କରିବା ସକାଶେ ଗାଁ ଛାଡି ଦୁଇ ସହରକୁ ଚାଲି ଯାଇଥିଲେ କିନ୍ତୁ ପ୍ରାୟ ତିରିଶ ବର୍ଷ ତଳେ ତାଙ୍କ ବାପାଙ୍କ ଦେହ ଖରାପ ହେବାରୁ ସେ ସହରୀ ଚାଲି ଚଳଣ ଛାଡି ଗାଁକୁ ଲେଉଟି ଆସିଥିଲେ । ଗାଁରେ ଥିବା ଜମିବାଡି ଦେଖାଦେଖି କଲେ ଓ ତା'ସହିତ ଏକ ତେଜରାତି ଦୋକାନ ଘୋଲିଲେ । କିଛି ସମୟରେ ଦୋକାନ ଭଲରେ ଚାଲିଲାରୁ ହାତକୁ ଦୁଇ ପଇସା ଆସିଲା । ମାଧବବାବୁଙ୍କ ବାପା ପକା ବେପାରୀ

ଥିଲେ । ସେ ଅଧିକା ପଇସାକୁ ସୁଧ ଲଗାଣ କଲେ ତା ଛଡା ଲୋକ ଚିହ୍ନିବାର ଶକ୍ତି ତାଙ୍କ ପାଖରେ ସେଥିପାଇଁ ଯେତେଦିନ ସେ ବଞ୍ଚିଥିଲେ ବ୍ୟବସାୟ ଲାଭରେ ଚାଲିଥିଲା । କିନ୍ତୁ ତାଙ୍କ ମୃତ୍ୟୁ ପରେ ସମସ୍ତେ ମାଧବବାବୁଙ୍କ ସରଳ ସ୍ୱାଭାବର ଫାଇଦା ଉଠେଇଲେ । ଆର୍ଥିକ ସାହାର୍ଯ୍ୟ ନେଇ କେହି ଟଙ୍କା ଫେରାଇଲେ ନାହିଁ, ଯଦି ବା କିଏ ଦେଲା ସେ ଶାଗରେ ମୁଗରେ ଦେଲା ଭଳି କିଛି କାମକୁ ଆସିଲା ନାହିଁ ଏବଂ ମାଗିଲାରୁ ସମ୍ପର୍କ ବି ଖରାପ ହେଲା, ସେଥିପାଇଁ ସେ ଆଉ ଉଧାର ବା ଆର୍ଥିକ ସହାୟତା କାହାକୁ ଦେବେନି ବୋଲି ନିର୍ଣ୍ଣୟ କଲେ, ଯଦିବା କାହାକୁ ଦେଲେ ତା ବଦଳରେ କିଛି ବନ୍ଧକ ରଖିଲେ, ଏଥି ସକାସେ ତାଙ୍କୁ ଗାଁ ଲୋକେ ବହୁତ୍ କଥା କହିଲେ, " କ'ଣ ପାଇଁ ଏତେ ଲୋଭ, ମଲାପରେ ତ ମୁହଁରେ ନିଆଁ ଦେବାକୁ କେହି ନାହାନ୍ତି" ଏମିତି ଅନେକ କିଛି ତାଙ୍କୁ ଶୁଣିବାକୁ ମିଳିଲା । ବହୁତ ଡାକ୍ତର, ହାକିମ ଦେଖାଇଲା ପରେ ବି କିଛି ଶୁଭ ସମାଚାର ମିଳିଲାଣି, ଶେଷରେ ବନ୍ଧୁବାନ୍ଧବ ବିଶେଷ କରି ସ୍ତ୍ରୀ ଦମୟନ୍ତୀ ଜୋର୍ କରିବାରୁ ତାଙ୍କ ଶାଳକଙ୍କ ପୁଅକୁ କାଗଜ ପତ୍ରରେ ପୋଷ୍ୟପୁତ୍ର ରୂପେ ଗ୍ରହଣ କଲେ । କେତେ ସ୍ନେହରେ ତା ନାଁ ଦେଇଥିଲେ ସୂର୍ଯ୍ୟନାରାୟଣ, ତାର ଶିକ୍ଷା ଦୀକ୍ଷାରେ କିଛି ବି ଅବହେଳା କରିନଥିଲେ, ପାଖରେ ଏତେ ସମ୍ବଳ ନଥିଲେ ବି ଭଲ କଲେଜରେ ତାକୁ ପଢ଼େଇଥିଲେ, କିନ୍ତୁ କ'ଣ ହେଲା, ଶିକ୍ଷା ଗ୍ରହଣ କରିବାକୁ ଯାଇ ସେଠାରେ ନେତା ପାଲଟି ଗଲା, ପାଠପଢ଼ା ଛାଡି ଅନ୍ୟ ସବୁ କ୍ଷେତ୍ରରେ ପାରଙ୍ଗମ ହୋଇଗଲା । ଶେଷରେ ଅଧାରୁ ପାଠପଢ଼ା ଛାଡି ଗାଁରେ ଆସି ରାଜନୀତି କଲା, ବିନା ପରିଶ୍ରମରେ ବଡ ଲୋକ ହେବାର ନିଶା ତାକୁ ଯେମିତି ନିଶାଶକ୍ତ କଲା, ଏବେ ତ ପ୍ରାୟ ସବୁ ରାଜନୈତିକ ଦଳ ଶିକାରୀ ପରି ଜାଲ ବିଛାଇ ଏମିତି ଅଳ୍ପ ବୟସର ପିଲାମାନଙ୍କୁ ଜାଲରେ ଫସେଇ ଥାଆନ୍ତି । ମାନସିକ ପରିପକ୍ୱତା ଆସି ନଥିବାରୁ ବିଭିନ୍ନ ସମସ୍ୟାରେ ମୁଣ୍ଡ ପୁରାଇ ଯେକୌଣସି ଆନ୍ଦୋଳନରେ ପାଠପଢ଼ା ଛାଡି ପୋଷ୍ଟର ଓ ବ୍ୟାନର ଧରି ରାସ୍ତାରେ ହାଜର, ବାପା ମା'ଙ୍କର କଷ୍ଟୋପର୍ଜିତ ଅର୍ଥର ବ୍ୟୟ ସୀକ୍ଷା କରିବାକୁ ଏମାନଙ୍କ ପାଖରେ ସମୟ ନଥାଏ, ସୂର୍ଯ୍ୟନାରାୟଣ ବି ସେହିପରି ଯୁବ ଗୋଷ୍ଠିରେ ସାମିଲ ହୋଇଯାଇଥିଲା, ନିଶା କରିବା, ଲୋକଙ୍କୁ ଧମକ ଦେବା ଏସବୁ ଦିନକୁ ଦିନ ବଢ଼ିଚାଲିଲା, ନିଜ ଆବଶ୍ୟକତା ପୂରଣ କରିବା ପାଇଁ ଚୋରି ବି କଲା । ଥରେ ଦିଥର ଧରା ବି ପଡିଲା । ମାଧବବାବୁ ତାକୁ ବହୁତ ବୁଝାଇଲେ, ମାତ୍ର ଯେ ଥରେ ସେ ରାସ୍ତାରେ ଚାଲିଗଲାଣି ସେଠାରୁ ଫେରିବା ତା ପକ୍ଷରେ କଷ୍ଟ ହୋଇପଡେ, କିନ୍ତୁ ଯେଉଁଦିନ ସୂର୍ଯ୍ୟକୁ ପୋଲିସ ଚୋରା ନିଶା କାରବାର କରିବା ଅପରାଧରେ ଧରିଲେ ସେଦିନ ସେ ପୁରା ଭାଙ୍ଗି ପଡିଲେ, ଏପରି ସନ୍ତାନକୁ ତେଜ୍ୟପୁତ୍ର କରିବାକୁ ନିଷ୍ପତ୍ତି ନେଇଥିଲେ, କିନ୍ତୁ ଦମୟନ୍ତୀଙ୍କ ମୁହଁକୁ ଚାହିଁ ଏସବୁରୁ ନିବୃତ ରହିଥିଲେ । ବିଚାରି ଟା, ଏମିତି ତ ମା' ନହୋଇ ପାରିବାରୁ ବହୁତ ଦୁଃଖ ସହିଛି, ତାକୁ ପୁଣି ଏତେ କଷ୍ଟ ଦେବାକୁ ତାଙ୍କ ମନ ଗଲାନି । ଜାମିନ୍‌ରେ ପୁଅକୁ ଜେଲ୍‌ରୁ ଆଣିବା ପାଇଁ ତାଙ୍କୁ ଭଲ ଅର୍ଥ ଶ୍ରାଦ୍ଧ କରିବାକୁ ପଡିଥିଲା, ଜେଲ୍‌ରୁ ଆସିବା ପରେ ସୂର୍ଯ୍ୟ ଆହୁରି ଭୟଙ୍କର ହୋଇଯାଇଥିଲା, ଲୋକକୁ ଛୁରି ଦେଖାଇ ଲୁଟ୍ କରିବା, ଡକାୟତି କରିବା ପରେ ତାର ଅଭ୍ୟାସରେ ପରିଣତ ହୋଇଯାଇଥିଲା, ଶେଷରେ ସବୁ ସୀମା ଟପି ଯାଇଥିଲା ଯେଉଁଦିନ ସେ ପଇସା ପାଇଁ ବାପ ଉପରକୁ ହାତ ଉଠାଇଥିଲା, ଦମୟନ୍ତୀ ମା ହେଲେ ବି ଏସବୁକୁ ସହି ପାରିଲେନି, କିଛି ଦିନ ପରେ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ହେଲା, ଏହାପରେ ମାଧବବାବୁ ପୁରା ବଦଳି ଗଲେ, ସତେ ଯେମିତି ଏକ ଭିନ୍ନ ମଣିଷ, ସବୁବେଳେ ହସୁଥିବା, ସମସ୍ତଙ୍କୁ ସାହାର୍ଯ୍ୟ ସହଯୋଗ କରୁଥିବା ମାଧବ ବାବୁ ଏବେ ସମସ୍ତଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖନ୍ତି, ନା କାହା ଘରକୁ ଯାଆନ୍ତି ନା କାହା ସହିତ ମିଶନ୍ତି, ଯିଏ ତାଙ୍କ ବିଷୟରେ ଜାଣିନଥାନ୍ତି, ସେମାନେ ତାଙ୍କୁ ସ୍ୱାର୍ଥପର, ଲୋଭି ବୋଲି ଭାବି ଭୁଲ୍ ବୁଝନ୍ତି କିନ୍ତୁ ଏହା ପଛରେ ଥିବା ପ୍ରକୃତ କାରଣଟିକୁ ଜାଣିବାକୁ ଚେଷ୍ଟା କରନ୍ତି ନାହିଁ । ଦୁଇ ବନ୍ଧୁଙ୍କ କଥା ସରିଲା ବେଳକୁ ରାତ୍ରି ଅନେକ ହେଲାଣି, ତାପର ଦିନ ଚିନ୍ତାମଣି ଭୁବନେଶ୍ୱର ଲେଉଟି ଆସିଲେ, ବାଟରେ ପୁଣି ମାଧବବାବୁଙ୍କୁ ଦେଖିଲେ ମନେ ମନେ ଭାବିଲେ ଜୀବନ ଏକ ସଂଘର୍ଷ, ମଣିଷ ତା ଜୀବନରୁ ମୃତ୍ୟୁ ପର୍ଯ୍ୟନ୍ତ ସଂଘର୍ଷ କରିଚାଲେ ହୁଏତ କାହା ଭାଗ୍ୟରେ କମ୍ କା ଭାଗ୍ୟରେ ବେଶୀ ଲେଖା ହୋଇଥାଏ ମାତ୍ର ଏମିତି କେତେଜଣ ଥାଆନ୍ତି । ଯେଉଁମାନଙ୍କ ପୁରା ଜୀବନ ହିଁ ଏକ ଅଭିଶପ୍ତ ଅଜାଣତରେ, ମାଧବବାବୁଙ୍କ ପାଇଁ, ତାଙ୍କ ଆଖିରୁ ଦୁଇ ଟୋପା ଲୁହ ବହି ପଡିଲା....

**ନିଉଦିଲ୍ଲୀ**

# ଗାଁ ମାଷ୍ଟର

*- ଲିଳାମତୀ ମହାପାତ୍ର*

ନିଘଞ୍ଚ ଜଙ୍ଗଲର ଅଳ୍ପ ଦୂରରେ ବସ୍ତିଟିଏ । ସର୍ବଶିକ୍ଷା ଅଭିଯାଜ ଉଦ୍ୟମ ଫଳରେ ବିଗତ ପାଞ୍ଚବର୍ଷ ହେଲା ଏଠାରେ ବିଦ୍ୟାଳୟଟିଏ ହୋଇଛି । ବାଉଁଶ, ଆମ୍ବ, ତେନ୍ତୁଳି, ପ୍ରଭୃତି ବଡ ବଡ ଗଛ ଲତାରେ ବେଷ୍ଟିତ ହୋଇଛି ବିଦ୍ୟାଳୟଟି । ପାଖରେ କୁଳୁକୁଳୁ ନାଦରେ ଝରଣାଟିଏ ବହି ଯାଇଛି । ଏହାର ପ୍ରାକୃତିକ ଦୃଶ୍ୟ ମନମୁଗ୍ଧକର ।

ପ୍ରତିବର୍ଷ ଶୀତ ଦିନରେ ସହରରୁ ଦଳଦଳ ଲୋକ ବଣଭୋଜି କରିବା ପାଇଁ ଏଠାକୁ ଆସନ୍ତି । ସରଳ ଗ୍ରାମବାସୀ ଓ ବିଦ୍ୟାଳୟର ପିଲାମାନେ ସେମାନଙ୍କୁ ସବୁପ୍ରକାର ସାହାର୍ଯ୍ୟ କରିଥାଆନ୍ତି । ବରଜଙ୍ଗଲ ଘେରା ପରିବେଶରେ ପ୍ରତିପାଳିତ ହେଉଥିଲେ ମଧ୍ୟ ସହରୀ ଛାପ ଗ୍ରାମବାସୀଙ୍କ ଉପରେ ପଡି ପଡି ଆସିଲାଣି । ତେଣୁ ଏହି ବିଦ୍ୟାଳୟରେ ପ୍ରାୟ ତିନିଶହ ପିଲା ପାପଢ଼ନ୍ତି ।

ବ୍ରହ୍ମଦତ୍ତ ମହାପାତ୍ର ଏ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ପାଖ ସହରରେ ଅବସ୍ଥାନ କରନ୍ତି । ଜଙ୍ଗଲର ରାସ୍ତା ଦେଇ ପ୍ରତିଦିନ ଯିବା ଆସିବା କରିବା ବିପଦପୂର୍ଣ୍ଣ, ତେଣୁ ସେହି ଗ୍ରାମର ସରପଞ୍ଚ ତାଙ୍କୁ ବହୁବାର ଗ୍ରାମରେ ରହିଯିବା ପାଇଁ ଅନୁରୋଧ କଲେଣି ।

ସେ ଅଡୁଆରେ ପଡିଯାଇଛନ୍ତି । କାରଣ ସହରରେ ତାଙ୍କର ପୁଅ, ଝିଅ ଓ ସ୍ତ୍ରୀକୁ ନେଇ ଛୋଟ ପରିବାର । ପିଲାମାନେ ମହାବିଦ୍ୟାଳୟରେ ଅଧ୍ୟୟନରତ । ତେଣୁ ସପରିବାର ଗ୍ରାମରେ ଆସି ଅବସ୍ଥାନ କରିପାରିବେ ନାହିଁ । ଏପଟେ ବିଦ୍ୟାଳୟରେ ପଢୁଥିବା ତିନିଶହ ଛାତ୍ରଛାତ୍ରୀ କ'ଣ କରିବେ ? ବେଳେବେଳେ ଚିନ୍ତା କରନ୍ତି, "ହଁ ମ ସଂସାରରେ କିଏ କାହାର" ? ପୁଅ ଆଜି ନିର୍ଭରଶୀଳ, ତେଣୁ ନନା ନନା କହି ପାଖ ଛାଡୁନି । ସେ ଆତ୍ମନିର୍ଭରଶୀଳ ହୋଇଗଲେ କଥା ପଦେ କହିବାକୁ ବେଳ ଅଣ୍ଟିବ ନାହିଁ । ଝିଅ ତ ପରଘରକୁ ଚାଲିଯିବ । ତା ଘର ସଂସାରରୁ ବେଳ ପାଇଲେ ଟିକେ ଦେଖିବା ପାଇଁ ଆସିବ । ବରଂ ଏ ତିନିଶହ ପିଲାଙ୍କୁ ନିଜର କରି ପାଠ ପଢ଼ାଇଲେ ଗୋଟାଏ ସତ୍‌କର୍ମ ହେବ । ପିଲାମାନେ ମଧ୍ୟ ସମ୍ମାନ ଦେବେ । ସର୍ବଶିକ୍ଷା ଅଭିଯାନ ତରଫରୁ ମିଳିଥିବା ଅନୁଦାନ ରାଶିରେ ସେ ବିଦ୍ୟାଳୟଟିର ରୂପରେଖ ବଦଳାଇ ଦେଇଛନ୍ତି । ବିଦ୍ୟାଳୟ ପ୍ରାଙ୍ଗଣରେ ଛୋଟିଆ ମନ୍ଦିରଟିଏ ତୋଳାଇ ସେଥିରେ ବିଭିନ୍ନ ଧର୍ମର ଦେବାଦେବୀଙ୍କୁ ସ୍ଥାନିତ କରିଛନ୍ତି ।

ବିଦ୍ୟାଳୟ ସମ୍ମୁଖରେ ଫୁଲ ବିଗିଚା ଓ ପଛପଟେ ବିଭିନ୍ନ ପନିପରିବା ଚାଷ କରି ବିଦ୍ୟାଳୟର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟ ବର୍ଦ୍ଧନ କରିଛନ୍ତି । କେବଳ ବିଦ୍ୟୁତ ସଂଯୋଗୀକରଣ ହୋଇନାହିଁ । ନହେଲେ ଚଳିବାପାଇଁ କିଛି ଅସୁବିଧା ନାହିଁ । ଏମିତି ଭାବୁ ଭାବୁ ବେଳେବେଳେ ସେ ଅନ୍ୟମନସ୍କ ହୋଇ ଯାଆନ୍ତି ।

ଆଜିକାଲି ଜଙ୍ଗଲରେ ହିଂସ୍ରଜନ୍ତୁଙ୍କୁ ଯେତିକି ଭୟନାହିଁ, ଏ ଦୁଇଗୋଡିଆ ମଣିଷମାନଙ୍କୁ ସେତିକି ଭୟ, ଏବେ ଏ ଜଙ୍ଗଲରେ ମାଓବାଦୀ ମାନେ ରହିଲେଣି । ଏବର୍ଷ ସରସ୍ୱତୀ ପୂଜା ଉପଲକ୍ଷେ ସଉଦାପତ୍ର ଧରି ଆସୁଥିବା ସମୟରେ ହଠାତ୍ ଜଙ୍ଗଲ ମଧ୍ୟରୁ କଳାପୋଷାକ ଧରି କେତେଜଣ ତାଙ୍କ ସମ୍ମୁଖକୁ ଚାଲି ଆସିଲେ । ସେ ଖାଲି ଭୟରେ ଥରୁଥାନ୍ତି ।

ସେମାନଙ୍କ ମଧ୍ୟରୁ ଜଣେ କର୍କଶ ସ୍ୱରରେ କହିଲା ଆରେ ବସ୍ତାରେ କ'ଣ ଧରିଛୁ ? ଆଉ ତୋ ପାଖରେ ଯାହା ଟଙ୍କା ପଇସା ଅଛି ଶୀଘ୍ର ଦେଇ ଦେ । ବ୍ରହ୍ମଦତ୍ତ ବାବୁ ଥରିଲା କଣ୍ଠରେ କହିଥିଲେ ସରସ୍ୱତୀ ପୂଜାପାଇଁ ବୁନ୍ଦି, ସେଓ ଓ ଖଇ ଏ ବସ୍ତାରେ ପୁରାଇଛି । ମୋ ପାଖରେ ମାତ୍ର ପାଞ୍ଚଶହ ଟଙ୍କା ଅଛି, ତାକୁ ନେଇ ଯାଅ । ବ୍ରହ୍ମଦତ୍ତଙ୍କ ସର୍ବାଙ୍ଗକୁ ନିରୀକ୍ଷଣ କରି ଚୁପ୍‌ଚାପ୍ ସେମାନେ ବଣକୁ ଚାଲି ଯାଇଥିଲେ ।

ସେହିଦିନ ଠାରୁ ପରିବାର ଲୋକେ ଭୟଭୀତ ହୋଇଯାଇଛନ୍ତି । ଏସବୁ ଘଟଣାକୁ ବର୍ଣ୍ଣନା କରି ବଦଳୀ ହେବା ପାଇଁ ଆବେଦନ କରିଛନ୍ତି । ଗାଁ ମାଷ୍ଟର ହେବାକୁ କିଏ ଚାହୁଁ ନାହାନ୍ତି । ଏ ବର୍ଷ ସରକାର ନିୟମ ବାହାର କରିଥିଲେ ଯେ ଯାହାର ଗୋଟିଏ ବ୍ଲକ୍‌ରେ କୋଡିଏ ବର୍ଷ ହୋଇ ଯାଉଛି, ସେ ଅନ୍ୟତ୍ର ବଦଳିହେବା ପାଇଁ ଚେଷ୍ଟା କରିପାରିବ । ମ୍ୟୁନିସପାଲ୍‌ଟିରେ ରହିଥିବା ଶିକ୍ଷକମାନଙ୍କୁ ଗ୍ରାମରେ ଥିବା ବିଦ୍ୟାଳୟମାନଙ୍କୁ ବଦଳୀ କରାଯିବ । ଏ ନିୟମ ବାହାରିବା ମାତ୍ରେ ମାଷ୍ଟ୍ର ମାଷ୍ଟ୍ରାଣୀଙ୍କ ବେମାର ତାଲିକା ଲମ୍ବା ହେବାକୁ ଲାଗିଲା । ରାଜନେତାମାନଙ୍କ ଚାପରେ ପ୍ରଶାସନ ନିରୁପାୟ । ଫଳରେ ବଦଳୀର ଆଶା ଆକାଶକଇଁଆ ଚିଲିକା ମାଛ ପରି ମନ ଭିତରେ ରହି ଗଲାଣି । ତେଣୁ ସେ

ମାନସୀକ ସ୍ତରରେ ସ୍ଥିତର କରି ସାରିଲେଣି ଏତେ ସବୁ ହଟାହଟା ହେବା ଅପେକ୍ଷା ଗ୍ରାମରେ ଯାଇ ରହିଗଲେ ଭଲ । ଶନିବାର ଦିନ ସହରକୁ ଆସି ପରିବାରଙ୍କ ସହ ସମୟ ବିତେଇବେ ।

ପରିବାରର ସମସ୍ତ ସଦସ୍ୟ ତାଙ୍କ ଅସୁବିଧାକୁ ହୃଦୟଙ୍ଗମ କରି କୁନ୍ଥୁକୁନ୍ଥୁ ହୋଇ ହଁ ଭରିଛନ୍ତି । ସାଙ୍ଗସାଥିମାନେ ମନଦୁଃଖ କରୁଛନ୍ତି । ସମ୍ପର୍କୀୟ ମାନଙ୍କୁ ତାଙ୍କର ଅନୁପସ୍ଥିତ ସମୟରେ ତାଙ୍କ ଛୁଆପିଲାଙ୍କୁ ସାହାର୍ଯ୍ୟ କରିବା ପାଇଁ ଅନୁରୋଧ କରି ଆସିଲେ । ଆସନ୍ତା ରବିବାର ଦିନ ନିଜ ଜିନିଷପତ୍ର ଧରି ଗାଁକୁ ଚାଲି ଯିବେ । ଆଲମିରାରୁ ନିଜର କିଛି ପୋଷାକ ଓ ଦୈନ୍ୟଦିନ ବ୍ୟବହୃତ ଜିନିଷ ଗୋଟିଏ ବାକ୍ସରେ ସଜାଇ ରଖିଲେ । କିଛି ବହି ଥାକରୁ କାଢ଼ିବା ସମୟରେ ବାପାଙ୍କ କଥା ମନେ ପଡିଗଲା ।

ତାଙ୍କ ପିତା ମଧ୍ୟ ଗାଁ ମାଷ୍ଟର ଥିଲେ । ବୋଉ ସହିତ ସେମାନେ ସହରରେ ଥିବା ତାଙ୍କ ପୈତୃକ ଘରେ ରହୁଥିଲେ । ବାପା ଶନିବାର ଦିନ ସଞ୍ଜକୁ ଆସି ସୋମବାର ଦିନ ନିଜ ବିଦ୍ୟାଳୟକୁ ଚାଲି ଯାଉଥିଲେ । ବାପା ହାଇସ୍କୁଲ୍ ହେଡ୍‌ମାଷ୍ଟ୍ର ଥିଲେ । ବାପା ଯେତେବେଳେ ଗ୍ରାମ ବିଦ୍ୟାଳରେ ଭୂତର ପ୍ରାର୍ଦୁଭାବ ଅଛି କହି ରାତ୍ରୀ ଶୟନ କରିବାକୁ ମନା କରିଥିଲେ । ସେମାନଙ୍କ ସରଳତା ବାପାଙ୍କୁ ବେଶୀ ପ୍ରଭାବିତ କରିଥିଲା । ସେ କହିଲେ ତୁମେମାନେ ମୋ ଚିନ୍ତା ଛାଡିଦିଅ । ଖାଲି ମୋତେ କିଛି ଦେଶୀ ଶୁଖୁଆ ଆଣିଦିଅ । ତୁମ ଭୂତ ମାନଙ୍କୁ ଖାଇବାକୁ ଦେବି ।

ବାପାଙ୍କ କଥା ଶୁଣି କିଛି ଗ୍ରାମବାସର ଅବିଶ୍ୱାସନୀୟ ମନ ନେଇ ଶୁଖୁଆ ଆଣି ଦେଲେ । କିଏ ବାପାଙ୍କୁ ଭୂତଦାଉରୁ ରକ୍ଷା ପାଇବା ପାଇଁ ଡେଉଁରିଆ ପିନ୍ଧାଇ ଦେଇଥିଲେ । କିଏ ମନ୍ତ୍ର ପଢ଼ି ଗାର ଟାଣି ଦେଲେ । ଶଙ୍କାକୂଳ ମନ ନେଇ ସେମାନେ ସବୁ ଫେରିଗଲେ । ସେମାନଙ୍କ ଅନାବିଳ ସ୍ନେହ ଦେଖି ବାପା ବିସ୍ମିତ ହୋଇ ଯାଇଥିଲେ ।

ଜାଗୁଲୁ ଜାଗୁଲୁ ଅନ୍ଧାରରୁ ଗ୍ରାମବାସୀମାନେ ବିଦ୍ୟାଳୟ ଅଭିମୂଖେ ଦଉଡିଲେ । ବାପା ସେତେବେଳେ ଶନ୍ତିରେ ଶେଇଥାନ୍ତି । ମାଷ୍ଟ୍ର ଆଜ୍ଞା ମାଷ୍ଟ୍ର ଆଜ୍ଞା କହି ସେମାନେ କବାଟ ବାଡେଇବାକୁ ଲାଗିଲେ । କବାଟ ଖୋଲି ବାପା କହିଲେ ଭୂତ ଦାଉରୁ ମୁଁ ବଞ୍ଚିଛି କି ମରିଛି ଦେଖିବାକୁ ଆସିଛତ, ଆସ ଦେଖିବ ତୁମ ଭୂତମାନଙ୍କୁ ମୁଁ କିପରି ମାରିଦେଇଛି । ଗ୍ରାମବାସୀମାନେ ଦେଖିଲେ ବିରାଟ ବିରାଟ ମୂଷା ମରି ଶୋଇଛନ୍ତି । ଲଜ୍ଜିତ ହୋଇ ସେଠାରୁ ସେମାନେ ଚାଲିଗଲେ ।

ସେହିଦିନ ଠାରୁ ସେମାନେ ବାପାଙ୍କୁ ଦେବତାର ଆସନରେ ଅଧିଷ୍ଠିତ କରିଦେଇଥିଲେ । ବାପାଙ୍କ ରନ୍ଧଣା ଖାଇବା ପାଇଁ ପ୍ରତିଦିନ ସେମାନେ ବାପାଙ୍କ ସମ୍ମୁଖରେ ଲାଇନ ହୋଇ ଛିଡା ହୋଇଯାଆନ୍ତି । ବାପା ମଧ୍ୟ ପ୍ରସାଦ ବାଣ୍ଟିଲା ପରି ତାଙ୍କ ରନ୍ଧାଖାଦ୍ୟକୁ ବାଣ୍ଟିଥାନ୍ତି । ବାପା ଘରକୁ ଆସିବା ସମୟରେ ନିଜ ନିଜ ବାଡିରେ ଫଳିଥିବା ଫଳ, ପରିବା ସବୁ ବସ୍ତାରେ ପୁରାଇ ଆଣିଦେଇଥାନ୍ତି । ବ୍ରହ୍ମଦତ୍ତ ମଧ୍ୟ ବାପାଙ୍କ ଆସିବା ବାଟକୁ ଚାତକପରି ଅନାଇଥାନ୍ତି ।

ବାପା ସେମାନଙ୍କ ପାଇଁ ବଲ, ରିଙ୍ଗବଲ୍, ଲୁଡୁ, କ୍ୟାରମ୍ ପ୍ରଭୃତି ବିଭିନ୍ନ ଜିନିଷ ଆଣିଦେଇଥାନ୍ତି । ସନ୍ଧ୍ୟା ହେଲେ ସେମାନେ ବାପାଙ୍କ ଚତୁପାର୍ଶ୍ୱରେ ବସି ଯାଉଥିଲେ । ବାପାଙ୍କ ଠାରୁ ଗଳ୍ପ ଶୁଣୁଥାନ୍ତି ।

ଦିନେ ତାଙ୍କ ପିତା ପଢ଼ାଉଥିବା ସମୟରେ ହାତୀମାନେ ଗ୍ରାମ ଭିତରକୁ ପଶି ଆସିଲେ । ଫସଲ ନଷ୍ଟ ସହ ସେମାନଙ୍କ ସମ୍ମୁଖରେ ଯିଏ ପଡିଲେ, ଯାହା ପଡିଲା, ତାକୁ ଦଳାଚକଟା କରି ମାରି ପକାଉଥିଲେ । ସ୍କୁଲ୍ ପିଅନଠାରୁ ଏକଥା ଶୁଣି ତାଙ୍କ ବାପା ଭୟ ପାଇଯାଇଥିଲେ । ବିଦ୍ୟାଳୟର ଗେଟ ସହିତ ଶ୍ରେଣୀ କୋଠରୀରୁ କବାଟ ଝରକା ବନ୍ଦ କରିଦେଇଥିଲେ । ବନବିଭାଗ କର୍ମଚାରୀ ମାନେ ଆସି ବହୁ କଷ୍ଟରେ ହାତୀମାନଙ୍କୁ ଜଙ୍ଗଲ ଭିତରକୁ ଘଉଡାଇ ଦେଇଥିଲେ । ତା'ପରେ ସମସ୍ତେ ଆଶ୍ୱସ୍ତ ହୋଇଥିଲେ । ସରସ୍ୱତୀପୂଜା ଗଣେଶପୂଜାରେ ଗ୍ରାମବାସୀ ମାନେ ଆସି ବିଦ୍ୟାଳୟରେ ପୁରୀ, ତରକାରୀ ଇତ୍ୟାଦି କରନ୍ତି । ତାଙ୍କ ପିତା ଭାବନ୍ତି ଗ୍ରାମରେ ତ ମନୋରଂଜନ ପାଇଁ କିଛି ବ୍ୟବସ୍ଥା ନାହିଁ, ତେଣୁ ବିଦ୍ୟାଳୟରେ ପାଳନ ହେଉଥିବା ପର୍ବରେ ନିଜକୁ ସାମିଲ କରି ଖୁସି ହୁଅନ୍ତି । ପ୍ରତିଦିନ ସନ୍ଧ୍ୟାରେ ତାଙ୍କ ବାପା ଭାଗବତ ପଢ଼ି ଶୁଣାଇଥାନ୍ତି । ପିଲାମାନଙ୍କୁ ପାଠ ପଢ଼ାଇଥାନ୍ତି । ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ଅନେକ ବଡ ପଦପଦବୀରେ ଅଛନ୍ତି । କିନ୍ତୁ ସେମାନେ ଏବେ ମଧ୍ୟ ତାଙ୍କ ପିତାଙ୍କୁ ଭୁଲି ନାହାନ୍ତି । ସରକାରୀ ଗାଡିରେ ଯାଂଉଥିବା ସମୟରେ ହଠାତ୍ ତାଙ୍କ ପିତାଙ୍କୁ ଦେଖିଦେଲେ ସେମାନେ ଗାଡିରୁ ଓହ୍ଲାଇ ଆସି ତାଙ୍କ ପିତାଙ୍କ ପାଦ ଧରି ମୁଣ୍ଡିଆ ମାରିଥାନ୍ତି । ଏବେ ବି ଗ୍ରାମବାସୀମାନେ ତାଙ୍କ ପିତାଙ୍କୁ ଦେବତା ବୋଲି ମନେ କରନ୍ତି ।

ବ୍ରହ୍ମଦତ୍ତ ବାବୁ ହଠାତ୍ ଉଠି ପଡିଲେ । ସେ ମଧ୍ୟ ପିତାଙ୍କ ପଦାଙ୍କ ଅନୁସରଣ କରି ଏକ ଆଦର୍ଶ ଶିକ୍ଷକ ହେବେ । ହଠାତ୍ ତାଙ୍କ ପିତାଙ୍କ ଆଉ ଏକ ଅଙ୍ଗେନିଭା କଥା ମନେ ପଡିଗଲା । ତାଙ୍କ ଲୋମ ଟାଙ୍କୁରୀ ଉଠେ । ଜଙ୍ଗଲ ମଧ୍ୟରେ ପ୍ରବାହିତ ହେଉଥିବା ଝରଣାରେ ଉଲଗ୍ନ ହୋଇ ସ୍ନାନରତ ସ୍ତ୍ରୀ ପୁରୁଷଙ୍କୁ ଦେଖି ହସିପକାଇବାରୁ ପିତାଙ୍କ ସହକର୍ମୀ ନିଳାମ୍ବର ବାବୁଙ୍କୁ ଜୀବନ ହରାଇବାକୁ ପଡିଥିଲା । ଏଖବର ପାଇ ସମସ୍ତେ ସ୍ତବ୍ଧ ହୋଇ ରହିଯାଇଥିଲେ । ଝିଅ ପିଲାମାନେ ଚପଲ ପରିଧାନ କଲେ ତାଙ୍କୁ ସମାଜ ବାସନ୍ଦ କରୁଥିଲା । ପାଠ ପଢ଼ାପାଇଁ ମଧ୍ୟ ଅନେକ କଟକଣା ଥିଲା । ଗୃହଯୋଗ୍ୟା ହେଲେ ପାଠରେ ଡୋରି ବନ୍ଧା ହୋଇଯାଏ । ଏତେ ସବୁ ପ୍ରଥାକୁ ତାଙ୍କ ବାପା ନିଜ ବଳିଷ୍ଠ ବ୍ୟକ୍ତିତ୍ୱ ଦ୍ୱାରା ସେହି ଗ୍ରାମରୁ ଦୂର କରିଥିଲେ । ସନ୍ଧ୍ୟାରେ ଭାଗବତ ରାମାୟଣ ପଢ଼ି ଶୁଣାଇବା ସମୟରେ ସେ ଅନେକ ଗଳ୍ପ କହି ଗ୍ରାମବାସୀଙ୍କ ମନରେ ଝିଅମାନଙ୍କ ପ୍ରତି ସମ୍ମାନଭାବ ସୃଷ୍ଟି କରିପାରିଥିଲେ । ଫଳରେ ସେ ଗ୍ରାମର ବହୁଝିଅ ଉଚ୍ଚଶିକ୍ଷା ଲାଭ କରିପାରିଥିଲେ । ଏବେ ମଧ୍ୟ ଗ୍ରାମଟି ସେ ଦିଗରେ ଅଗ୍ରସର ହେଉଛି ।

# ଏମିତି ଏକ ବିବାହ

-ଦେବାଶିଷ ମିଶ୍ର

ଲାଇବ୍ରେରୀରେ ଆଦିତ୍ୟ ବହି ଖୋଲିକି ବସିଥିଲା ହେଲେ ତାର ଧ୍ୟାନ ଥିଲା ବାହାର ପଟକୁ । ସିଢ଼ିରେ ଯେମିତି କାହାର ଆସିବାର ପଦଧ୍ୱନୀ ଶୁଣାଗଲା, ସେ ସେପଟେ ଆଖି ବୁଲେଇ ନେଲା । ତାକୁ ପୁରା ଭରସା ଥିଲା ଯେ ସନ୍ଧ୍ୟା ହିଁ ଆସୁଥିବ । ଆଦିତ୍ୟ ସମ୍ବଲପୁରରେ କଲେଜରେ ପଢ଼ିଲା ସମୟରେ ହିଁ ବର୍ଷେକ ପୂର୍ବରୁ ତାର ପରିଚୟ ସନ୍ଧ୍ୟା ସହିତ ହୋଇଥିଲା । ବର୍ତ୍ତମାନ ସେମାନଙ୍କର ଗ୍ରାଜୁଏସନ୍‌ର ଶେଷ ବର୍ଷ । ପଢ଼ା ସରିଲା ପରେ ସେମାନେ ପୂର୍ବ ଭଳି ମିଳାମିଶା କରିପାରିବେ କି ନାହିଁ, ସେଇଥିପାଇଁ ଦୁହେଁ ସନ୍ଦିହାନ ଥିଲେ । ବଷକ ଆଗରୁ ଯେତେବେଳେ ସନ୍ଧ୍ୟା ସହିତ ତା'ର ପରିଚୟ ହୋଇଥିଲା । ସେ ଦୁହେଁ ପାଲଟି ଯାଇଥିଲେ ଘନିଷ୍ଠ ମିତ୍ର । ହେଲେ ତାଙ୍କ ମିତ୍ରତା ବେଶୀ ଦିନ ବନ୍ଧୁତାର ସରହଦ ଭିତରେ ଆବଦ୍ଧ ହୋଇ ରହିପାରିଲା ନାହିଁ । ସେମାନେ ଅଳ୍ପଦିନ ମଧ୍ୟରେ ପାଲଟି ଯାଂଇଥିଲେ ପ୍ରେମୀ ଓ ପ୍ରେମୀକା । ସେଇ ସୁନ୍ଦରୀ ତରୁଣୀର କଥାକୁହା ଆଖିରେ ଆଦିତ୍ୟ ନିଜକୁ ହଜେଇ ଦେଉଥିଲା । ତା'ର ଚାହାଣୀ, ମିଠାକଥା ତାକୁ ଅଧିର କରି ପକାଏ । ତେଣୁ ସେ ସନ୍ଧ୍ୟାକୁ ହୃଦୟର ରାଣୀ କରି ସଜେଇ ନେଇଛି ।

ସନ୍ଧ୍ୟା ଲାଇବ୍ରେରୀକୁ ଆସି ଯାଇଛି । ସେ ଦୁହେଁ ଆଜି ସନ୍ଧ୍ୟାର ବାପାଙ୍କୁ ସେମାନଙ୍କର ଉଭୟଙ୍କ ପ୍ରତି ଥିବା ପ୍ରେମ ଓ ଅନୁରାଗ ବିଷୟରେ ଜଣେଇବେ ବୋଲି ନିଷ୍ପତ୍ତି ନେଇଥିଲେ । ସନ୍ଧ୍ୟା ଥିଲା ବାପାଙ୍କର ଏକ ମାତ୍ର କନ୍ୟା ସନ୍ତାନ । ସେଇଥିପାଇଁ ବାପା ତାର ସବୁକଥା ମାନ ନେଉଥିଲେ । ସନ୍ଧ୍ୟାର ଦୃଢ଼ ବିଶ୍ୱାସ ଥିଲା ଯେ ଆଦିତ୍ୟ ସହିତ ବିବାହର ନିଷ୍ପତ୍ତିକୁ ତା' ମା' ବାପା ନିଶ୍ଚୟ ମାନିଯିବେ ।

ସେ ଦୁହେଁ ସେଦିନ ସନ୍ଧ୍ୟାର ଘରକୁ ଯାଇଥିଲେ । ସନ୍ଧ୍ୟାର ମା' ବାପା ଅତି ଆଦରରେ ଆଦିତ୍ୟକୁ ଜଳଖିଆ ଦେଲେ । ସନ୍ଧ୍ୟା ହୁଏତ ଆଗରୁ ବାପା ମା'ଙ୍କୁ ଆପଣା ହୃଦୟର କଥା କହି ସାରିଥିଲା । ତେଣୁ ସାହିଲ ବାବୁ ସିଧା ସଳଖ ଆଦିତ୍ୟର ପରିବାର ତଥା ସେ ଭବିଷ୍ୟତରେ କର୍ମମୟ ଜୀବନ ପାଇଁ କେଉଁ ରାସ୍ତାକୁ ବାଛିବ ପଚାରି ନେଇଥିଲେ । ଆଦିତ୍ୟକୁ ଦେଖି ତଥା ତା' ବ୍ୟବହାରରେ ସନ୍ଧ୍ୟାର ମାତା-ପିତା ଆତ୍ମ-ସନ୍ତୋଷ ଅନୁଭବ କରି ସେ ଦୁହିଁଙ୍କୁ ବିବାହ କରିବା ପାଇଁ ସ୍ୱୀକୃତି ଦେଉଥିବା ଜଣେଇଥିଲେ । ଦୁହେଁ ଖୁସିରେ ଆତ୍ମହରା ହୋଇଉଠିଥିଲେ ।

ତା'ପରେ ଆରମ୍ଭ ହୋଇଥିଲା କଥାବାର୍ତ୍ତାର ପର୍ବ । ହସ କୌତୁକର ସମୟ ।

ଆଦିତ୍ୟ ହସି ହସି ସାହିଲ ବାବୁଙ୍କୁ ପଚାରି ଦେଇଥିଲା, "ମଉସା ଆପଣଙ୍କର ପ୍ରେମ ବିବାହ ହୋଇଥିଲା ନା ଆରେଞ୍ଜ ମ୍ୟାରେଜ୍" । ନିଶ୍ଚୟ ଆପଣଙ୍କ ବିବାହ ବେଶ୍ ଧୁମ୍‌ଧାମରେ ହୋଇଥିବ ନା ମଉସା ।

ଆଦିତ୍ୟର ପ୍ରଶ୍ନଗୁଡାକ ସାହିଲ ବାବୁଙ୍କ ହୃଦୟରେ ଲାଗିଥିଲା, ତୀର ସଦୃଶ । ଆଉ ଏଇ ପ୍ରଶ୍ନଗୁଡିକ ଗଭୀର ଖେଳେଇ ଦେଇଥିଲା ସାହିଲ ବାବୁଙ୍କ ମନରେ । ସତରେ ବିବାହକୁ ନେଇ କେତେ ଯେ ମଧୁର ଅନୁଭୂତି ଥାଏ, ସମସ୍ତଙ୍କର ନିଜ ବିବାହ କାର୍ଯ୍ୟକ୍ରମକୁ ସମସ୍ତେ ଭରପୁର ଉପଭୋଗ କରନ୍ତି । ହେଲେ ସାହିଲ ବାବୁଙ୍କ ଭାଗ୍ୟରେ ଏହା ଜୁଟି ନଥିଲା । ସାହିଲବାବୁ ଆଦିତ୍ୟର ପ୍ରଶ୍ନରେ ଘାଇଲା ହୋଇ ହଜିଯାଇଥିଲେ ଅତୀତ ଜୀବନର ସ୍ମୃତିରେ । ଆଉ କହି ଚାଲିଥିଲେ ନିଜର ଅତୀତ ଜୀବନ ସମ୍ପର୍କରେ ।

ସାହିଲ ବାବୁଙ୍କର ବାଲ୍ୟଜୀବନ ବିତିଥିଲା ଜଗତସିଂହପୁର କୁଜଙ୍ଗ ବ୍ଲକ୍ ପାଖରେ ଥିବା ଗୋଟିଏ ଛୋଟିଏ ଗାଁରେ । ତାଙ୍କ ପରିବାର ତଥା ସମସ୍ତ ସମ୍ପର୍କୀୟ ରହୁଥିଲେ ସେଇ ଗ୍ରାମ ଓ ତା' ଆଖ ପାଖ ଗ୍ରାମ ମାନଙ୍କରେ । ପଡୋଶୀ ଗ୍ରାମରେ ରହୁଥିଲେ ସନ୍ଧ୍ୟାର ମା ମୋନାଲିସାର ପରିବାର ।

ମୋନାଲିସା ଆଉ ସାହିଲ ପଢୁଥିଲେ ଗୋଟିଏ କଲେଜରେ । ସାହିଲ ମୋନାଲିସାକୁ ବନ୍ଧୁତ୍ୱର ପ୍ରସ୍ତାବ ଦେଇଥିଲେ । ମୋନାଲିସା ମଧ ସାହିଲର ବନ୍ଧୁତ୍ୱକୁ ଗ୍ରହଣ କରିନେଇଥିଲେ । ସାହିଲ ମନେ ମନେ ମୋନାଲିସାକୁ ବହୁତ ଭଲ ପାଉଥିଲେ, ହେଲେ କେବେ ମୁହଁ ଖୋଲିକି କହି ପାରୁ ନଥିଲେ । କେବେ କେହି କାହାକୁ ମନର କଥା କହି ପାରି ନଥିଲେ ମଧ ଉଭୟ ଉଭୟଙ୍କୁ ମନ ମନ୍ଦିରରେ ସାଇତି ରଖିଥିଲେ । ସାହିଲର ମନ ସାଗର ବାରମ୍ବାର ମୋନାଲିସାକୁ ସ୍ୱପ୍ନରେ ଡାକିଥାଏ, ଆସିକି ତାର ନୀଳ ବୁକୁରେ ହଜିଯିବା ପାଇଁ । ସାହିଲର ମନ ମୋନାଲିସାର ନାଲି ଓଠକୁ ଦେଖି ଅମାନିଆ ହୋଇଯାଏ । ତାକୁ ଲାଗେ ସେ ସାରା ଦୁନିଆକୁ ଭୁଲିଯାଇ, ତାର ଗୋଲପୀ ଓଠରେ ନିଜକୁ ହଜେଇ ଦିଅନ୍ତା କି ? ସୁଖ ଦୁଃଖର ତା' ମାନସୀ ସବୁଦିନ ପାଇଁ ହୋଇ ଯାଆନ୍ତା କି ନିଜର ।

ସାହିଲକୁ ଏମିତି ଲାଗେ ଯେମିତି ମୋନାଲିସାର ରୂପ ରୂପା ଜହ୍ନ ପରି, ତା' ଶରୀରରେ ଖେଳି ଯାଉଛି ଚିତର ବସନ୍ତ । ଆଖିରେ ତାର ମାଦକତା, କୁନ୍ତଳରେ ତା ଭିଜା ଶ୍ରାବଣର ଛିଟା । ମୋନାଲିସାର ସ୍ୱପ୍ନରେ ହଜି ଯାଇ ସେ ନିଜକୁ ଶାହାଜାନ ଭାବିନିଏ । ଆଉ ମୋନାଲିସାକୁ ଗଢ଼ି ତୋଳେ ମମ୍‌ତାଜ୍ । କି ଚମତ୍କାରିତା ସେ ଅନୁଭୂତି ! ସାହିଲ ଭାବେ ମୋନାଲିସା ଓ ସେ ବିଶ୍ୱାସ ଓ ଆତ୍ମିୟତାର ଛୋଟ ଘରଟିଏ ଗଢ଼ି ତୋଳିବେ । ସେ ଯେତେବେଳେ କାମ କରିବା ପାଇଁ ଦୂର ସ୍ଥାନକୁ ଯାଉଥିବ, ତାର ଫେରିବା ବାଟକୁ ମୋନା ଚାହିଁ ରହିଥିବ ପ୍ରୀତିର ଦୁଆର ଖୋଲି । ଏମିତି ଥିଲା ଅନେକ ସ୍ୱପ୍ନ !

ହେଲେ... କେହି କାହା ମନ କଥା ଖୋଲି କହି ପାରୁ ଡ଼ଥିଲେ । ଦୁହିଁଙ୍କ ଘରେ ଉଭୟଙ୍କ ବନ୍ଧୁତ୍ୱ ବିଷୟରେ ଜାଣିଥିଲେ । ଦୁହିଁଙ୍କ ଘରେ ଦୁହିଁଙ୍କୁ ଆଦର କରାଯାଏ । ଉଭୟ ଉଭୟଙ୍କ ଘରକୁ ବୁଲାବୁଲି କରିବା ପାଇଁ ଆସନ୍ତି । କେବେ କେବେ ସାହିଲ ଭାବେ ମୋନାକୁ ତା ମନ କଥା କହିଦେବ ହେଲେ ପୁଣି ଏହା ଭାବି କି ଡରି ଯାଏ ଯେ କାଳେ ସେ ତାକୁ ମନା କରିଦେବ ଆଉ ତାଙ୍କ ମଧ୍ୟରେ ଥିବା ବନ୍ଧୁତ୍ୱର ମଧୁର ସମ୍ପର୍କଟା ବି ଭାଙ୍ଗିଯିବ । ଆଉ ସେ ଏ ସମ୍ପର୍କକୁ ହରେଇବା ପାଇଁ ଚାହୁଁନଥିଲା ।

ସେଦିନ ଥିଲା ରବିବାର । ମୋନାଲିସା ବୁଲିବା ପାଇଁ ଆସିଥିଲା ସାହିଲ ଘରକୁ । ସେ ସମୟରେ ତାଙ୍କ ଗାଁରେ କେବଳ ସେମାନଙ୍କ ଘରେ ହିଁ ରଙ୍ଗିନ ଟେଲିଭିଜନ ଥିଲା । ସେତେବେଳେ ଏତେ ଗୁଡିଏ ଟେଲିଭିଜନ ଚ୍ୟାନେଲ ଉପଲବ୍ଧ ନଥିଲା, କେବଳ ଥିଲା ଦୂରଦର୍ଶନ । ଗାଁ ଯାକ ଲୋକ ସନ୍ଧ୍ୟା ସମୟରେ ପ୍ରସାରିତ ହେବାକୁ ଥିବା ଚଳଚ୍ଚିତ୍ର ଦେଖିବା ପାଇଁ ରୁଣ୍ଡ ହୋଇଥାନ୍ତି । ଆମେ ଦୁହେଁ ମଧ୍ୟ ଚଳଚ୍ଚିତ୍ର ଦେଖିବା ପାଇଁ ଗଲୁ । ଟି.ଭି ପାଖରେ ଡ୍ରେସିଙ୍ଗ ଟେବୁଲଟିଏ ଥିଲା । ଆମେ ଦୁହେଁ ପରସ୍ପର ୫ରୁ ୬ ଫୁଟ୍ ଦୂରରେ ବସିଥିଲୁ । ହେଲେ ଆମେ ଏମିତି ବସିଥିଲୁ ଯେ ସେଇ ଆଇନାରେ ମୁଁ ତାକୁ ଦେଖିପାରୁ ଥିଲି ଆଉ ସେ ମତେ । ସମସ୍ତଙ୍କ ଅନୁଯାଇ ଆମେ ଟି.ଭି ଦେଖୁଥିଲୁ ସେଇ ଆଇନାରେ । ଚଳଚ୍ଚିତ୍ରରେ ଚାଲୁଥିବା କିଛି ଦୃଶ୍ୟକୁ ଦେଖିଲେ ମନେ ହେଉଥିଲା, ମୁଁ ହିଁ ସେଇ ନାୟକ ଓ ମୋନା ସେଇ ନାୟିକା । ଯେଉଁ ସମୟରେ ନାୟକ ନାୟିକାକୁ ଆଲିଙ୍ଗନ କରି ହାତରେ ଟେକି ନେଉଥିଲା, ସେଇ ସମୟରେ ମୁଁ ଅନୁଭବ କରୁଥିଲି ଯେମିତି ମୁଁ ହିଁ ସେଇ ନାୟକ ।

ମୋନାଲିସା ସେଦିନ ଆମ ଘରେ ରହି ତା'ପର ଦିନ ମୋ ଭଉଣୀ ସହିତ ନିଜ ଘରକୁ ଯିବାର ଥିଲା । ମୁଁ ଜାଣିଥିଲି କଲେଜ ପଢ଼ା ସରିଲା ପରେ ଆମେ ଏବେ ପୂର୍ବ ଭଳି ଭେଟା–ଭେଟିର ସୁଯୋଗ ପାଇବୁ ନାହିଁ । ସେଇଥି ପାଇଁ ମୁଁ ଚାହୁଁଥିଲି ମୋନା ଆଉ ଦିନେ ଦି ଦିନ ଆମ ଘରେ ରହିଯାଉ । ସେଦିନ ସିନେମା ସରିଲା ପରେ ଆମେ ଦୁହେଁ ପାଖାପାଖି ବସି ଚା'ର ମଜା ନେଉଥିଲୁ । ସମୁଦ୍ରକୂଳ ଆଡୁ ମେଘ ଆସୁଥିବାର ମୁଁ ସେତେବେଳେ ଦେଖିଲି । ପବନର ବେଗ ବଢ଼ି ବଢ଼ି ଯାଇଥିଲା । ଦେଖାଯାଉଥିଲା ଯେ ବର୍ଷା ସମୁଦ୍ର ପଟୁ ଆମ ଆଡକୁ ଆସିବାକୁ ଲାଗିଛି । ସମୁଦ୍ରର ଲହଡି ଗୁଡିକ ଭୀଷଣ ରୂପ ଧରି କୂଳରେ ବାଡେଇ ହୋଇ ଘୋର ଗର୍ଜନ କରୁଥିଲେ । ସେ ଶବ୍ଦ ଧିରେ ଧିରେ ଏତେ ଭୟଙ୍କର ଭାବରେ ବଢ଼ିବାରେ ଲାଗିଥିଲା ଯେ ଆମ ଆଖପାଖର ସମସ୍ତ ଶବ୍ଦ ତାର ସାମ୍ନାରେ ଧିମା ପଡି ଯାଇଥିଲା । ଏମିତି ଲାଗୁଥିଲା ଯେମିତି ସମୁଦ୍ରକୂଳ କାନ୍ଦୁଥିଲା । କେଉଁ ଏକ ଅଜଣା କୋହରେ, ବାତ୍ୟା ଯେତେବେଳେ ଆସିଥାଏ, ସମୁଦ୍ରକୂଳରୁ ଏପରି ଆର୍ତ୍ତନାଦ ଶୁଣାଯାଏ ବୋଲି ସେ ପିଲାବେଳେ ତାର ଅଜାଙ୍କଠାରୁ ଶୁଣିଥିଲା । ସେଇ ନାଦକୁ ଶୁଣି ଗ୍ରାମର କୁକୁର ମାନେ ମଧ୍ୟ ଭୁକିବା ଆରମ୍ଭ କରିଦେଲେ । ଏମିତି ଲାଗୁଥାଏ ଯେମିତି ସେମାନେ ଗାଁ ଛାଡି ଦୌଡି ପଳେଇବା ପାଇଁ ପାଗଳ ।

ମୁଁ ମୋନାଲିସାକୁ କହିଥିଲି, 'ବାତ୍ୟା ଆସିବା ପରି ଲାଗୁଛି' । ମୋ କଥା ଶୁଣି ମୋନା କିଛିଟା ଚିନ୍ତିତ ହୋଇ ପଡିଥିଲା । କିଏ ଜଣେ ଘରକୁ ଆସୁଥିବା ପରି ମନେ ହେଲା । ସେଥିଲେ ମୋନାର ବଡ ଭାଇ । ମୋନାକୁ ସେ କହିଲେ, "ମୋନା, ସମୁଦ୍ର ଅଶାନ୍ତ ହୋଇ ପଡିଛି । ଭୀଷଣ ବର୍ଷା ହେବ ବୋଲି ମନେ ହେଉଛି । ତୁ' ଘରକୁ ନ ଯାଇ ଆଜି ଏଇଠି ରହି ଯା, ଦରକାର ହେଲେ ବର୍ଷା ଅଟକିବା ପର୍ଯ୍ୟନ୍ତ ଦିନେ ଦୁଇଦିନ ରହିଗଲେ ଭଲ ହେବ । ମୋର ଟିକେ କାମ ଅଛି ପାଖ ଗାଁ କୁ ଯାଉଛି" ।

ମୁଁ ମନେ ମନେ ସେଇ ଝଡ ବର୍ଷାକୁ ଅଶେଷ ଅଶେଷ ଧନ୍ୟବାଦ ଦେଇଥିଲି । ମୋ ପାଇଁ ତ ଏଇଟା ଗୋଟିଏ ଶୁଭ ସମ୍ବାଦ ଥିଲା । କିନ୍ତୁ ମୋନା ଚିନ୍ତିତ ଅବସ୍ଥାରେ ସମୁଦ୍ରପଟକୁ ଦେଖୁଥିଲା ।

ସେତେବେଳେ ମୋର ବାପା ଆସିକି କହିଥିଲେ, "ଏମିତି ଲାଗୁଛି, ଯେମିତି ସମୁଦ୍ରରେ ଭୟଙ୍କର ଘୂର୍ଣ୍ଣିଝଡ ଆସୁଛି । ଯେତିକି ସମ୍ଭବ ମୁଁ ଗାଁର ଲୋକ ମାନଙ୍କୁ ସତର୍କ କରିବା ପାଇଁ ଯାଉଛି । ତୁମେମାନେ ମଧ୍ୟ ଯଦି ସମ୍ଭବ ଲୋକମାନଙ୍କୁ ସତର୍କ କର । ପଶୁମାନଙ୍କୁ ଖୋଲାଛାଡି ଦେବା ପାଇଁ କୁହ । ସୁରକ୍ଷିତ ସ୍ଥାନରେ ରହିବା ପାଇଁ କୁହ । ସମୁଦ୍ରପଟକୁ କାହାରିକୁ ବି ଯିବା ପାଇଁ ମନା କର । ମୋତେ ଅପେକ୍ଷା କରିବ ନାହିଁ" ।

ପାଣିପାଗ ବିଭାଗ ତରଫରୁ ମଧ୍ୟ ଦିଆଯାଇଥିବା ଛଅ ନମ୍ବର ବିପଦ ସଂକେତରୁ ଗୋଟିଏ ବଡ ବାତ୍ୟା ଆସିପାରେ ବୋଲି ଆମେ ଭାବୁଥିଲୁ । ଧିରେଧିରେ ବର୍ଷା ଭୀଷଣ ରୂପ ଧାରଣ କରିବାରେ ଲାଗିଲା । କୁକୁର, ଗାଇ, ଗୋରୁ ଆଶ୍ରୟ ପାଇଁ ଘରୁ ପିଣ୍ଡାମାନଙ୍କରେ ଚଢ଼ିଯାଉଥିଲେ । ବିଜୁଳି ଆଲୋକରେ ଚାରିଆଡେ ଆଲୋକିତ ହୋଇ ଉଠୁଥିଲା ।

ଘର ଲୋକଙ୍କୁ ସତର୍କ ରହିବା ପାଇଁ ଜଣେଇ ମୁଁ ଆଉ ମୋନା ଗ୍ରାମବାସୀଙ୍କୁ ସତର୍କ କରିବା ପାଇଁ ଗୋଟେ ଗୋଟେ ରେନ୍ କୋର୍ଟ ପିନ୍ଧି ବାହାରି ପଡିଲୁ । ପାଖ ସାହିକୁ ଯେତେବେଳେ ପହଁଞ୍ଚିଲୁ, ସେଠାକାର ଘରମାନଙ୍କର ଛପର ଉଡିଯାଇଥିଲା । ମାଟିଘର ଗୁଡିକର କାନ୍ଥ ଦବି ଯାଇଥିଲା । ଆଉ ସେଇ ତଳୁ ଲୋକମାନଙ୍କର କରୁଣ ଆର୍ତ୍ତନାଦ ବାହାରି ଘଡ ଘଡିର ଶବ୍ଦରେ ହଜି ଯାଉଥିଲା ।

ବର୍ଷା ଆଉ ପବନର ତାଣ୍ଡବ ଏତିକି ବଢ଼ିଯାଇଥିଲା । ଯେ ଠିଆ ହୋଇ ଚାଲିବା ମଧ୍ୟ ଅସମ୍ଭବ ଥିଲା । ସେଇଥିପାଇଁ ମୁଁ ଆଉ ମୋନା ହାତ ଧରି ଗୁରୁଣ୍ଡିଗୁରୁଣ୍ଡି ବଡ ମୁସ୍କିଲରେ ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ବିଦ୍ୟାଳୟର ଆଜ୍‌ବେଷ୍ଟସ୍ ଉଡିଯାଇଥିଲା । ଭାଗ୍ୟକୁ ବଖରାଏ ଛାତଘର ସେଠାରେ ଥିଲା । ଯାହାକି ବିନା ଭାଙ୍ଗି ମୁଣ୍ଡଟେକି ଠିଆ ହୋଇ ରହିଥିଲା । ଆମେ ଭାଙ୍ଗି ପଡିଥିବା ଗୋଟିଏ ଗଛ ସାହାର୍ଯ୍ୟରେ ବଡ ମୁସ୍କିଲରେ ଛାତ ଉପରକୁ ଚଢ଼ିଥିଲୁ । ଭାଗ୍ୟକୁ ଛାତ ଉପରେ ବାଉଣ୍ଡରୀ ୱାଲ୍ ଥିଲା । ନହେଲେ ପବନର ବେଗ ଆମକୁ ଉଡେଇ ନେଇଥାନ୍ତା । ତଥାପି ପବନର ପ୍ରଳୟଙ୍କର ବେଗ ଯୋଗୁଁ ବସିବା କିମ୍ବା ଠିଆ ହେବା ଆଦୌ ସମ୍ଭବ ନଥିଲା । ଆମେ ଦୁହେଁ ଛାତ ଉପରେ ବର୍ଷାର ମାଡ ଖାଇ ସେଇଦିନ ଓ ରାତି ସେଇଠି ଶେଇକି ଭାଗ୍ୟକୁ ଆଦରି ବିତାଇନେଲୁ ।

ବର୍ଷା ଆଉ ପବନର ବେଗ ତା' ପରଦିନ କିଛି କମ୍ ହେଲା । ଆମେ ତା' ଘରେ ସେଠୁ ଓହ୍ଲାଇ ଯେତେବେଳେ ଗାଁକୁ ଗଲୁ, ସେଠକାର ଦୃଶ୍ୟ ଦେଖି ଏତେ ଆଘାତ ଲାଗିଥିଲା ଯେ ଆଖେର ଅଶ୍ରୁ ମଧ୍ୟ ମରି ଯାଇଥିଲା । ଗ୍ରାମର ଗାଇ, ଗୋରୁ, ମଣିଷ କେହି ମଧ୍ୟ ବଞ୍ଚିନଥିଲେ । ସବୁ ପଟେ ଶବ ଆଉ ଶବ । ବାତ୍ୟା ତ ନୁହେଁ ସିଏ ଥିଲା ଏକ ବିରାଟ ରାକ୍ଷସ ମହାବାତ୍ୟା । ଯିଏକି ଚାରିଆଡେ ଖେଳେଇ ଦେଇଥିଲା ବିନାଶର ତାଣ୍ଡବ ଲୀଳା । ସବୁପଟେ ଭଙ୍ଗାଘର, ଆଉ ତା'ତଳେଦବିଯାଇଥିଲେ ଶହ ଶହ ଶବ । ସଡକରେ ଯାତାୟତ ଅସମ୍ଭବ ଥିଲା । ଚାରିଆଡେ ଭଙ୍ଗାଗଛ ଆଉ ପାଣି ଭରିକି ରହିଥିଲା । ଲକ୍ଷ ଲକ୍ଷ ପରିବାର ମହାବାତ୍ୟାରେ ଗୃହଶୂନ୍ୟ ହୋଇଗଲେ । ହଜାର ହଜାର ଲୋକ ମୃତ୍ୟୁର କରାଳଗର୍ଭରେ ଲୀନ ହୋଇଗଲେ । ଆମ ଉଭୟଙ୍କ ପରିବାରର କେହି ମଧ୍ୟ ସେଇ ଭୀଷଣ ବାତ୍ୟାର ପ୍ରଭାବରୁ ବଞ୍ଚିପାରି ନଥିଲେ । ସମସ୍ତେ ଚିର ନିଦ୍ରାରେ ଶେଇ ପଡିଥବଲେ । ଆମର କାନ୍ଦିବାର ସାହସ ବି ନ ଥିଲା କି ସେଇ ସ୍ଥାନରେ ଆଉ ରହିବାର ଧର୍ଯ୍ୟ ବି ନଥିଲା । ସେଇଥିପାଇଁ ଆମେ ଆସି ଯାଇଥିଲୁ ଏଇ ସମ୍ବଲପୁର ସହରକୁ । ସେଇ ବାତ୍ୟାଦିନ ମୁଁ ମୋନାର ହାତ ଧରିଥିଲି, ଆଜି ମଧ୍ୟ ଧରିରଖିଛି । କେବଳ ହୃଦୟର ମିଳନ ହୋଇଥିଲା ଆମର, ବିବାହ କ'ଣ ଆମେ ଜାଣି ପାରି ନଥିଲୁ ।

ଭାବୁକ ହୋଇ ଏତେ ବର୍ଷ ପରେ ସାହିଲ ବାବୁଙ୍କ ଆଖିରୁ ଝରି ପଡୁଥିଲା ଅଶ୍ରୁ । ଆଦିତ୍ୟ ଭାବୁଥିଲା ବାହାବେଦୀର ବାହା କେତେ ସତ କେଜାଣି, ହେଲେ ଦୁଇ ଆତ୍ମାର ମିଳନ ହିଁ ସତରେ ପ୍ରକୃତ ବିବାହ ।

***ଅବନକେଲା, ରେମୁଣ୍ଡା, ସୁନ୍ଦରଗଡ***

# ଓଡିଆ କାବ୍ୟ, କବିତାରେ ପାନ

- *ଅଧ୍ୟାପକ ପବିତ୍ର ମୋହନ ବାରିକ*

ପାନ ଓଡିଆ ସଂସ୍କୃତିର ପ୍ରତୀକ । ଆମ ଐତିହ୍ୟ ଓଷା, ବ୍ରତ, ଉପାସନା, ବିବାହ, ଧର୍ମ, ଓ ମାଙ୍ଗଳିକ କାର୍ଯ୍ୟରେ ପାନ ଅପରିହାର୍ଯ୍ୟ । ଆମ ସାମାଜିକ ଜୀବନୀ ଓ ଚଳଣୀ ଜମିଦାରଙ୍କ ଠାରୁ ଆରମ୍ଭ କରି ଦରିଦ୍ର ଭିକାରୀ ପର୍ଯ୍ୟନ୍ତ ସମସ୍ତଙ୍କର ନିକଟରେ ପାନ ଅତି ପ୍ରିୟ । ଜାତି, ଧର୍ମ, ବର୍ଣ୍ଣ, ବୟସ ନିର୍ବିଶେଷରେ ପାନ ସମସ୍ତଙ୍କ ନିକଟରେ ଆଦର ଓ ଶ୍ରଦ୍ଧାଲାଭ କରିବାରେ ସମର୍ଥ ହୋଇଛି । ବିଖ୍ୟାତ ମହାନଗରୀ ଠାରୁ ଆରମ୍ଭ କରି ଅଖ୍ୟାତ ପଲ୍ଲୀ ପର୍ଯ୍ୟନ୍ତ ସର୍ବତ୍ର ପାନ ଦୋକାନର ସମାରୋହ । ହାଟ, ବଜାର, ମେଳା, ଉତ୍ସବ, ଆତ୍ମିୟସ୍ୱଜନଙ୍କ ଘରେ ପାନର ପସରା । କାହାଣୀ, କିମ୍ବଦନ୍ତୀ, ରଜଦୋଳି ଗୀତ, କାନ୍ଦଣା ଗୀତ, ଶଗଡିଆ ଗୀତ, ହଳିଆ ଗୀତ, ସବାରୀ ଗୀତରେ ପାନର ମହାତ୍ମ୍ୟ ହୃଦୟସ୍ପର୍ଶୀ ଓ ମନୋଜ୍ଞ । ଦରଦି କମିମାନଙ୍କର କାବ୍ୟ, କବିତାରେ ପାନର ପ୍ରାଧାନ୍ୟ ମନୋଜ୍ଞ ଶୈଳିରେ ରଚିତ ହୋଇଅଛି । ଅତୀତସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ସୁଦୀର୍ଘ ପଥ ଅତିକ୍ରମ କରିଥବଲେ ମଧ୍ୟ ପାନର ମୌଳିକ ସଂଜ୍ଞା ଅପରିବର୍ତ୍ତିତ ରହିଛି । ପାନ,ଗୁଆ,ଚୁନ ଖଇର ଗୁଣ୍ଡି ଓ ଅନ୍ୟାନ୍ୟ ମସଲାରେ ମିଶ୍ରଣରେ ପାନଖିଲ ପ୍ରସ୍ତୁତ କରାଯାଏ । ପାନଖିଲର ମୂଖ୍ୟ ତଥା ମୌଳିକ ଉପାଦାନ ପାନପତ୍ର । ପାନ ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ନାମକରଣରେ ବିଭକ୍ତ ଯଥା ଓଡିଶୀ ପାନ, ବଙ୍ଗଳା ପାନ, ଦକ୍ଷିଣୀ ପାନ, ଛୁଡି ପାନ, ମିଠାପାନ, ମାଘାପାନ, କୁଜଙ୍ଗୀପାନ ଓ ନିଆଳି ପାନ ଇତ୍ୟାଦି । ଓଡିଆ ଭାଷାରେ ଅତି ପରିଚିତ "ପାନ"ର ଅତ୍ୟନାମ ତାମ୍ବୁଳ, ନାଗବଲ୍ଲୀ ଇତ୍ୟାଦି ଅଟେ । ପାନ ଲତା ଆକାରରେ ଥିବାରୁ "ବଲ୍ଲୀ" ଭାବରେ ମଧ୍ୟ ପରିଚିତ । ସଂସ୍କୃତରେ ପାନର ତିନିଟି ସୁନ୍ଦର ନାମ ରହିଛି । ସେମାନେ "ତମ୍ବୁଳ ବଲ୍ଲୀ", "ତମ୍ବୁଳୀ" ଓ "ନାଗ ବଲ୍ଲୀ" । ପୌରାଣିକ ମତାନୁସାରେ ନାଗଲୋକରୁ ଏହି ଲତା ଆସିଥିବାରୁ ଏହା "ନାଗ ବଲ୍ଲୀ" ନାମରେ ନାମିତ ଥିବାର ଜଣାଯାଏ । ରାଜ ଶେଖର ସୂରୀଙ୍କ ପ୍ରବନ୍ଧ କୋଷ, ରାମାୟଣ, ମହାଭାରତ, ବୌଦ୍ଧ ଓ ଜୈନ ଗ୍ରନ୍ଥମାନଙ୍କରେ "ନାଗ ବଲ୍ଲୀ"ର ବର୍ଣ୍ଣନା ଦେଖିବାକୁ ମିଳେ । ବୃହତ ସଂହିତା, ବିଶ୍ୱକୋଷ ଅମର କୋଷ, ମେଦିନୀ କୋଷ ଇତ୍ୟାଦି ପ୍ରାଚୀନ ଗ୍ରନ୍ଥ ମାନଙ୍କରେ ତାମ୍ବୁଳ ସମ୍ପର୍କରେ ସୂଚନା ମିଳେ । ସଂସ୍କୃତ ଭାଷାରେ ପାନକୁ ମଧ୍ୟ ପର୍ଣ୍ଣଲତା, ସପ୍ତ ଲତା, ମୁଖ ଭୂଷଣ ଇତ୍ୟାଦି କୁହାଯାଏ । ପାନକୁ ହିନ୍ଦୀରେ ନାଗରବେଲପାନ୍, ବଙ୍ଗଳାରେ ପାନ, ମରାଠୀରେ ନାଗବେଲ, ଗୁଜୁରାଟିରେ ନଗରୀ ବେଲ୍ୟ, ତେଲୁଗୁରେ ତାମଳପାକୁ, ତାମିଲିରେ ବେଟ୍ଟିଲୀ,ଆରବୀରେ କାନ୍, ଇଂରାଜୀରେ ବିଟଲ ଲିଫ୍ କୁହାଯାଏ । ସମଗ୍ର ଦକ୍ଷିଣପୂର୍ବ ଏସିଆରେ ବହୁ ପ୍ରାଚୀନ କାଳରୁ ପାନର ବ୍ୟବହାର ଓ ପାନଚାଷ କରାଯାଇ ଆସୁଅଛି । ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆ ବିଶେଷ କରି ପାନ ଉତ୍ପାଦନର ପ୍ରଥମ କ୍ଷେତ୍ର ଥିଲା । ଗବେଷକ ମାନଙ୍କ ମତରେ ୨୫୦୦ବର୍ଷ ପୂର୍ବେ ମାଲେସିଆରେ ପାନ ଚାଷ ହେଉଥିବାର ଜଣାଯାଏ । ପାକିସ୍ଥାନରୁ ପାପୁଆ ନିଉଗୁନିଆ ପର୍ଯ୍ୟନ୍ତ ପାନ ଚାଷ କରାଯାଉଥିବା ବେଳେ ଭାରତ ଓ ଶ୍ରୀଲଙ୍କାରେ ଧର୍ମ, ସଂସ୍କୃତି ଅତିଥିମାନଙ୍କୁ ପାନ ଦେଇ ସତ୍କାର କରିବା ଆମ ପରମ୍ପରାର ଏକ ପ୍ରାଚୀନ ପ୍ରଥା ।ଭୋଜିଭାତ ଓ ଉତ୍ସବ କରାଯାଏ । ପୂର୍ବେ ଅଧିକାଂଶ ଘରେ ପାନଡାଲା ଥିଲା ଏବଂ ପ୍ରାୟ ଲୋକେ ପାନ ବଟୁଆ ବ୍ୟବହାର କରୁଥିଲେ । ପ୍ରାଚୀନ ସମୟରୁ ଓଡିଶା, ପଶ୍ଚିମ ବଙ୍ଗ ଓ ମହାରାଷ୍ଟ୍ର ଇତ୍ୟାଦି ପ୍ରଦେଶରେ ପ୍ରଚୁର ପାନ ଚାଷ ହେଉଥିବାର ଜଣାଯାଏ । ଭାରତ, ପାକିସ୍ଥାନ, ନେପାଳ, ଶ୍ରୀଲଙ୍କା, ମାଲେସିଆ ଓ ଇନ୍ଦୋନେସିଆ ପ୍ରଭୃତି ଦେଶରେ ପାନର ବ୍ୟାପକ ପ୍ରଚଳନ ହେଉ ଥିବାର ଦେଖାଯାଏ । ପାନର ଔଷଧୀୟ ଗୁଣ ସର୍ବଜନରେ ପ୍ରଶଂସିତ । ଆୟୁର୍ବେଦ ଶାସ୍ତ୍ର ଅନୁଯାୟୀ ଅମ୍ଳ, ତିକ୍ତ, ଉତ୍ତେଜକ, ଲବଣାକ୍ତ, ଦରଜ, ବାତ, କୃମି ଓ ଦୁର୍ଗନ୍ଧ ଇତ୍ୟାଦି ଦୂର କରିଥାଏ । ପାନ ରସ ଓ ମହୁକୁ ମିଶ୍ରଣ କରି ସେବନ କଲେ ଥଣ୍ଡା ଓ ଶର୍ଦ୍ଦି ଦୂର କରିଥାଏ । ଅଗ୍ନିମାଦ୍ୟ ହେତୁ ହେଉଥିବା ଯନ୍ତ୍ରଣାକୁ ପାନପତ୍ର ଦୂର କରିଥାଏ । ପାନରେ ରହିଛି ଅନେକ ଔଷଧୀୟ ଗୁଣ । ଆୟୁର୍ବେଦର ଅନେକ ଔଷଧରେ ଅନେକ ପାନ ବ୍ୟବହୃତ କହୋଇଥାଏ । ଗୁପ୍ତଯୁଗର ସୁପ୍ରସିଦ୍ଧ ଚିକିତ୍ସକ ସୁଶ୍ରୁତ ପାନକୁ ବଳ ବର୍ଦ୍ଧକ ଔଷଧୀୟ ବୋଲି କହିଛନ୍ତି । ଏହା ବିଶେଷ କରି

ବାୟୁନାଶ, କୃମିନାଶକ ଓ ମୁଖ ଦୁର୍ଗନ୍ଧ ଦୂର କରିଥାଏ । ବିଶେଷକରି ଏସିଆ ମହାଦେଶରେ ଏହାର ପତ୍ର ଓ ଚେରକୁ ଔଷଧ ଭାବେ ବ୍ୟବହାର କରାଯାଏ । ବୃହତ୍ ସଂହିତାରେ ଉଲ୍ଲେଖ ଅଛି ତାମ୍ବୁଳ ବା ପାନ ସେବନ ଦ୍ୱାରା ମନୁଷ୍ୟ ହୃଦୟରେ ପ୍ରେମ ଓ ଭଲ ପାଇବାର ଭାବ ଉଦ୍ରେକ ହୋଇଥାଏ । ଏହା ବ୍ୟତିତ ବୃହତ୍ ସଂହିତାରେବର୍ଣ୍ଣିତ ଅଛି ପାନକାରୀର ସୌନ୍ଦର୍ଯ୍ୟ ବୃଦ୍ଧିକରେ । ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରେ, ମୂଖ ଗହ୍ୱରକୁ ସୁବାସିତ ରଖେ । ଶରୀରକୁ ଉର୍ଜା ବା ଶକ୍ତି ପ୍ରଦାନ ପୂର୍ବକ ନିରୋଗ ରଖିଥାଏ । କାଳିଦାସଙ୍କ ରଚିତ ପ୍ରସିଦ୍ଧ କାବ୍ୟ 'ଋତୁ ସଂହାର'ରେ ଶୀତଦିନେ ପାନର ଆଦର ଅଧିକ ଥିବାର ଉଲ୍ଲେଖ କରିଛନ୍ତି । ଶୀତଦିନେ ଯେଉଁ ସାତଟି ପଦାର୍ଥ ଅଧିକ ଆଦର ଲାଭ କରିଥାଏ, ସେମାନଙ୍କ ମଧ୍ୟରେ ପାନ ଅନ୍ୟତମ । ଏକଥା କାଳିଦାସ 'ଋତୁ ସଂହାର'ରେ ଉଲ୍ଲେଖ କରିଛନ୍ତି । ତେଣୁ ତାଙ୍କ ରଚିତ ଶ୍ଳୋକରେ ବର୍ଣ୍ଣିତ ଅଛି-

"ତୈଳ, ତପନ, ତାମ୍ବୁଳ, ତୁଳିକା, ତପ୍ତ ଭୋଜନମ୍
ତରଣୀ, ତପ୍ତବାରିଚ ଶୀତେ ସପ୍ତା ସୁଖ୍ୟାନି ହିଁ" ॥

ଓଡିଶା ପରିପେକ୍ଷୀରେ ବିଚାର କଲେ ପାନ ଶ୍ରୀଜଗନ୍ନାଥ ସଂସ୍କୃତିରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଶ୍ରୀବିଗ୍ରହ ମାନଙ୍କ ଷୋଡଶ ଉପଚାର ମଧ୍ୟରେ ତାମ୍ବୁଳ ବା ପାନର ମଣୋହି ଅନ୍ୟତମ । ଦୈନ୍ୟଦିନ ନୀତିରେ ଏକଶହରୁ ଉର୍ଦ୍ଧ୍ୱ ବିଡିଆ ପାନର ଆବଶ୍ୟକତା ପଡିଥାଏ । ଶ୍ରୀଜଗନ୍ନାଥ ସଂସ୍କୃତିରେ ବିଗ୍ରହମାନଙ୍କୁ ବିଡିଆ ପାନ ଯୋଗାଉଥିବା ସେବକଙ୍କୁ 'ହଡପ ନାୟକ' କୁହାଯାଏ ।

ଜନଜୀବନରେ ପାନର ପ୍ରଭାବ କିଛି କମ୍ ନୁହେଁ । ଓଡିଆ ସାମାଜିକ ଜୀବନରେ ପାନର ଯଥେଷ୍ଟ ଗୁରୁତ୍ୱ ରହିଛି । ଓଡିଶାର ଓଷା, ବ୍ରତ, ଉପାସନା ଓ ଧାର୍ମିକ କ୍ଷେତ୍ରରେ ପାନର ଆବଶ୍ୟକତା ପଡିଥାଏ । ଓଡିଆ କାବ୍ୟ, କବିତା, ଲୋକଗୀତରେ ପାନ ସ୍ଥାନ ପାଇଛି । ପଲ୍ଲୀ ଜୀବନରେ ପାନର ସ୍ଥାନ ସ୍ୱତନ୍ତ୍ର । ତେଣୁ ପଲ୍ଲୀ ସଂଗୀତରେ ଏହାର ବର୍ଣ୍ଣନା ରସସିକ୍ତ । ଢ଼ଗଢ଼ମାଳୀରେ ଲୋକ ମୁଖରେ ପାନର ବର୍ଣ୍ଣନା ଅତି ମନୋଜ୍ଞ ଓ ହୃଦୟସ୍ପର୍ଶୀ, ତେଣୁ ଲୋକ ଗୀତରେ ଶୁଣାଯାଏ-

"ମଲ୍ଲୀ ଶାଶୁଘର ପଲ୍ଲୀରେ
ମଲ୍ଲୀ ମୁଗ ଭାଜୁଥିଲା କାଲିରେ
ପାନ ଖାଇ ଓଠ ନାଲିରେ
ମାରିଛି ସିନ୍ଦୁର କଲିରେ"॥

ଓଡିଶାର ନୌବାଣିଜ୍ୟ ସଂସ୍କୃତି ଅତି ପ୍ରାଚୀନ । ଅତିତରେ ଓଡିଆ ସାଧବ ପୁଅମାନେ ଦରିଆ ପାରି ହୋଇ ଜାଭା, ସୁମିତ୍ରା, ବାଲି ଓ ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପ ସହିତ ବାଣିଜ୍ୟିକ ସମ୍ପର୍କ ରଖିଥିଲେ । ଏହି ନୌବାଣିଜ୍ୟ ପରମ୍ପରା, ଲୋକ କଥା, କିମ୍ବଦନ୍ତୀ, ପୌରାଣିକ ଉପଖ୍ୟାନ  ଐତିହାସିକ ସତ୍ୟତାକୁ ନେଇ ସମୃଦ୍ଧ । ସୁଦୂର ଅତୀତର ସ୍ୱର୍ଣ୍ଣାଭ ସମୟକୁ ସ୍ମରଣ କରି ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଓଡିଆ ଝିଅମାନେ କଦଳୀ ପଟୁକାରେ ଡଙ୍ଗା କରି ଭସାଇବା ବେଳେ ଯେଉଁ ଗୀତ ଗାଇଥାନ୍ତି, ସେଥିରେ ପାନର ମାହାତ୍ମ୍ୟ ବିଦ୍ୟମାନ ।

"ଆ, କା, ମା, ବୈ
ଗୁଆ ପାନ ଖାଇ
ଗୁଆ ପାନ ତୋର
ମାସକ ଧର୍ମ ମୋର "

ପ୍ରସିଦ୍ଧ ଉପନ୍ୟାସ "ଛମାଣ ଆଠ ଗୁଣ୍ଠ"ରେ ବ୍ୟାସ କବି ଫକୀରମୋହନ ସେନାପତି ଚମ୍ପା ଚରିତ୍ରର ପାନ ଖିଆକୁ ଚିତ୍ରଣ କରିବାକୁ ଯାଇ ହାସ୍ୟ ରସାତ୍ମକ ଭାବରେ ବର୍ଣ୍ଣନା କରିଛନ୍ତି-

"କଜଳ ପୂରିତ ଲୋଚନ ଭାଲେ
ଗୁଣ୍ଡି ମିଶ୍ରିତ ପାନ ଗୁଞ୍ଜିତ ଗାଲେ"

ପାନରେ ବିଭିନ୍ନ ସୁବାସିତ ମସଲାର ପ୍ରଚଳନ ଆଧୁନିକ ପାନର ପରିଚୟ । ପାନପିକ ପକାଇବା ପାଇଁ ଅତୀତରେ ପିକଦାନୀର ପ୍ରଚଳନ ଥିଲା । ବିଭାଘର ସମୟରେ କନ୍ୟା ବିଭିନ୍ନ ଯୌତୁକ ସହ ପାନ ରଖିବା ପାଇଁ ପାନବଟା ଓ ପିକ ପକାଇବା ପାଇଁ ପିକଦାନୀ ନେଉଥିଲେ । କିନ୍ତୁ ଦୁଃଖର କଥା ବର୍ତ୍ତମାନ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପିକ ପକାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଥିବା ସତ୍ତ୍ୱେ କାନ୍ଥବାଡରେ ନାଲି ପିକର ବିକୃତ ରୂପ ଦେଖିବାକୁ ମିଳେ । ପାଶ୍ଚ୍ୟାତ ସଂସ୍କୃତିର ଅନୁପ୍ରବେଶ ଫଳରେ ପାନବଟା ଓ ପିକଦାନୀ ଇତ୍ୟାଦି ଆମ ସମାଜରୁ ଲୋପ ପାଇ ବସିଲାଣି । ପାନ ବଟୁଆର ପ୍ରଚଳନ ବହୁ ପରିମାଣରେ କମିଯାଇଛି । ଏହା ପରିବର୍ତ୍ତେ ପାନ ଦୋକାନ ସ୍ଥାନ ପାଇଛି । ଲୋକ ସଂଗୀତ ପାନକୁ ନେଇ ବହୁ ଚର୍ଚ୍ଚିତ । ନବବଧୂ ପାନ ଭାଙ୍ଗି ତାର ଦକ୍ଷତାର ପ୍ରମାଣ ଶାଶୁ, ଦେଢ଼ଶାଶୁ ଓ ଯା' ମାନଙ୍କୁ ଦେଉଥିଲା । ପଲ୍ଲୀ ଗୀତର ଛତ୍ରେ-ଛତ୍ରେ ପାନକୁ ନେଇ ରଚିତ ।

ତେଣୁ ଏକ ଲୋକ ଗୀତରେ ଅଛି-

"ନଖି ନାନୀ ପୁଅ ଭଗିଆ
ଶଗଡ ଉପରେ ବସିଚି
ନାଲି ଗାମୁଛା କାନ୍ଧରେ ପକାଇ
ପାନ ଖଣ୍ଡେ ଖଣ୍ଡେ ଖାଉଛି"

ଗ୍ରାମାଞ୍ଚଳରେ ମାଙ୍କଡ ମାନଙ୍କର ବହୁ ଦୌରାତ୍ମ୍ୟ ଦେଖିବାକୁ ମିଳେ । ବାଡି ବଗିଚାରେ ଫୁଲ, ଫଳ, ପନି ପରିବା ଓ ଘରର ଚାଳକୁ ନଷ୍ଟ କରିଥାନ୍ତି । ବାଳକ ବାଳିକାମାନେ ମାଙ୍କଡ ମାନଙ୍କୁ ତଡି ଘଉଡାଇବା ସମୟରେ ମାଙ୍କଡ ମାନଙ୍କ ପ୍ରତି ପାନର ମାଧ୍ୟମରେ ବ୍ୟଙ୍ଗୋକ୍ତ କରି ପ୍ରକାଶ କରିଥାନ୍ତି-

"ମାଙ୍କଡ ତୋ ମାଇପ ମଲା
ପାନ ଦେଆ ପାଟି ପାସର ଗଲା" ॥

ଝିଅ ବିଭା ହୋଇ ଶାଶୁ ଘରକୁ ଯିବା ସମୟରେ ତା'ର ବାପା, ଭାଇ, ବୋଉ, ସାଙ୍ଗ, ସାଥି ମାନଙ୍କୁ ଧରି ବାହୁନି କାନ୍ଦେ । ସେହି କାନ୍ଦଣା ମାଧ୍ୟମରେ ମଧ୍ୟ ପାନ ଶବ୍ଦର ବ୍ୟବହାର ଦେଖିବାକୁ ମିଳେ । ଉପମା ଓ ଦୃଷ୍ଟାନ୍ତ ରୂପେ ପାନ ଶବ୍ଦର ଓଡିଆ ସାହିତ୍ୟରେ ଅନେକ ସ୍ଥାନରେ ବ୍ୟବହାର ହୋଇଥିବାର ଦେଖାଯାଏ । ବିବାହ କାନ୍ଦଣାରେ ଉଲ୍ଲେଖ ଅଛି-

"ବାଲି ତାତିଲେ ତ ଜୋତା ମାଡି ହେ ଭାଇ
ମୁହଁ ଶୁଖିଲେତ ପାନ ଖାଇବ ହେ ଭାଇ
ପାନ ଭାଙ୍ଗିଦେଲି ଖଇର ପିତା ହେ ଭାଇ
ମତେ ନ କରିବ ଭଗାରୀ ହସା ହେ ଭାଇ" ॥

କନ୍ୟା ତା' ଭାଇଙ୍କ ଉଦ୍ଦେଶ୍ୟରେ ପାନକୁ ମାଧ୍ୟମ କରି ତା'ର ମନର ଭାବକୁ ପ୍ରକାଶ କରିଥାଏ । ବିବାହ କାନ୍ଦଣାରେ ପାନର ବନ୍ଧୁତ୍ୱର ସମ୍ପର୍କ ସୃଷ୍ଟି କରେ । କନ୍ୟା ପିତା ବରଘରେ ପାନ ଖାଇ କନ୍ୟା ବିଭା ଦେବାକୁ ସହମତି ପ୍ରକାଶ କଲେ ବିବାହ ପ୍ରସ୍ତୁତି ଆରମ୍ଭ ହୁଏ । ତେଣୁ ଏହାର ବର୍ଣ୍ଣନା ଦେଖିବାକୁ ମିଳେ ବିବାହ କାନ୍ଦଣାରେ-

"ଗୋପ ଦାଣ୍ଡରେ ସେ ମାଲୁଣୀ ଥିଲା ହେ ବାପା
ପାନ ପତରରେ କି ଚୂନ ହେଲା ହେ ବାପା
ସେ ପାନ ଖଣ୍ଡରେ କି ମନ୍ତ୍ର କଲା ହେ ବାପା
ପାନ ଖାଇ ତୁମେ ଭୁଲିତ ଗଲେ ହେ ବାପା"॥

କନ୍ୟା ତା'ର ମା'କୁ ଲକ୍ଷ୍ୟ କରି ମଧ୍ୟ ହୃଦୟର କଥା ପାନ ମାଧ୍ୟମରେ ପ୍ରକାଶ କରିଥାଏ । ମା'ର ସ୍ନେହ, ଶ୍ରଦ୍ଧାକୁ ଭିତ୍ତି କରି ବଞ୍ଚିଥିବା କନ୍ୟା ବିବାହ ପରବର୍ତ୍ତୀ ଆଶଙ୍କାକୁ ପ୍ରକାଶ କରିଥାଏ । ପାନକୁ ମାଧ୍ୟମ ରୂପେ ବ୍ୟବହାର କରି ।

"ଅତି ସୁକୁମାରୀ ପାନ ପତର ଲୋ ବୋଉ
ଜରାଇଲ ତାକୁ ଚୂନ ସାଥିରେ ଲୋ ବୋଉ
ଖିଲିକାତି ଗୁଆ କାଟିଲା ପରି ଲୋ ବୋଉ
କାଟିବ ରାକ୍ଷସୀ ମୋହରି ଶିରୀ ଲୋ ବୋଉ"।

ବିଶେଷ କରି ପଲ୍ଲୀ ସଂଗୀତରେ ପାନ ସ୍ଥାନ ପାଇଥାଏ । ଆଶ୍ୱିନ ମାସର କୁମାର ପୂର୍ଣ୍ଣିମା ଅବକାଶରେ କୁମାରୀ ମାନଙ୍କ ସ୍ୱଲଳିତ ଗୀତରେ ପାନ ମଧ୍ୟ ସ୍ଥାନ ପାଇଥାଏ । ନୀଳ ଆକାଶ, ସୁରମ୍ୟ ପରିବେଶ ଓ ପାର୍ବଣ ମୂହୂର୍ତ୍ତରେ ଝିଅମାନେ ପୁଚି ଖେଳ ଗୀତରେ ପାନକୁ ସ୍ମରଣ କରିଥାନ୍ତି ।

"ପୁଚିଲୋ ଘୁଞ୍ଚିଯା ଓଳି ତଳେ ଲୁଚି ଯା
ମଇଁଷିଆ ଭାଇ କିଏରେ
ପାନ ବୋଡିକେ ଗୁଆ ବୋଡିକେ
ଭାଇଙ୍କୁ ସାଙ୍ଗରେ ନେ ରେ ॥
ଭାଇ ବସିଛନ୍ତି ଉଚ୍ଚ ପିଣ୍ଡାରେ
ଭଗାରୀ ବସିଛି ତଳେ
ପାନ ଖାଇ ପିକ ପକାଇ ଦେଲି
ପଡିଲା ଭଗାରି ଶିରେ" ॥

ପର୍ବ ସମୟରେ ଝିଅମାନେ ପରସ୍ପରକୁ ଖିଲିପାନ ଆଦାନ ପ୍ରଦାନ କରିବାର ପ୍ରଥା ଆମ ଓଡିଆ ସଂସ୍କୃତିରେ ପ୍ରଚଳିତ ଅଛି । ଦୋଳିରେ ବସି ଗୀତ ଗାଇବା ଏହି ପର୍ବର ମୂଖ୍ୟ ଆକର୍ଷଣ ଅଟେ । ରଜ ଦୋଳି ଗୀତରେ ପାନର ବହୁଳ ବର୍ଣ୍ଣନା ଦେଖିବାକୁ ମିଳେ ।

"ଉଇଁ ଆସେ ନୂଆ ଜହ୍ନ
ଚାଲ ଯିବା ମିଶି ନୂଆ ଖାଦାନ
ମୋ ବଉଲୋ ଲୋ
ଆମେ ସେଇଠି ଖାଇବା ପାନ" ॥

ଧୀବରଙ୍କ ରଚିତ ଓଡିଶାରେ ବହୁଳ ଆଦୃତ । "ଖୁଲଣା ସୁନ୍ଦରୀ" ପୁସ୍ତକରେ ହୃଦ୍ୟ ପାନର ଗାରିମା ଦେଖାଯାଏ । ପାନର ପ୍ରଚାର ଓ ପ୍ରସାର ଦୃତଗତିରେ ବୃଦ୍ଧି ପାଉଥିବାର ସୂଚନା ଉକ୍ତ କାବ୍ୟରେ

ଦେଖିବାକୁ ମିଳେ । ସବୁ ସମୟରେ ସମାଜରେ ଏହାର ଆଧିପତ୍ୟ ଥିଲା । ଏହା ନିଃସନ୍ଦେହ । ଉକ୍ତ ପୁସ୍ତକରେ ବର୍ଣ୍ଣିତ ଅଛି-

"ଭୋଜନ ସାରିଣ ରାଜା ଯେ ତାମ୍ବୁଳ କଲେ ସେବନ
ରତ୍ନପଲଙ୍କରେ ବସିଣ ହେଲେ କୋହତୁହଳ ମନ"॥

କିଛି ଅଞ୍ଚଳର ଲୋକ ସଂଗୀତ "ସଜନୀ ଗୀତ"ରେ ପାନର ଉପସ୍ଥିତି ଅତି ଚମତ୍କାର ଶୈଳିରେ ବର୍ଣ୍ଣିତ । ଅନେକ ଭାଷା, ସାହିତ୍ୟ, ଲୋକଗୀତରେ ପାନର ଆସ୍ଥାନ ସୁଦୃଢ଼ । ସମ୍ବଲପୁର ଅନେକ ଗୀତରେ ପାନର ଗୁରୁତ୍ୱ ରଖିଛି ।

"ମାଖନ ଧରିଲା କଷି
ପାନଖିଆ ମୁଖ ଯାଉଛି ଶୁଖି
ନିଲଜେ ଦେଉଛି ହସି"॥

ଉଇଲ ପର୍ବ ଗୀତରେ ପାନର ବର୍ଣ୍ଣନା ଦେଖିବାକୁ ମିଳେ । ପାନକୁ ଗୀତରେ ଉପସ୍ଥାପନ କରି ସମାଜର ବାସ୍ତବଚିତ୍ର ପ୍ରତିଫଳନ କରିବାରେ ତତ୍‌କାଳୀନ ପଲ୍ଲୀ କବିମାନେ ସିଦ୍ଧହସ୍ତ ।

ପୁରପଲ୍ଲୀରେ ବହୁଳ ପ୍ରଚାରିତ ଓ ପ୍ରସାରିତ ତଥା ପୂଜିତ ଶ୍ରୀ ଜଗନ୍ନାଥ ମେଳାର ମାହାତ୍ମ୍ୟରେ ପାନର ବର୍ଣ୍ଣନା ପ୍ରତୀୟମାନ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ଉଦ୍ଦେଶ୍ୟରେ ଆୟୋଜିତ ଏହି ପୂଜା ଆରାଧନାର ମୂଖ୍ୟ ଉପାଦାନ ମାନଙ୍କ ମଧ୍ୟରେ ପାନ ଅନ୍ୟତମ । ତ୍ରିନାଥ ମେଳା ବହିରେ ଉଲ୍ଲେଖ ଅଛି-

"ପାନ ସୁପାରି ପାହିକରେ
ମାଲପା ଏକ ଯେ ପାହିରେ
ଏହି ସଉଦା ଆମ୍ଭ ପାଇଁ
ଆଣିବୁ ଦ୍ୱିଜବର ତୁହି
ପାନ ସୁପାରୀ ସଜାଡିବ
ଆସ ହେ ତ୍ରିନାଥ ବୋଲିବ"॥

ସବାରୀ ବାହକମାନେ ସବାରୀରେ କନ୍ୟାକୁ ତା' ଶାଶୁ ଘରକୁ ନେବା ସମୟରେ ଅନେକ ଲୋକ ଗୀତର ଅବତାରଣ କରିଥାନ୍ତି । ଏହାକୁ ସବାରୀ ଗୀତ କୁହାଯାଏ । ବହନ ଜନିତ କଷ୍ଟ ଲାଘବ ନିମନ୍ତେ ସେମାନେ ସବାରୀ ଗୀତ ଗାଇଥାନ୍ତି । ସେଥିରେ ପାନର ପ୍ରାଧାନ୍ୟ ସ୍ପଷ୍ଟ ବାରି ହୋଇ ପଡେ ।

"ମଲାଶୁର ପୁଅ ଦିଅର ଲେଖା ଲୋ
ହଁ କୁଦା ବୋଲ
ବାଲେଶ୍ୱର ଗୁଣ୍ଡି ପାନରେ ଦେବୁଲୋ
ହଁ କୁଦା ବୋଲ
ବଡ ନଇ କୂଳ ବଡ ଉଠାଣୀ
ହଁ କୁଦା ବୋଲ
କେମିତି କାଢ଼ିବ ଗରାରେ ପାଣିଲେ
ହଁ କୁଦା ବୋଲ
ପାନ ଖାଇ ପିକ ଫୋପାଡୁ ଥିବୁ ଲୋ
ହଁ କୁଦା ବୋଲ
ପାନ ଭାଙ୍ଗୁଥିବୁ ଖିଲେଇ କରିଲେ
ହଁ କୁଦା ବୋଲ"॥

ଓଡିଆ କାବ୍ୟ କବିତାରେ ସୁନ୍ଦର ଭାବରେ ପାନର ବହୁଳ ବ୍ୟବହାର ଦେଖିବାକୁ ମିଳେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ପାନ ପ୍ରତି ସମାଜରେ କେତେ ଆଦର ଓ ଶ୍ରଦ୍ଧା ଭାବ ଥିଲା । ପ୍ରାଚୀନ ଓ ଆଧୁନିକ ଓଡିଆ ସାହିତ୍ୟରେ ପାନର ପ୍ରାଣସ୍ପର୍ଶୀ ବର୍ଣ୍ଣନା ପ୍ରଣିଧାନଯୋଗ୍ୟ । ଓଡିଆ ଜାତି ଓ ସାହିତ୍ୟରେ ଗୌରବ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନାବଳୀରେ ପାନର ମାହାତ୍ମ୍ୟ ବାଦ୍ ପଡିନାହିଁ । ତେଣୁ କବିଙ୍କ ଭାଷାରେ-

"ମଲ୍ଲୀମାଳ ଶ୍ୟାମକୁ ଦେବି
ମନ ତୋଷିବି
ସେ ଯେବେ କରିବେ ମାନ
ଭାଙ୍ଗି ଭୁଞ୍ଜାଇବି ପାନ"॥

ସାରଳା ମହାଭାରତର ସଭା ପର୍ବରେ ମଧ୍ୟ ପାନର ବ୍ୟବହାର ସମ୍ପର୍କରେ ଉଲ୍ଲେଖ ଅଛି । ବଳରାମ ଦାସଙ୍କ ବିରଚିତ ଜଗମୋହନ ରାମାୟଣର ସୁନ୍ଦରାକାଣ୍ଡରେ ପାନର ସୁନ୍ଦର ବର୍ଣ୍ଣନା ଦେଖିବାକୁ ମିଳେ । କବିସୂର୍ଯ୍ୟ ବଳଦେବ ରଥଙ୍କ ରତ୍ନାକର ଚମ୍ପୂରେ ପାନର ବର୍ଣ୍ଣନା ଦେଖିବାକୁ ମିଳେ ।

ସମୟର ଅନେକ ପଥ ଅତିକ୍ରମ କରି ପାନ ଆଜି ଆଧୁନିକ ଯୁଗରେ ପଦାର୍ପଣ କରିଛି । ଗୁଆ, ଗୁଣ୍ଡି, ଖଇର ସହିତ ଅନେକ ନୂତନ ମସଲାରେ ପାନ ଭରପୁର । ସୁଦାମ, ସୁରଭି, ଡିଲକ୍ସ, ଗୋପାଳ ଇତ୍ୟାଦି ମସଲା ଆଧୁନିକ ପାନରେ ଦେଖିବାକୁ ମିଳୁଛି । କେତେକ ଲୋକପ୍ରିୟ ଆଧୁନିକ ଗୀତ, ଲଘୁସଂଗୀତ, ଚଳଚ୍ଚିତ୍ର ଗୀତ ପାନକୁ କେନ୍ଦ୍ର କରି ରଚିତ ହୋଇଛି । ଓଡିଆ ଚଳଚ୍ଚିତ୍ରର ସୁନାମଧନ୍ୟ ନାୟକ, ନିର୍ଦ୍ଦେଶକ, ପ୍ରଯୋଜକ ପ୍ରଶାନ୍ତ

ନନ୍ଦ ଜଗାବଳିଆର ଚଳଚ୍ଚିତ୍ରର ଏକ ହାସ୍ୟରସାତ୍ମକ ଗୀତ ପାନକୁ ନେଇ ଆଧାରିତ ।

"ପାନ, ଗୁଅ. ଖଇର, ଗୁଆକାତି
ଭଲ ବ୍ୟବସାୟ ରାଜନୀତି"॥

ଅନେକ ଓଡିଆ ଚଳଚ୍ଚିତ୍ର ଗୀତରେ ପାନକୁ ସ୍ଥାନ ଦିଆଯାଇଛି । ପାନ ଭଲ ପାଇବାର ପ୍ରତୀକ । ଏହା ସ୍ନେହ, ଶ୍ରଦ୍ଧା, ପ୍ରେମ, ଆଦର ଓ ସମ୍ମାନର ସଂଙ୍କେତ । ପାନ ଅଟେ ମନ କିଣାବିକାର ମାଧ୍ୟମ, ପ୍ରେମୀ ଯୁଗଳମାନଙ୍କ ପାଇଁ ଏହାର ପ୍ରତୀକ ଅତିପ୍ରୀୟ । ତେଣୁ ଏକ ଆଧୁନିକ ଗୀତରେ ଉଲ୍ଲେଖ ଅଛି-

"ଯାଆ ଯାଆ ରେ ଡହରା ଟୋକା
ଦେଏନା ମତେ ପାନ
ପାନ ଦେଇକି ଭାବିଛୁ ସତେ
ନେଇଯିବୁ କି ମୋର ମନ"॥

ବନ୍ଧୁତ୍ୱ ଓ ସମ୍ପର୍କର ନିଦର୍ଶନ ଅଟେ । ପାନକୁ କେନ୍ଦ୍ର କରି ଅନେକ ଗୀତ ରଚିତ । ଲୋକଗୀତର ଆରମ୍ଭ କରି ଆଧୁନିକ ଗୀତ ପର୍ଯ୍ୟନ୍ତ ପ୍ରତ୍ୟେକରେ ପାନର ଆଧିପତ୍ୟ ରହିଛି । ପାନକୁ ନେଇ ରଚିତ ଗୀତ ଲୋକପ୍ରିୟତା ଅର୍ଜନ କରିବା ସହିତ ବ୍ୟବସାୟୀଙ୍କ ସଫଳତା ପାଇଛି । ତେଣୁ ଉଦାହରଣ-

"ରେ ପାନବାଲା ବାବୁ
ପାନ ଖଣ୍ଡକୁ କେତେ ନବୁ" ॥

ଲୋକମାନସରେ ଆଦୃତ ଲାଭ କରିଥିବା ଅଧିକାଂଶ ଆଧୁନିକ ଗୀତ ପାନ ଉପରେ ଆଧାରିତ । ପାନ ଆଧାରିତ ଗୀତ ପ୍ରେମ, ପ୍ରଣୟ ଓ ବିରହକୁ ନେଇ ସମୃଦ୍ଧ । ପାନରେ ଥାଏ ଉନ୍ମାଦନା, ଉତ୍ସାହ ଓ ଭଲ ପାଇବାର ପ୍ରତିଶ୍ରୁତି । ତେଣୁ ଏକ ଆଧୁନିକ ଗୀତ ଅଛି:-

" ହଳଦୀ ମୁହଁ ଲୋ ସଜନା ଛୁଇଁ
ଝିଅ ନୁହେଁ ତୁ ମଲ୍ଲୀ ଅତର
ପାନ ପତର...ପାନ ପତର
ଏହି ସନେ ହେବ ମତେ ଅଠର, ତୋତେ ସତର" ॥

ପାନକୁ କେନ୍ଦ୍ରକରି ରଚିତ ପ୍ରାଚୀନ ଓ ଆଧୁନିକ ଗୀତ ମନ, ପ୍ରାଣରେ ଉଦ୍ଦିପନା, ପୁଲକର ରଙ୍ଗ ଭରିଦେଇଥାଏ । ସୃଜନ ଶକ୍ତିର ବିକାଶରେ ପାନର ଭୂମିକା ପ୍ରଣିଧାନଯୋଗ୍ୟ ।

**ଇତିହାସ ବିଭାଗ, ସନାତନ ହରିଚନ୍ଦନ ମହାବିଦ୍ୟାଳୟ,**
**ସଦନପୁର, ଖୋର୍ଦ୍ଧା-୭୫୨୦୫୪**

POWER HOUSE
DISTRIBUTOR
LUMINOUS, EXIDE, AMCO
MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



IBMS No.1 INSTITUTE
IBM'S
SINCE-2005
BANK
PO/CLERK
SSC
+2/GRADUATE
RLY
Tech./Non Tech.
OAS
BED
CALCULATE 763X592 IN SECONDS
Charge your Brain
With the power of VEDIC MATHS.
Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190
0671-6540190 M-9238500190
Register Your Name For Free Class
All India Topper
Lopa Mudra Mohanty
EXCLUSIVE FEATURES
COMPLETE SIGN-UP SYSTEMS
ENTRY BY 20 MINUTE PRE INTERVIEW & FREE CLASSES
WITH YOU SCORING OF 65%
STUDENT FORUM CLASSES
COMMON TEST STARTS FROM THE DATE OF ENTRY WITH COMPLETE EXPLANATION.
101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%
"I Get 6 job in 7 Month" Joined IOB PO. Calcutta.
Ankita Bhawani
Indian Overseas Bank PO
NARESH BARIK
VIJAYA BANK PO
Ruchi Smita Behera
Corporation Bank
Sandeep Mohanty
Bank Of India PO
Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)
IBM'S
CHANDI CHHAK & PALAMANDAP(Near Barabati Gas)CTC


CBSE XII
2018 RESULT
ROUT CLASSES
For Mathematics
MATH SCORE 98/100 Akankshya Baisakh DAV PUBLIC SCHOOL, CDA, Cuttack
MATH SCORE 96/100 Sidhartha DAV, Chandrasekharpur, BBSR
MATH SCORE 95/100 Amit Pradhan DAV Public School, CDA, Cuttack
MATH SCORE 94/100 Madhusmita Agasti DAV PUBLIC SCHOOL, CDA, Cuttack
MATH SCORE 91/100 Nitu Mohapatra
MATH SCORE 90/100 Sarthak Satapathy Mother's Public School, BBSR
MATH SCORE 89/100 Triparna Mishra Delhi Public School
MATH SCORE 89/100 Bidyut DAV Public School, Unit-8, BBSR
MATH SCORE 83/100 Namrata Jena
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ